RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 44 ◆ISSUE-34 ◆TUESDAY ◆28 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୪ ◆ମଙ୍ଗଳବାର ◆୨୮ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ସରିଲା ଶ୍ରୀଗୁଣ୍ଡିଚା ଯାତ୍ରା

## ରତ୍ନବେଦୀରେ ମହାବାହୁ



■ ପୁରୀ, ୨୭।୭ (ସମିସ): ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୯ ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ମଙ୍ଗଳବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହୋଇଉଠିବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

**ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ**

**ଆଜିଠୁ ମିଳିବ ନୀଳାଚଳ ଅବଢ଼ା, ଶ୍ରୀମନ୍ଦିରରେ ଲାଗିବ ଗହଳଚହଳ**

ଜୁଲାଇ ୧୬ରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ ଦାରୁବିଗ୍ରହ। ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ଏବେ ରତ୍ନସିଂହାସନକୁ ବିଜେ କରିଛନ୍ତି ମହାପ୍ରଭୁ। ସୋମବାର ନୀଳାଦ୍ରି ବିଜେ ପାଇଁ ସକାଳ ୮ଟା ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅବକାଶ, ଗୋପାଳ ବଲ୍ଲଭ ଓ ସକାଳଧୂପ ପୂର୍ବାହ୍ନ ୧୧ଟା ୪୫ରେ ବଢ଼ିଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ନୀତି ଚାଲିଥିଲା। ଅପରାହ୍ନ ୨ଟା ୩୦ସୁଦ୍ଧା ମଧ୍ୟାହ୍ନ ଧୂପ ସରିଥିଲା। ନୀତି ତ୍ୱରାନ୍ୱିତ କରାଯାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟା ଧୂପ ନୀତି ଅପରାହ୍ନ ୫ଟା ୧୦ରେ ସରିଥିଲା। ଅପରାହ୍ନ ୩ଟାରୁ ୩ଟା ୧୫ରେ ସନ୍ଧ୍ୟା ଆଳତି ▶ପୃଷ୍ଠା-୭

ନିଟ୍ ବିଭ୍ରାଟ, ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ

# ଷଷ୍ଠ ଦିନରେ ବି ସଂସଦ ଅଚଳ

■ ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ଗତ ୨୦ ତାରିଖରେ କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ

**ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ୍ ଆଗତ, ଆଜି ହୋଇପାରେ ଆଲୋଚନା**



ମାଡ଼ କରିବା ଲାଗି କିଏ ଅନୁମତି ଦେଇଥିଲା? ବିରୋଧୀ ଦଳ ଆଜି ସଂସଦର ଉଭୟ ଗୃହରେ ଏହି ପ୍ରଶ୍ନ ଉଠାଇବା ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଉତ୍ତର ଦାବି କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ୍ ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା ହୋଇପାରି ନାହିଁ। ଫଳରେ ଚଳିତ ମୌସୁମୀ ଅଧିବେଶନରେ କ୍ରମାଗତ ଷଷ୍ଠ ଦିନ ଧରି ସଂସଦ ଅଚଳ ରହିଛି। ତେବେ ଆସନ୍ତାକାଲି ଏହି ବିଲ ଉପରେ ଆଲୋଚନା ପାଇଁ ସମସ୍ତ ଦଳ ରାଜି ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଆଜି ସଂସଦ ଆରମ୍ଭ ହେବାମାତ୍ରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପ୍ରବଳ ହଟ୍ଟଗୋଳ କରିଥିଲେ। ରାଜ୍ୟସଭାରେ ହଟ୍ଟଗୋଳ ଚାଲିଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ବିରୋଧୀ ଦଳ ଆଲୋଚନା କରିବାକୁ ଚାହୁ ନାହାନ୍ତି। ଏହି ସମୟରେ କଂଗ୍ରେସ ନେତା ମଲ୍ଲିକର୍ଜୁନ ଖଡ଼ଗେ କହିଥିଲେ ଯେ ସେମାନେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭

## କେବଳ ଆନ୍ଦୋଳନ ପାଇଁ ଲାଠିମାଡ଼ କରାଯାଇପାରିବନି

■ ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଦେଶସାରା ଚାଲିଥିବା ଛାତ୍ର ଆନ୍ଦୋଳନ ସମୟରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ଓ ଲାଠିଚାଳନାକୁ ନେଇ ସୁପ୍ରିମ କୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ କେବଳ ଆନ୍ଦୋଳନ କିମ୍ବା ପ୍ରତିବାଦ ହେଉଛି ବୋଲି ପୁଲିସ ଲାଠିଚାଳନା କରିପାରିବ ନାହିଁ।



ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଦେଶର ବିଭିନ୍ନ ଭାଗରେ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଆଗତ ଆବେଦନଗୁଡ଼ିକର ଶୁଣାଣି ସମୟରେ ଏହି ଟିପ୍ପଣୀ ଦେଇଛନ୍ତି। ନୂଆଦିଲ୍ଲୀର ଯନ୍ତର ମନ୍ତରରେ ନିଟ୍ ପରୀକ୍ଷା ଅନିୟମିତତା ବିରୋଧରେ ହୋଇଥିବା ପ୍ରତିବାଦ ଏବଂ ବିହାରର ସିୱାନରେ ଏକେ-୪୭ ରାଇଫଲ ବ୍ୟବହାର ଭଳି ଅଭିଯୋଗକୁ ନେଇ କୋର୍ଟରେ ନୂଆ ପିଟିସନ ଦାଖଲ କରାଯାଇଥିଲା। ଶୁଣାଣି ସମୟରେ ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ପ୍ରତ୍ୟେକ ▶ପୃଷ୍ଠା-୭

ନିଟ୍ ପରେ ଏବେ ବହି ତ୍ରୁଟି

# ଦାନା ବାନ୍ଧିଲା ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା

■ ଭୁବନେଶ୍ୱର, ୨୭।୭ (ସମିସ): ରାଜ୍ୟର ସରକାରୀ ସ୍କୁଲ ପାଇଁ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକରେ ତ୍ରୁଟି ଧରାପଡ଼ିବା ଘଟଣାକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହୋଇଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସିଧାସଳଖ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ନିଶାଣ କରିଛନ୍ତି। ଛାତ୍ର ଓ ଯୁବବିଜେଡି ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରୁଛି, ଅନୁରୂପ ଭାବରେ କଂଗ୍ରେସ ମଧ୍ୟ ପଢ଼ାବହିରେ

**ଓଡ଼ିଶାରେ ୫୫ଟି ପାଠ୍ୟ ପୁସ୍ତକରେ ଚିହ୍ନଟ ହୋଇଛି ତ୍ରୁଟି: କେନ୍ଦ୍ର ସରକାର**

ତ୍ରୁଟିକୁ ନେଇ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛି। ନିଟ୍ ବିଭ୍ରାଟ ଓ କକ୍ରୋଚ୍ ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ଏବେ ଓଡ଼ିଶାରେ ପାଠ୍ୟପୁସ୍ତକ ବିଭ୍ରାଟ ପ୍ରସଙ୍ଗରେ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ପଦ ଛାଡ଼ିବାକୁ ବିରୋଧୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଆ ବହିରେ ଏହି ତ୍ରୁଟିକୁ ପ୍ରସଙ୍ଗ ଏବେ କେବଳ ରାଜ୍ୟମଧ୍ୟରେ ସୀମିତ ନାହିଁ। ପୂର୍ବରୁ ଜାତୀୟ ଗଣମାଧ୍ୟମରେ ଏହି ପ୍ରସଙ୍ଗରେ ଓଡ଼ିଶା ନିନ୍ଦିତ ହୋଇଥିବାବେଳେ ଆଜି ସଂସଦରେ ମଧ୍ୟ ଓଡ଼ିଶାରେ ପଢ଼ା ବହିରେ ତ୍ରୁଟି ପ୍ରସଙ୍ଗ ଉତ୍ଥାପିତ ହୋଇଛି।

ଲୋକସଭାରେ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏ ସଂକ୍ରାନ୍ତରେ ପ୍ରକାଶ କରିଥିବା ଉଦ୍‌ବେଗକୁ ଲକ୍ଷ୍ୟ କରି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ଯେ ▶ପୃଷ୍ଠା-୭

## ବିଶ୍ୱାସ ଭାଙ୍ଗିଛି ଶିକ୍ଷା ବିଭାଗ: ନବୀନ

■ ଭୁବନେଶ୍ୱର, ୨୭।୭ (ସମିସ): ରାଜ୍ୟରେ ପ୍ରଥମରୁ ଅଷ୍ଟମ ସ୍କୁଲ ପାଠ୍ୟପୁସ୍ତକରେ ୧୭୬୭ ମୁଦ୍ରଣ ଜନିତ ତ୍ରୁଟି ନେଇ ବିଜେଡି ପକ୍ଷରୁ ଲଗାତାର ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇ ଆସୁଛି। ଏହି କ୍ରମରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରିବା ଉଚିତ୍ ବୋଲି ଟିପ୍ପଣୀ ଦେବା ପରେ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫାକୁ ନେଇ ଦାବି ତୀବ୍ରତର ହୋଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି, ଶିକ୍ଷା ବ୍ୟବସ୍ଥା ପ୍ରତି ବିଶ୍ୱାସ ଭାଙ୍ଗି ଦେଇଛି। ତେଣୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦେଇ ଦେବା ଉଚିତ। ରାଜ୍ୟର



**ତୁରନ୍ତ ଇସ୍ତଫା ଦିଅନ୍ତୁ ଗଣଶିକ୍ଷାମନ୍ତ୍ରୀ**

ଏହି ସ୍ପର୍ଶକାତର ପ୍ରସଙ୍ଗରେ ସରକାର ଅତ୍ୟନ୍ତ ହାଲୁକା ତଥା ଖାମଖିଆଲି ମନୋଭାବ ପୋଷଣ କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇ ଆସୁଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି କରି ଅଭିଭାବକ, ସାମାଜିକ ସଂଗଠନ ତଥା ରାଜନୈତିକ ଦଳ ▶ପୃଷ୍ଠା-୭

# ସିଜେପିର ଧମକ ପରେ ଦିଲ୍ଲୀରେ ହାଇଆଲର୍ଟ

**କେନ୍ଦ୍ରକୁ ୨୪ ଘଣ୍ଟାର ମହଲତ**

**ପ୍ରତିଶ୍ରୁତି ସତ୍ତ୍ୱେ ବିହାର, ଆସାମ, ପଶ୍ଚିମବଙ୍ଗରେ ଦମନଲୀଳା ଜାରି**

■ ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ହୋଇଥିବା ଆନ୍ଦୋଳନରେ ସାମିଲ କୌଣସି ଆନ୍ଦୋଳନକାରୀ କିମ୍ବା ସଂଗଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବନାହିଁ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ସମ୍ମାନ ଜଣାଉ ନାହାନ୍ତି

**ଧମକ ପରେ ନରମିଲେ ବିହାର ସରକାର**

ବୋଲି ଅଭିଯୋଗ କରିଛି କକ୍ରୋଚ୍ ଜନତା ପାର୍ଟି(ସିଜେପି)। ଫଳରେ ପୁଣିଥରେ ଆନ୍ଦୋଳନ ପାଇଁ ଧମକ ଦେଇଛି ସିଜେପି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଦିଲ୍ଲୀରେ ହାଇଆଲର୍ଟ ଜାରି କରାଯାଇଛି।

ସିଜେପି କହିଛି, କେନ୍ଦ୍ରର ପ୍ରତିଶ୍ରୁତି ସତ୍ତ୍ୱେ ବିହାର, ପଶ୍ଚିମ ବଙ୍ଗ ଏବଂ ଆସାମ ସମେତ ଅନେକ ବିଜେପି ଶାସିତ ରାଜ୍ୟରେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଶହଶହ ଆନ୍ଦୋଳନକାରୀଙ୍କୁ ▶ପୃଷ୍ଠା-୭






**ଗଭୀର ହେଲା ଅବପାତ**

## ଆଜି ୧୬ ଜିଲ୍ଲାରେ ଛେଚିବ

■ ଭୁବନେଶ୍ୱର, ୨୭।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଅବପାତ ସୋମବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଗଭୀର ଅବପାତଟି ଘଣ୍ଟାପ୍ରତି ୩ କିଲୋମିଟର ବେଗରେ ଧୀରେ ଧୀରେ ଉତ୍ତର ଦିଗ ଆଡ଼କୁ ହୋଇଛି। ଏହାର ପ୍ରଭାବରେ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରିଛି ପାଣିପାଗ କେନ୍ଦ୍ର । ସୂଚନା ଅନୁଯାୟୀ ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ସହିତ ଏହି ଜିଲ୍ଲାଗୁଡ଼ିକରେ ▶ପୃଷ୍ଠା-୭

## ପରଲୋକରେ ସୁଶାନ୍ତ ସିଂହ

■ ଭୁବନେଶ୍ୱର, ୨୭।୭ (ସମିସ): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କର ରବିବାର ରାତିରେ ପରଲୋକ ଘଟିଛି। କିଛିଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ସକାଳୁ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଶଙ୍ଖ ଭବନରେ ତାଙ୍କ ପାର୍ଥିବ ଶରୀରକୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ▶ପୃଷ୍ଠା-୭



**ସମଗ୍ର ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି: ନବୀନ**

# ପ୍ରକୃତି ସଂରକ୍ଷଣ ଦିବସରେ 'ସକାଳ'ର ସବୁଜ ଅଭିଯାନ

**ରାଜ୍ୟର ବିଭିନ୍ନ ସହରରେ ମାଗଣାରେ ବଣ୍ଟାଯିବ ଗଛ ଚାରା**

■ ଭୁବନେଶ୍ୱର (ସମିସ): ଜଳବାୟୁ ପରିବର୍ତ୍ତନ, ଅସହ୍ୟ ଗ୍ରୀଷ୍ମପ୍ରବାହ, ବନାଞ୍ଚଳ ହ୍ରାସ ଏବଂ ପରିବେଶ ପ୍ରଦୂଷଣ ଭଳି ବଢ଼ୁଥିବା ଚ୍ୟାଲେଞ୍ଜ ମଧ୍ୟରେ ଆସନ୍ତାକାଲି ପାଳନ ହେବ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' । ଏହି ଅବସରରେ ରାଜ୍ୟର ଅଗ୍ରଣୀ ଅଗ୍ରଣୀ ସମ୍ବାଦପତ୍ର 'ସକାଳ' ପକ୍ଷରୁ ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକ ବ୍ୟାପକ ସବୁଜ ଅଭିଯାନର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, ଭବାନୀପାଟଣା, ନୟାଗଡ଼ ଓ ପାରାଦ୍ୱୀପ ସମେତ



ରୋପଣ କରି ସବୁଜିମା ବଢ଼ାଇବାକୁ ଆହ୍ୱାନ ଦିଆଯିବ। ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ, ରସୁଲଗଡ଼ ରହେମାନ ପେଟ୍ରୋଲ ପମ୍ପ ଏବଂ ୟୁନିଟ୍–୨ରେ ଅନୁଷ୍ଠିତ ହେବ। 'ସକାଳ'ର କର୍ମକର୍ତ୍ତା, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ପରିବେଶପ୍ରେମୀମାନେ ଏଥିରେ ସାମିଲ ହେବେ। 'ଗୋଟିଏ ଗଛ – ଗୋଟିଏ ଜୀବନ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଅଭିଯାନରେ ଅଧିକରୁ ଅଧିକ ଲୋକଙ୍କ ସହଭାଗିତା ପାଇଁ 'ସକାଳ' ପକ୍ଷରୁ ଆହ୍ୱାନ କରାଯାଇଛି। ବୃକ୍ଷରୋପଣ କେବଳ ପରିବେଶ ସୁରକ୍ଷା ନୁହେଁ, ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଢ଼ିବାର ସଙ୍କଳ୍ପକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ 'ସକାଳ' ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି।

## ସମ୍ଭାବ୍ୟ ବର୍ଷାର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ସତର୍କତା ଓ ତ୍ୱରିତ ରିଲିଫ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୭(ସମିସ): ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ୨୪ ଘଣ୍ଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ



ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଗଭୀର ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଜୁଲାଇ ୨୭ ତାରିଖ ଅପରାହ୍ନରେ ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି ଏବଂ ଏପର୍ଯ୍ୟନ୍ତ କୌଣସି ଜିଲ୍ଲାରୁ ବଡ଼ ଧରଣର ବର୍ଷାଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା, ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ସ୍ନିଗ୍ଧା ଚମ୍ପତିରାୟ, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ୟା ପରିଚାଳନା ପ୍ରକଳ୍ପ

# ରାଜ୍ୟ ଦେଇନାହିଁ କୌଣସି ନୂଆ ପ୍ରସ୍ତାବ

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ଓ ନଦୀ କୂଳ କ୍ଷୟରୋକିବା ପାଇଁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ୬୮ଟି ବନ୍ୟା ପରିଚାଳନା ପ୍ରକଳ୍ପକୁ ମଞ୍ଜୁରି ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ୧୧୯.୪୨ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଛି। ଲୋକସଭାରେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ଏହି ସୂଚନା ଦେଇଛନ୍ତି।

**୬୮ଟି କୁ କେନ୍ଦ୍ରର ମଞ୍ଜୁରି, ଅନୁଦାନ ମିଳିଛି ୧୧୯.୪୨ କୋଟି**

ମନ୍ତ୍ରୀ କହିଛନ୍ତି ଯେ, ବନ୍ୟା ପରିଚାଳନା ଓ ନଦୀ କୂଳ ସୁରକ୍ଷା ପ୍ରକଳ୍ପ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। କେନ୍ଦ୍ର ସରକାର ଫ୍ଲଡ୍ ମ୍ୟାନେଜମେଣ୍ଟ ଆଣ୍ଡ ବର୍ଡର ଏରିଆଜ୍ ପ୍ରୋଗ୍ରାମ୍ ଯୋଜନା ମାଧ୍ୟମରେ ବନ୍ୟା ନିୟନ୍ତ୍ରଣ, ନଦୀ କୂଳ କ୍ଷୟ ରୋକିବା, ଜଳ ନିଷ୍କାସନ ବ୍ୟବସ୍ଥାର ବିକାଶ ଏବଂ ସମୁଦ୍ର ଉପକୂଳ ସୁରକ୍ଷା ଭଳି କାର୍ଯ୍ୟ ପାଇଁ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଲୋକସଭାରେ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ, ବର୍ତ୍ତମାନ ଏହି ଯୋଜନା ଅଧୀନରେ ଓଡ଼ିଶାରେ କୌଣସି ବନ୍ୟା ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ ଅବସ୍ଥାରେ ନାହିଁ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପଠାଯାଇଥିବା କୌଣସି ନୂଆ ପ୍ରସ୍ତାବ ମଧ୍ୟ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ।

# ୪ କେଜି ନକଲି ସୁନା ଜବତ; ୨ ଗିରଫ

ଭୁବନେଶ୍ୱର,୨୬।୭(ସମିସ): ନକଲି ସୁନା ଚେନ୍ ବିକ୍ରି କରି ଲୋକଙ୍କୁ ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୁଲିସ ୨ମରାଠୀ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଗଣେଶ ସୋଲଙ୍କୀ ଓ ଲକ୍ଷ୍ମୀ ସୋଲାଙ୍କୀ। ଉଭୟଙ୍କ ଠାରୁ ୪କେଜି ଓଜନର ୧୪ନକଲି ସୁନା ଚେନ ଜବତ କରାଯାଇଛି। ଜଣେ ବ୍ୟକ୍ତିଙ୍କୁ ୪୫ହଜାରରେ ଗୋଟିଏ ଚେନ୍ ବିକ୍ରି କରୁଥିଲା ବେଳେ ସେମାନେ ଧରାପଡ଼ିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଆଇଆରସି ଭିଲେଜସ୍ଥିତ ଏନ-୩/୪୦ ରେ ରୁହନ୍ତି। ସୋମବାର ସକାଳ ପ୍ରାୟ ୭ଟା ସମୟରେ ସେ ଜୟଦେବ ବିହାର ଛକ ନିକଟରେ ଥିବା ବେଳେ ହିନ୍ଦୀ ଭାଷା କହୁଥିବା ଜଣେ ପୁରୁଷ ଓ ଜଣେ ମହିଳା ତାଙ୍କ ନିକଟକୁ ଆସି ଏକ ସୁନା ଚେନ୍ କିଣିବା ଲାଗି ତାଙ୍କୁ ଅନୁରୋଧ କରିଥିଲେ। ସେମାନଙ୍କ ଜଣେ ସମ୍ପର୍କୀୟ ଅସୁସ୍ଥ ଥିବା ହେତୁ ଜରୁରୀ ଚିକିତ୍ସା ଲାଗି ଟଙ୍କା ଦରକାର ଥିବା କହି ସେମାନେ ଚେନ୍‌ଟିକୁ କମ୍ ଦାମରେ ବିକ୍ରି କରୁଥିବା ପ୍ରକାଶ କରିଥିଲେ। ସେମାନଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ୪୫ ହଜାର ଟଙ୍କା ଦେଇ ଚେନ୍‌ଟିକୁ କିଣିଥିଲେ। ସେମାନଙ୍କ ପାଖରେ ବିକ୍ରି ପାଇଁ ଏପରି ଅନେକ ସୁନା ଚେନ୍ ରହିଥିବା ଅଭିଯୁକ୍ତମାନେ ତାଙ୍କୁ କହିଥିଲେ। ପରେ ଅଭିଯୋଗକାରୀ ଘରକୁ ଯାଇ ଚେନ୍‌ଟିକୁ ଯାଞ୍ଚ କରିବା ପରେ ତାହା ଏକ ନକଲି ଚେନ୍ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଜୟଦେବବିହାର ଆସି ଉଭୟ ଅଭିଯୁକ୍ତଙ୍କୁ ଖୋଜଖୋଜି କରିଥିଲେ ମଧ୍ୟ ଆଉ ସେମାନଙ୍କୁ ପାଇନଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରୁଥିବା ବେଳେ, ଉଭୟ ଅଭିଯୁକ୍ତ ଆଇଡି ମାର୍କେଟ ନିକଟରେ ନକଲି ସୁନା ଚେନ ବିକ୍ରି ପାଇଁ ଗ୍ରାହକ ସଂଗ୍ରହ କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ମିଳିଥିବା ଏହି ସୂଚନା ଆଧାରରେ ପୁଲିସ ଘଟଣା ସ୍ଥଳରେ ଅତର୍କିତ ଚଢଉ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୪ ଗୋଟି ନକଲି ସୁନାଚେନ ଏବଂ ୪୫ ହଜାର ଟଙ୍କା ଜବତ କରିଥିଲେ।



ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ନବୀନ ପଟ୍ଟନାୟକ



ବିଧାନସଭା ପରିସରରେ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

# ଅଗଷ୍ଟ ୧ରୁ ଖୋଲିବ ଭିତରକନିକା

ରାଜନଗର,୨୭।୭(ସମିସ): ପ୍ରକୃତିର ଗନ୍ତାଘର ଭିତରକନିକା ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ୩ ମାସ ଧରି ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲ ପାଉଥିବା ଲୋକେ ମିନି-ଆମାଜନ୍ ଭିତରକନିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ଭିତରକନିକାରେ ବଉଳା କୁମ୍ଭୀର, ୫ ପ୍ରଜାତିର ଡଲଫିନ, ଅଲିଭ୍‌ରିଡ୍‌ଲେ କଇଁଛ, ସଂଖ୍ୟାଧିକ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖିବାକୁ ମିଳେ। ସେହିପରି ହେନ୍ତାଳ ବଣ ସହ ୭୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ଏବେ ବର୍ଷାଋତୁରେ ହଜାର ହଜାର ସଂଖ୍ୟାରେ ଦେଶୀୟ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି।

## ଖଣି ଅଧିକାରୀଙ୍କୁ ଥାନାରେ ଅଟକ ଘଟଣା

# ଆର୍‌ଡିସି ତଦନ୍ତ ପାଇଁ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ବାରିପଦା, ୨୭।୭(ସମିସ): ଓଡ଼ିଶା ସରକାରଙ୍କ ଷ୍ଟିଲ୍ ଓ ମାଇନ୍ସ ବିଭାଗ ପକ୍ଷରୁ ଉଦଳା ଥାନାରେ ଖଣି ଅଧିକାରୀଙ୍କୁ ଅଟକ ରଖାଯିବା ଅଭିଯୋଗକୁ ନେଇ ପ୍ରଶାସନିକ ତଦନ୍ତ ଆରମ୍ଭ କରାଯାଇଛି। ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂହ କେନ୍ଦ୍ରୀୟ ବିଭାଗର ରାଜସ୍ୱ ବିଭାଗୀୟ କମିଶନର(ଆରଡିସି)ଙ୍କୁ ପତ୍ର ଲେଖି ଏହି ଘଟଣାର ବିସ୍ତୃତ ତଦନ୍ତ କରି ଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଚୁଲିଆପୋଷିଠାରେ ମାଇନିଂ ସ୍କ୍ୱାଡ ଏକ ବାଲିବୋଝେଇ ଟ୍ରାକ୍ଟର (ଓଡି ୧୧ଭି ୭୮୭୫)କୁ ବେଆଇନ ଭାବେ ପରିବହନ ଅବସ୍ଥାରେ ଧରିଥିଲେ। ଏହି ଟ୍ରାକ୍ଟରରେ ବୈଧ ଇ-ଟ୍ରାଞ୍ଜିଟ୍ ପାସ୍ ନ ଥିଲା। ଉଦଳା ପୁଲିସ୍ ସହାୟତାରେ ଉକ୍ତ ଟ୍ରାକ୍ଟରକୁ ଥାନାକୁ ନିଆଯାଇଥିଲା। ଏହି ସମୟରେ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ଓ ଖଣି ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଜବତ ବାଲି ବୋଝେଇ ଟ୍ରାକ୍ଟର ସହିତ ଡାକିଥିଲେ ଏବଂ ଖଣି ଅଧିକାରୀଙ୍କୁ ଥାନାରେ ଅଟକ ରଖିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଟ୍ରାକ୍ଟରକୁ ଛାଡ଼ି ଦେଇଥିଲେ। ଉପଜିଲ୍ଲାପାଳଙ୍କ ଯୁକ୍ତି ଥିଲା ଯେ ଉଦଳା ଉପଖଣ୍ଡ ଅଞ୍ଚଳରେ ତାଙ୍କ ପୂର୍ବାନୁମତି ବିନା ଏନଫୋର୍ସମେଣ୍ଟ କାର୍ଯ୍ୟ କରାଯାଇଛି। ଷ୍ଟିଲ୍ ଓ ମାଇନ୍ସ ବିଭାଗ ଏହାକୁ ସମ୍ପୂର୍ଣ୍ଣ ଅନୁଚିତ ଓ ସବ୍‌କଲେକ୍ଟରଙ୍କ ପକ୍ଷରୁ ଗୁରୁତର ଅସଦାଚରଣ ବୋଲି ବର୍ଣ୍ଣନା କରିଛି। ବିଭାଗ କହିଛି ଯେ, ନିଜ ବୈଧ କର୍ତ୍ତବ୍ୟ ପାଳନ କରୁଥିବା ସମୟରେ ଖଣି ଅଧିକାରୀଙ୍କୁ ଅଟକ ରଖିବା ଅତ୍ୟନ୍ତ ଅନୁଚିତ। ଏହି ଘଟଣା ଗୁରୁତର ପ୍ରଶାସନିକ ଚିନ୍ତାର ବିଷୟ ବୋଲି ବିବେଚନା କରି ରାଜସ୍ୱ ବିଭାଗୀୟ କମିଶନରଙ୍କୁ ୧୦ ଦିନ ମଧ୍ୟରେ ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପତ୍ରକୁ ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏହି ପତ୍ରର ଏକ ନକଲ ସାଧାରଣ ପ୍ରଶାସନ ଓ ପବ୍ଲିକ୍ ଗ୍ରିଭାନ୍ସ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ଓଡ଼ିଶାର ଡାଇରେକ୍ଟର ଅଫ୍ ମାଇନର୍ ମିନରାଲ୍ସଙ୍କ ନିକଟକୁ ମଧ୍ୟ ପଠାଯାଇଛି।

**ଅଣ୍ଡା ତରକାରୀରୁ ବାହାରିଲା ମଲା ଝିଟିପିଟି**

# ୩୩ ଛାତ୍ରଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି

ଡେଲାଙ୍ଗ,୨୭।୭(ସମିସ): ଡେଲାଙ୍ଗ ବ୍ଲକ୍ ଅରାଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ୩୩ ଛାତ୍ରଛାତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପିଲାଙ୍କ ମଧ୍ୟାହ୍ନଭୋଜନ ଅଣ୍ଡା ତରକାରୀରେ ଏକ ଝିଟିପିଟି ପଡ଼ି ମରିଯାଇଥିବାରୁ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅରାଗଡ଼ ବିଦ୍ୟାଳୟରେ ମୋଟ୍ ୭୯ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରତିଦିନ ଭଳି ସୋମବାର ମଧ୍ୟ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିଲେ। ବିଦ୍ୟାଳୟରେ ରନ୍ଧା ଯାଇଥିବା ଅଣ୍ଡା ତରକାରୀକୁ ପ୍ରଥମ ପର୍ଯ୍ୟାୟରେ ୩୩ ପିଲାଙ୍କୁ ବିତରଣ କରାଯାଇଥିଲା। ପିଲାମାନେ ଅଧା ଖାଦ୍ୟ ଖାଇସାରିଥିବା ବେଳେ ଜଣକ ଥାଳିରୁ ଗୋଟିଏ ମୃତ ଝିଟିପିଟି ବାହାରିଥିଲା। ସେମାନଙ୍କ ମଧ୍ୟରୁ ଅନେକ ପିଲା ସେହି ବିଷାକ୍ତ ଖାଦ୍ୟ ଖାଇଦେଇଥିଲେ। ବିଷାକ୍ତ ଖାଦ୍ୟ ଖାଇଥିବା ୬ରୁ ଉର୍ଦ୍ଧ୍ୱ ପିଲାଙ୍କର ବାନ୍ତି ହେବା ସହିତ ପେଟରେ ଯନ୍ତ୍ରଣା ଅନୁଭୂତ ହୋଇଥିଲା। ପରେ ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଥିବା ବିଦ୍ୟାଳୟ ଓ ବ୍ଲକ୍ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଚେତା ପଶିଥିଲା। ଏହାପରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ବିଳମ୍ବରେ ଆମ୍ବୁଲାନ୍ସ ଯୋଗେ ଉକ୍ତ ଖାଦ୍ୟ



ଖାଇଥିବା ୩୩ ପିଲାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତୁରନ୍ତ ଡ୍ୟୁଟିରେ ଥିବା ଡାକ୍ତର ସେମାନଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଖବର ପ୍ରଘଟ ପରେ ଚିନ୍ତିତ ଓ ବ୍ୟଥିତ ଅଭିଭାବକ ଦିବାକର ନାୟକ, ରାମଚନ୍ଦ୍ର ବେହେରା, ରଘୁନାଥ ବେହେରା, ଅଶୋକ କୁମାର ମାଝୀ, ବିଜୟ ଦାସ, ମାନସ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଅଭିଭାବକମାନଙ୍କର ଡାକ୍ତରଖାନାରେ ଭିଡ଼ ଜମିଥିଲା। ସେହିପରି ଅନ୍ୟ ବିଦ୍ୟାଳୟମାନଙ୍କର ଶିକ୍ଷକମାନେ ମଧ୍ୟ ପିଲାଙ୍କ ଅସୁସ୍ଥତା ଖବର ପାଇ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରବର୍ତ୍ତୀ ସମୟରେ ଉକ୍ତ ୬ ଜଣ ପିଲାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୁରୀରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ରାତି ସୁଦ୍ଧା ପୁନର୍ବାର ଅନ୍ୟ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଆସୁଥିବା ଦାୟିତ୍ୱରେ ଥିବା ଡାକ୍ତର ଅମ୍ଳାନ୍ ଜଗଦେବ ସୂଚନା ଦେଇଛନ୍ତି। ଅନ୍ୟପଟେ ଖବର ପାଇ ସିପିଆଇ(ଏମ୍‌ଏଲ୍) ନେତା ଅଶୋକ ପ୍ରଧାନ, ବିଜେଡି ବ୍ଲକ୍ ସଭାପତି ବିପନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ରବିନାରାୟଣ ତାଡ଼, କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରୀ ଦଳ ସହ ଆଲୋଚନା କରିଥିଲେ। ପିଲାଙ୍କ ଖାଦ୍ୟ ରନ୍ଧନ ସମୟରେ ସତର୍କତା ଅବଲମ୍ବନ କରି ନ ଥିବା କର୍ମଚାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ■ ଆବାସ ଯୋଜନାରେ ନାଁମ କଟିବାରୁ...

# ବ୍ଲକ କାର୍ଯ୍ୟାଳୟରେ ପିଇଓଙ୍କୁ ନିସ୍ତୁକ ମାଡ଼

କାମାକ୍ଷାନଗର,୨୭।୭(ସମିସ): କାମାକ୍ଷାନଗର ବ୍ଲକ ପରିସରରେ ଜୋର ଧରିଲା ଆବାସ ନିଆଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାମ କାଟିବାକୁ ନେଇ ପିଇଓଙ୍କୁ ବ୍ଲକ ପରିସରରେ ନିର୍ଘୁମ ଛେଚିଛନ୍ତି ଲୋକେ। ପିଇଓଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବ୍ଲକ ପରିସରରେ ହୋହଲା କରିଥିଲେ। ଲୋକଙ୍କ ରୋଷର ଶିକାର ହୋଇଛନ୍ତି କାଦୁଆ ପଞ୍ଚାୟତ ପିଇଓ ପ୍ରଜ୍ୟୋଜ୍ୟୋତି ବିଶ୍ୱାଳ। ସୂଚନା ଅନୁସାରେ ବାଉଁଶପାଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ଗରିବ ଲୋକଙ୍କ ନାଁ କଟିଥିବା ନେଇ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ବିଡିଓଙ୍କୁ ଅଭିଯୋଗ କରିବାକୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେହି ସମୟରେ ବାଉଁଶପାଳ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ ଦାୟିତ୍ୱରେ ଥିବା କାଦୁଆ ପଞ୍ଚାୟତ ପିଇଓଙ୍କୁ ବ୍ଲକ ପରିସରରେ ଦେଖି କିଛି ଲୋକ ଗାଳିଗୁଲଜ କରିଥିଲେ। ପରେ



ହଠାତ କିଛି ବ୍ୟକ୍ତି ଉତ୍ତ୍ୟକ୍ତ ହୋଇ ପିଇଓଙ୍କୁ ନିସ୍ତୁକେ ମାଡ଼ ମାରିଥିଲେ। ଫଳରେ ବ୍ଲକ ପରିସର ରଣାଙ୍ଗନରେ ପରିଣତ ହୋଇଥିଲା। ପୁଲିସ ପହଞ୍ଚି ପିଇଓଙ୍କୁ ଲୋକଙ୍କ କବଳରୁ ରକ୍ଷା କରିବା ସହ ଘଟଣାସ୍ଥଳରୁ ଦୁଇ ଆକ୍ରମଣକାରୀଙ୍କୁ ଉଠାଇନେଇଛି। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ଯେଉଁମାନେ ଏପରି କାର୍ଯ୍ୟ କରିଛନ୍ତି ତାହାକୁ ନାପସନ୍ଦ କରିବା ସହ ଘଟଣାକୁ ନିନ୍ଦା କରିଛନ୍ତି କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ। ସେହିପରି ପିଇଓଙ୍କୁ ଆକ୍ରମଣ ପରେ ଥାନାରେ ପହଞ୍ଚି ଅଭିଯୋଗ କରିଛି କାମାକ୍ଷାନଗର ବ୍ଲକ ପିଇଓ ସଙ୍ଘ। ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପିଇଓମାନେ ଥାନାରେ ପହଞ୍ଚି ସମସ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାଉଁଶପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରୁ କିଛି ଲୋକ ମଧ୍ୟ ଥାନାରେ ପହଞ୍ଚି ପିଇଓଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ସମସ୍ତ ଆକ୍ରମଣକାରୀଙ୍କୁ ଧରିବା ପାଇଁ ପିଇଓ ସଙ୍ଘ ଜିଦ୍ ଧରିଛି।

## ସାଳନ୍ଦୀ ନଦୀରେ ପ୍ରଥମ ବନ୍ୟା

# ଲଞ୍ଜାତରାଠାରେ ୬୦ ଫୁଟ୍ ଘାଇ; ଶହଶହ ହେକ୍ଟର ଫସଲ ନଷ୍ଟ

ଭଦ୍ରକ/ତିହିଡ଼ି,୨୭।୭(ସମିସ)

ଲଘୁଚାପ ଜନିତ ବର୍ଷା ଯୋଗୁଁ ସାଳନ୍ଦୀ ନଦୀରେ ପ୍ରଥମ ବନ୍ୟା ଜଳ ଆସିଛି। ବିଶେଷ କରି ହଦଗଡ଼ ଡ୍ୟାମରୁ ୧୫୦୦ କ୍ୟୁସେକ୍ ଜଳ ପ୍ରତି ସେକେଣ୍ଡରେ ଛଡ଼ାଯିବା ପରେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସାଳନ୍ଦୀ ନଦୀର ତିହିଡ଼ି ବ୍ଲକ୍ ଅଧୀନସ୍ଥ

**ନଦୀବନ୍ଧ ସୁଦୃଢ଼କରଣ ଅତି ନିମ୍ନମାନର; କୋଟିକୋଟି ଟଙ୍କା ପାଣିରେ ପଡ଼ିଲା**

ଲଞ୍ଜାତରାଠାରେ ୬୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ଫଳରେ ସେଠାରୁ ବନ୍ୟା ଜଳ ଯାଇ ବିଲଣା, ବାରୋ, କୁବେରା ଓ ମୁକୁନ୍ଦପୁର ଆଦି ପଞ୍ଚାୟତ ୧୭ଟି ଗାଁର ଶହଶହ ହେକ୍ଟର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି। ଏହା ଦ୍ୱାରା ଚାଷୀଙ୍କ ଧାନ ତଳି ସବୁ ନଷ୍ଟ ହୋଇଯାଇଛି। ରୁଆ ଧାନ ନଷ୍ଟ ହୋଇଥିବାବେଳେ ଧାନ ତଳି ମଧ୍ୟ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି। ବର୍ଷା ଜଳ ସହିତ ବନ୍ୟା ଜଳ ଚାଷ ଜମିରେ ୫ ଦିନ



ହେଲା ଜମି ରହିବା ଯୋଗୁଁ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି। ତେଣୁ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି।

ଅନ୍ୟପକ୍ଷରେ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ବାଲି ବସ୍ତା ଓ ବହ୍ଲା ପିଟାଯାଇ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଦୁର୍ଜନିଆ, ଶଙ୍ଖୁଆ, ଗୋପାଳିଆ ନାଳକୁ ସଂସ୍କାର କରାଯିବା ସହିତ ନଦୀରେ ଚେକ୍ ଡ୍ୟାମ୍ ନିର୍ମାଣ କରିବାକୁ ଚାଷୀମାନେ ଦାବି କରିବା ସହିତ ଅତି ନିମ୍ନମାନର ବନ୍ଧ କାମ କରାଯାଉଛି। ଯାହାଫଳରେ ପ୍ରତିବର୍ଷ ନଦୀ ଆଡ଼ି ଭାଙ୍ଗୁଛି ବୋଲି ଅଭିଯୋଗ କରି ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସ୍ଥାନୀୟ ଅଧିବାସୀ ତଥା ଚାଷୀମାନେ ଦାବି କରିଛନ୍ତି। ସେପଟେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ନଦୀ ବନ୍ଧ କାମ ନିମ୍ନମାନର ହେଇ ନ ଥିବା ସୂଚନା ଦେଇଛନ୍ତି। ତେବେ ସାଳନ୍ଦୀ ନଦୀରେ ବନ୍ୟା ଆସିବା ପରେ ତଳିଆ ଅଞ୍ଚଳରେ ଚାଷ ଜମି ଓ ଚାଷୀମାନେ କିପରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସେ ସମ୍ପର୍କରେ ଚାଷୀ ଗଣେଶ ନାୟକ, ଜିତେନ୍ଦ୍ର ମଲ୍ଲିକ, ଚଗଲା ଦାସ, ପାଣ୍ଡୁ ମହାଳିକ, ଅମୂଲ୍ୟ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ଅଜୟ ପ୍ରଧାନ, ତ୍ରିଲୋଚନ ମହାଳିକ, ସନାତନ ନାୟକ, ଖଜୁଆ ପ୍ରଧାନ ଓ ଧ୍ରୁବ ମହାଳିକ ପ୍ରମୁଖ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ହଦଗଡ଼ ଡ୍ୟାମ୍‌ର ଉପର ମୁଣ୍ଡରେ ବର୍ଷା ଜାରି ରହିଲେ ବନ୍ୟା ପ୍ରକୋପ ଅଧିକ ହେବ ବୋଲି ପୂର୍ବାନୁମାନ କରାଯାଉଛି।

## ■ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

# ଜଲେଶପଟ୍ଟା ଆଶ୍ରମ ପାଇଁ ୧୩ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୨୭।୭(ସମିସ): କନ୍ଧମାଳରେ ପ୍ରତିଷ୍ଠିତ 'ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଫୁଲବାଣୀ'କୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। କନ୍ଧମାଳର ସନ୍ଥ, ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ତଥା କନ୍ଧମାଳର ଜନଜାତିଙ୍କ ପାଇଁ ତାଙ୍କ ସେବା ଓ ତ୍ୟାଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଥିବା କୁହାଯାଇଛି।

ଏହା ସହିତ ଜଲେଶପଟ୍ଟାରେ ଥିବା ତାଙ୍କର ଆଶ୍ରମ, ଆଶ୍ରମ ସ୍କୁଲ ଏବଂ କନ୍ୟାଶ୍ରମର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଏମଏସଏ ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସ୍ୱାମୀଜୀଙ୍କ ଆଶ୍ରମର ଐତିହ୍ୟକୁ ସୁରକ୍ଷିତ ତଥା ସ୍ମରଣୀୟ କରିବା ପାଇଁ ଏହି ଅର୍ଥ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ୫ କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଏକ ଛାତ୍ରୀ ନିବାସ ପ୍ରତିଷ୍ଠା କରାଯିବ। ୩ କୋଟି ଟଙ୍କା ବିନିଯୋଗରେ ସ୍ୱାମୀଜୀଙ୍କ ଐତିହ୍ୟ ସ୍ଥଳର ସଂରକ୍ଷଣ କରାଯିବ। ଏହା

**ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ହେବ ନାମିତ**

ସହିତ ଜଲେଶପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମ ଛାତ୍ରୀ ନିବାସକୁ ଜଳ ଯୋଗାଣ ପାଇଁ ୬୦ ଲକ୍ଷ ଟଙ୍କାରେ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହା ସହିତ ଶୌଚାଳୟ ନିର୍ମାଣ, ଛାତ୍ରୀ ନିବାସ ପାଇଁ ଅତିରିକ୍ତ ଗୃହ ନିର୍ମାଣ, ପ୍ରାଚୀର ନିର୍ମାଣ, ଶ୍ରେଣୀଗୃହ, ହଷ୍ଟେଲ ବିଲ୍ଡିଂର ନବୀକରଣ ଆଦି ପାଇଁ ମଧ୍ୟ ଅର୍ଥର ବ୍ୟବସ୍ଥା କରାଯାଇଛି।

## ନବୀନ ନିବାସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ଜୋରଦାର କରିବ ବିଜେଡି

ଭୁବନେଶ୍ୱର,୨୭।୭ (ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ନବୀନ ନିବାସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ବିଜେଡିର ବରିଷ୍ଠ ନେତାମାନେ ଉପସ୍ଥିତ ଥିବାବେଳେ ଏଥିରେ ଏକାଧିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଛି। ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ପାଇଁ ବିଜେଡି ଦାବି ତଥା ଆନ୍ଦୋଳନ କରି ଆସୁଥିବା ବେଳେ ନବୀନ ଆଜି ସମାନ ଦାବି ଦୋହରାଇଛନ୍ତି। ଯଦି ଶ୍ରୀ ଗଣ୍ଡ ଇସ୍ତଫା ନଦିଅନ୍ତି, ତାହେଲେ ଏ ସଂକ୍ରାନ୍ତରେ ବ୍ୟାପକ ଆନ୍ଦୋଳନ ନେଇ ନବୀନ ଦଳର ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଥିବା ଜଣାପଡିଛି। ଏହାଛଡା ଏସଆଇଆର ପ୍ରକ୍ରିୟାରେ ଭୋଟର ବାଦ ପଡିବା ପ୍ରସଙ୍ଗକୁ ନେଇ ନବୀନ ବୈଠକରେ ଚିନ୍ତା ପ୍ରକାଶ କରିଥିଲେ। ଏହି ପ୍ରକ୍ରିୟାରେ କୌଣସି ଜଣେ ହେଲେ ମଧ୍ୟ ଯୋଗ୍ୟ ଭୋଟରଙ୍କ ନାମ ନକଟିବ ତାହା ଉପରେ ଗୁରୁତ୍ୱ ଦେବାକୁ ସେ ଦଳର ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଓ ଦଳର ସାଂଗଠନିକ ବିଷୟ ଆଲୋଚନା ମଧ୍ୟ ଏହି ବୈଠକରେ ହୋଇଥିବା ଜଣାପଡ଼ିଛି।



■ ଯୋଗ୍ୟ ଭୋଟରଙ୍କ ନାମ ଏସ୍‌ଆଇଆର୍‌ରୁ ନ କଟିବା ଉପରେ ଗୁରୁତ୍ୱ
■ ସଂଗଠନକୁ ଅଧିକ ସଂଗଠିତ କରିବା ନିମନ୍ତେ ବ୍ୟାପକ ଆଲୋଚନା

ସୋମବାର ଅପରାହ୍ନ ୧୨ଟାରେ ବିଜେଡି ସଭାପତି ଏକ ଜରୁରୀ ବୈଠକ ଡାକିଥିଲେ। ଏହି ବୈଠକରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁ ଓ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇଥିଲେ। ବୈଠକରେ ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ନବୀନ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ନବୀନ ନିବାସ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ପାଠ୍ୟପୁସ୍ତକରେ ତ୍ରୁଟି ଏକ ଅପରାଧ। ଏପରି ସ୍ପର୍ଶକାତର ଘଟଣାରେ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଉଚିତ। ରାଜ୍ୟବ୍ୟାପୀ ଏହାକୁ ନେଇ ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନ ପ୍ରତିବାଦ କରୁଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ କେବଳ ଏକ ପ୍ରହସନ । ସେହିପରି ଦଳର ବିଧାୟକ ଗୌତମବୁଦ୍ଧ ଦାସଙ୍କ ଅନୁଯାୟୀ ବୈଠକରେ ରାଜ୍ୟରେ ଜାରି ରହିଥିବା ଏସଆଇଆର ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ବ୍ୟାପକ ଆଲୋଚନା ହୋଇଛି। ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟରେ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ ନପଡ଼େ ସେଥିପ୍ରତି ସଜାଗ ରହି ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ସଚେତନ କରାଯିବ। ଏହାକୁ ଗୁରୁତର ସହ ଗ୍ରହଣ କରି ଏସଆଇଆର ଉପରେ ଧ୍ୟାନ କେନ୍ଦ୍ରୀୟ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ଏତଦବ୍ୟତୀତ ସଂଗଠନକୁ ଶକ୍ତିଶାଳୀ କରିବା ଦିଗରେ ନବୀନ ନେତାମାନଙ୍କ ସହ ଆଲୋଚନା କରିବା ସହ ମତାମତ ଗ୍ରହଣ କରିଥିଲେ। ନବୀନଙ୍କ ନିର୍ଦ୍ଦେଶ ପରେ ଏହି ବରିଷ୍ଠ ନେତାମାନେ ଅପରାହ୍ନରେ ଶଙ୍ଖ ଭବନରେ ପହଞ୍ଚି ଦଳ ମହିଳା, ଯୁବ ଓ ଛାତ୍ର ଶାଖାର ନେତୃବୃନ୍ଦଙ୍କ ସହ ବୈଠକ କରିଥିବା ଜଣାପଡ଼ିଛି।

## ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ୧୨ ରୋଗୀଙ୍କୁ ୬.୧୫ ଲକ୍ଷ ମଞ୍ଜୁର



ଭୁବନେଶ୍ୱର,୨୭।୭ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳିରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ତାଙ୍କ ସହ ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣିଛନ୍ତି। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୨ ଜଣଙ୍କୁ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ସାଧାରଣ ଲୋକଙ୍କ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ପ୍ରତିଟି ଅଭିଯୋଗର ସ୍ଥିତି ପରଖି ସମାଧାନ କରାଯାଉଛି। ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣିର ତଦାରଖ କରାଯାଉଥିବାରୁ ସମାଧାନ ହାର ବୃଦ୍ଧି ପାଉଛି। ଯାହା ସାଧାରଣ ଲୋକଙ୍କ ଭରସା ଜିତିବାରେ ସକ୍ଷମ କରିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ୭୦୦ରୁ ଅଧିକ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ୧୮ ପାଳିରେ ଗ୍ରହଣ ହୋଇଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍‌.ପି ମାନେ ନିୟମିତ ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ନିୟମିତ ଅଭିଯୋଗ ଶୁଣାଣି ହେଉଛି। ଜିଲ୍ଲାସ୍ତରରେ ଜୁନ୍ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ସମାଧାନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା


# ଜାମିନ ଆବେଦନ ଖାରଜ; ଜେଲ୍ ଗଲେ ତତ୍କାଳୀନ ଡିଏଫଓ



ପାରଳାଖେମୁଣ୍ଡି, ୨୭।୭ (ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଆଇନର ଫାଶରେ ଛନ୍ଦି ହୋଇଛନ୍ତି ତତ୍କାଳୀନ ଗଜପତି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା। ସୋମବାର ସେ ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତରେ ଆତ୍ମସମର୍ପଣ କରିବା ପରେ ଦାଖଲ କରିଥିବା ଜାମିନ ଆବେଦନକୁ ଅଦାଲତ ଖାରଜ କରିଦେଇଛନ୍ତି । ଏହା ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ମୃତ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପାଇଁ ଲଢୁଥିବା ଓକିଲ ରଜତ କୁମାର ପାତ୍ର କହିଛନ୍ତି ଯେ ଆଜି ହାଇକୋର୍ଟର ନିର୍ଦ୍ଦେଶ ପ୍ରକାରେ ସଂଗ୍ରାମ କେଶରୀ ବେହେରା ଆତ୍ମସମର୍ପଣ ପାଇଁ ଆସିଥିଲେ। ପ୍ରଥମ ପର୍ଯ୍ୟାୟରେ ସେ ପାରଳାଖେମୁଣ୍ଡି ଏସଡିଜେଏମ୍ କୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିଥିଲେ। ହେଲେ ଏସଡିଜେମ୍ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ସେ ଦ୍ୱିତୀୟ ପର୍ଯ୍ୟାୟରେ ସେସନ୍ କୋର୍ଟରେ ଜାମିନ ଆବେଦନ କରିଥିଲେ। ତେବେ ସେସନ କୋର୍ଟ ମଧ୍ୟ ଜାମିନ ଆବେଦନ ଖାରଜ କରିଦେଇଥିଲେ।

# ହସ୍ପିଟାଲ କୋଠାରୁ ଖସି ରୋଗୀ ମୃତ

ବାରିପଦା,୨୭।୭(ସମିସ): ବାରିପଦା ପିଆରଏମ ଟିଚିଂ ହସ୍ପିଟାଲର ୫ ମହଲାରୁ ଖସିପଡ଼ି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ସାହି ଥାନା ଦୁର୍ଗାପୁର ପଞ୍ଚାୟତ ଗୋବରାଶୋଳ ଗ୍ରାମର ସଞ୍ଜୟ ସିଂ (୨୮)। ସୋମବାର ଅସୁସ୍ଥ ହେବାରୁ ପ୍ରଥମେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପିଆରଏମ୍ ସ୍ଥାନାନ୍ତର ହୋଇଥିଲେ। ତାଙ୍କର ବାତ ରୋଗ ଥିବା କୁହାଯାଉଛି। ତେବେ କେଉଁ ପରିସ୍ଥିତିରେ ତଳକୁ ଖସି ପଡ଼ିଲେ କିମ୍ବା ରୋଗ ଜ୍ୱାଳା ସହି ନ ପାରି ଡେଇଁ ଆତ୍ମହତ୍ୟା କଲେ, ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବାବେଳେ ଘଟଣାକୁ ନେଇ ପଚରାଉଚରା ଜାରି ରହିଛି।







MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta transforming for good | नालको NALCO | TPWODL | JSW JFE JSW JFE Steel Limited | Paradeep Phosphates

# ଗୋଚର ଜମି ଜବରଦଖଲ ମୁକ୍ତ ନିମନ୍ତେ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ



ଅନୁଗୋଳ,୨୭ ।୭ (ସମିସ):

ସହର ଉପକଣ୍ଠ ରାଣୀଗୋଡ଼ା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରପଞ୍ଚ ପ୍ରକାଶ ଦେହୁରୀଙ୍କ ଆବାହକତ୍ୱ ତଥା ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ସରପଞ୍ଚ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତରେ ଏକ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ଅବଗତ କରିଥିଲେ। ପ୍ରସ୍ତାବିତ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୩ରୁ ୫ ଏକର ପରିମିତ ଜମି ଆବଶ୍ୟକ। ଉକ୍ତ ସରକାରୀ ଜମିରେ ବିଦ୍ୟାଳୟର ଶ୍ରେଣୀଗୃହ, କାର୍ଯ୍ୟାଳୟ, ଲାବୋରେଟୋରୀ, ପାଠାଗାର, ବିଶ୍ରାମ କକ୍ଷ, ଶୌଚାଳୟ, ପାନୀୟଜଳ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସକାଶେ ଆବାସ ଓ ଖେଳପଡ଼ିଆ ଆଦି ନିର୍ମାଣ କରାଯାଇ ଉଚ୍ଚମାନର ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ପଞ୍ଚାୟତରେ ୧୬ ଏକରରୁ ଅଧିକ ସରକାରୀ ଗୋଚର ଜମି ଥିଲେ ହେଁ, ତାହା କେତେକ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲରେ ରହିଛି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ନିମନ୍ତେ ବୈଠକରେ ଯୋଗଦେଇଥିବା ଧ୍ରୁବଚରଣ ସାହୁ, କିଶୋରଚନ୍ଦ୍ର ଦେହୁରୀ, ଅଭୟ ପରିଡ଼ା, ନୀର ସାହୁ, ପଦ୍ମଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ଦାମୋଦର ଦାସ, ତ୍ରେତାନନ୍ଦ ସାମନ୍ତ, ରଞ୍ଜିତ ବେହେରା, ସମିତି ସଭ୍ୟ ଚିନ୍ମୟ ବେହେରା ମତାମତ ପ୍ରଦାନ କରିଥିଲେ। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ, ଛେଣ୍ଡିପଦା ବିଧାୟକ, ରାଜ୍ୟ ରାଜସ୍ୱ ମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ଲେଖିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ଦାସ, ଗ୍ରାମର ଶ୍ରୀନିବାସ ବେହେରା, ଦୁର୍ଗାଚରଣ ସାହୁ, ଶ୍ରୀକାନ୍ତ ସାହୁ, ସୁରେଶ ସାହୁ, ସାର୍ତ୍ତୁକ ଦେହୁରୀ, କୁମୁଦଚନ୍ଦ୍ର ଦାସ, ବାଦଲ ପ୍ରଧାନ, ମନୋଜ ବେହେରା, ଶାନ୍ତନୁ କୁମାର ସାହୁ, ମୁକୁରି ବିଶ୍ୱାଳ, ନିମାଇଁ ଭୂତିଆ, ପୂର୍ଣ୍ଣଚନ୍ଦ୍ର ଦାସ, ଶରତ ଚନ୍ଦ୍ର ସାମଲ, ଚତୁର୍ଭୁଜ ଦେହୁରୀ, ଅନିଲ କୁମାର ବେହେରା, ସୁମିତା ସାହୁ, ଅନିତା ସାହୁ, ଦମୟନ୍ତୀ ଦେହୁରୀ, ସୁଲୋଚନା ବିଶ୍ୱାଳ, ସୁଜାତା ସାହୁ, ନିରୁପମା ସାହୁ, ଶାନ୍ତିଲତା ଦେହୁରୀ, ବିନୋଦ କୁମାର ସାହୁ, ଚଗଲା ଦାସ, ଦିବାକର ସାହୁ, ପ୍ରଦୀପ ସାହୁ ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସରପଞ୍ଚ ଦେହୁରୀ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ଆଠମଲ୍ଲିକ,୨୭ ।୭ (ସମିସ): ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତରେ ଅବସ୍ଥିତ ପଇଁଚକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତାପ କୁମାର ପ୍ରଧାନ, ଅବସରପ୍ରାପ୍ତ ଟେଲିକମ ଇଞ୍ଜିନିୟର ସୁଦର୍ଶନ ଖେତୀ, ଜିଲ୍ଲା ପରିଷଦ ସଭ୍ୟା ବବିତା କର୍ଣ୍ଣ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ରିଚାଳନା କମିଟି ସମ୍ପାଦକ ମାଧବ ଚନ୍ଦ୍ର ସାହୁ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଜଙ୍ଗଲ ବିଭାଗ ସହଯୋଗରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି।

## ତାଳଚେର ଅଞ୍ଚଳରେ ରାସ୍ତା ଅବସ୍ଥା ଶୋଚନୀୟ



ତାଳଚେର,୨୭ ।୭ (ସମିସ): କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପ ଅଧୀନରେ ଏମ୍‌ସିଏଲ୍ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଏନଏସିର ବସ୍ତି ଅଞ୍ଚଳରେ ୫କିମି ଦୈର୍ଘ୍ୟ ଦୁଇଟି ବିଟୁମିନସ୍ (ବିଟ୍) ରାସ୍ତା ନିର୍ମାଣ ପାଇଁ ୫,୩୫,୩୪,୦୨୩ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛି। ତେବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଦୀପତଳ ଅନ୍ଧାର ସଦୃଶ ହୋଇଛି। ଏହି ଅଞ୍ଚଳରେ ସମସ୍ତ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଳଚେର ଅଞ୍ଚଳରେ ୧୦ଟି କୋଇଲା ଖଣି ଥିବା ବେଳେ ତାଳଚେରଠାରୁ କଣିହାଁ, ତାଳବେଡ଼ା, ବାଇପାସ୍ ଏପରିକି ଚାଇଁପାଳ ପର୍ଯ୍ୟନ୍ତ ରାସ୍ତା ମରଣାଯନ୍ତା ପାଲଟିଛି। ଗାଁ ଗହଳି ରାସ୍ତାଗୁଡ଼ିକ କଥା ପାଚାରେ କିଏ। ବ୍ରିଟଶ ଅମଳରୁ କୋଇଲା ଖଣି ଖନନ ସହ ରାଷ୍ଟ୍ର ଉଦ୍ୟୋଗ ସବୁ ମୁଣ୍ଡ ଟେକିଥିବା ବେଳେ ଅଞ୍ଚଳାସୀ ଧୂଳିଧୂଆଁରେ ଦହଗଞ୍ଜ ହେଉଛନ୍ତି। ଆଜିପର୍ଯ୍ୟନ୍ତ ୬ ଲେନ୍ ରାସ୍ତା ଦେଖିବା ତ ଦୂରକଥା କେଉଁ ରାଜା ମହାରାଜା ଅମଳରୁ ଯେଉଁ ରାସ୍ତାଗୁଡ଼ିକ ଯେପରି ଅବସ୍ଥାରେ ଥିଲା ଆଜି ବି ସେହି ଅବସ୍ଥାରେ ପଡ଼ିରହିଛି। ତାଳଚେର ଶନିବାର ହାଟ ରାସ୍ତାରେ ବର୍ଷା ଦିନରେ ଏପରି ସମସ୍ୟା ଉପୁଜିଛି ଯେ ଭିତରକୁ ଚାଷୀ ଓ ଖାଉଟି ଯିବାକୁ ପଞ୍ଚାଘୁଞ୍ଚା ଦେଇଥାନ୍ତି। ସେହିପରି ଜାତୀୟ ରାଜପଥ କେନାଲ ହୁଡ଼ା ରାସ୍ତା ସମେତ ସହରାଞ୍ଚଳରୁ ଆରମ୍ଭକରି ଗ୍ରାମାଞ୍ଚଳର ରାସ୍ତା ବିପର୍ଯ୍ୟସ୍ତ। ଅଞ୍ଚଳବାସୀଙ୍କ ପାଇଁ ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଯୋଜନା ରହିଥିବା ବେଳେ ଏହି ଅର୍ଥ ମଧ୍ୟ ବାହାର ଜିଲ୍ଲାରେ ଖର୍ଚ୍ଚ କରାଯାଉଥିବା ଅନେକ ଦୃଷ୍ଟାନ୍ତ ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅଧ୍ୟାପକ ଅଭାବରୁ ଶୈକ୍ଷିକ ସଙ୍କଟ

- ୨ ବର୍ଷରେ ଗଲେଣି ୫, ଆସିଛନ୍ତି ଶୂନ
- ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

କିଶୋରନଗର,୨୭ ।୭ (ସମିସ): ଆଠମଲ୍ଲିକ କଲେଜରେ ଅଧ୍ୟାପକ ଅଭାବ ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଛି। ଗତ ୨ ବର୍ଷ ମଧ୍ୟରେ କଲେଜରୁ ମୋଟ ୫ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଣେ ହେଲେ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଉପଖଣ୍ଡର ଏହି ନୋଡାଲ କଲେଜରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ଏ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗତବର୍ଷ ଓଡ଼ିଆ ବିଭାଗ ଅଧ୍ୟାପକ ରଞ୍ଜିତ ସେଠୀ, ଇତିହାସ ବିଭାଗ ଅଧ୍ୟାପିକା କ୍ଷୀରୋଦିନୀ ଜୟ, ଦର୍ଶନ ବିଭାଗ ଅଧ୍ୟାପକ ଦ୍ୱିତୀପ୍ରସାଦ ସାହୁ ଓ ପ୍ରଶାସନିକ କାରଣରୁ ଅର୍ଥନୀତି ବିଭାଗ ଅଧ୍ୟାପକ ସଚ୍ଚିଦାନନ୍ଦ ସାହୁଙ୍କ ବଦଳି ହୋଇଥିଲା। ସେହିପରି ଚଳିତ ବର୍ଷ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ମନ୍ମଥ ପାଲଙ୍କର ମଧ୍ୟ ଅନ୍ୟତ୍ର ବଦଳି ହୋଇଛି। କିନ୍ତୁ ଏହି ସମୟ ମଧ୍ୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ କୌଣସି ନୂତନ ନିଯୁକ୍ତି କରାଯାଇନାହିଁ। ବାରମ୍ବାର ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି କରୁଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କର୍ଣ୍ଣପାତ କରୁନାହିଁ। ଫଳରେ ଅଭିଭାବକ, ଛାତ୍ରଛାତ୍ରୀ ଓ ଆଲୁମନିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ଅଧ୍ୟାପକ ଅଭାବ ଯୋଗୁଁ ବିଭିନ୍ନ ବିଷୟରେ ନିୟମିତ ଶ୍ରେଣୀ ପରିଚାଳନା ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ଜଣେ ଅଧ୍ୟାପକଙ୍କୁ ଏକାଧିକ ଦାୟିତ୍ୱ ସମ୍ଭାଳିବାକୁ ପଡୁଥିବାରୁ ଶିକ୍ଷାଦାନର ଗୁଣବତ୍ତା ମଧ୍ୟ ପ୍ରଭାବିତ ହେଉଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାବେଳେ ଏପରି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ମଧ୍ୟରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ଖାଲି ପଡ଼ିଥିବା ଅଧ୍ୟାପକ ପଦବୀଗୁଡ଼ିକ ଶୀଘ୍ର ପୂରଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ସମେତ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତୁରନ୍ତ ଅଧ୍ୟାପକ ନିଯୁକ୍ତି କରା ନ ଗଲେ କଲେଜରେ ପାଠପଢ଼ା ଆହୁରି ବ୍ୟାହତ ହେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଆନ୍ଦୋଳନର ରୂପ ନେବା ସମ୍ଭାବନା ରହିଛି।

## ସହର ବୁଲିଲା କାର୍ଗିଲ ବିଜୟ ସ୍ମାରକୀ ରଥ




ଅନୁଗୋଳ,୨୭ ।୭ (ସମିସ): କାର୍ଗିଲ ବିଜୟ ଦିବସ ଅବସରରେ ସହିଦ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ଏକ ସ୍ମାରକୀ ରଥ ଅନୁଗୋଳ ସହର ପରିକ୍ରମା କରିଛି। ଦେଶାତ୍ମବୋଧକ ଗୀତ ସହ ଭାରତର କାର୍ଗିଲ ବିଜୟ ସମ୍ବଳିତ ସ୍ଥିରଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିଲା। ଅନୁଗୋଳ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ରଥର ଶୁଭାରମ୍ଭ କରିଥିଲେ। ପରିଷଦର ସଭାପତି ପ୍ରତାପ କୁମାର ମହାପାତ୍ର, ସମ୍ପାଦକ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଯୁବ ସ୍ୱେଚ୍ଛାସେବୀ ସୁବ୍ରତ ପ୍ରଧାନ, ନିରୋଦ କୁମାର ସାହୁ, ରୁକେଶ ରଞ୍ଜନ ଦାସ, ଆଦ୍ୟଶ୍ଳୋକ ମିଶ୍ର, ସୂର୍ଯ୍ୟକାନ୍ତ ନାଥ, ସତ୍ୟସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ରହି ଭାରତମାତାର ଜୟଗାନ କରିଥିଲେ। ସୂଚନାଯୋଗ୍ୟ, ୧୯୯୯ କାର୍ଗିଲ ଯୁଦ୍ଧରେ ଅନୁଗୋଳ ପୁରୁଣାଗଡ଼ର ମାନସ ରଞ୍ଜନ ସାହୁ ସହିଦ ହୋଇଥିଲେ।

## ଲୁହାମୁଣ୍ଡା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୭ ।୭ (ସମିସ): କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ବିଡିଓ ହିମାଂଶୁ ଶେଖର ନାୟକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀମାନେ ଅବଗତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ କୁମୁଦ ଚନ୍ଦ୍ର ସାହୁ, ବିପିସି (ଓଏଲଏମ୍) ସୁଜିତ ପ୍ରଧାନ, ବିଏସଏସଓ ଝସକେତନ ସାହୁ, ଆରଡବ୍ଲ୍ୟୁଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ,୨୭ ।୭ (ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ସମୁଦାୟ ୬୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ଶୁଣାଣି ହୋଇଥିବାବେଳେ ୪ଟିର ତୁରନ୍ତ ଫଇସଲା କରାଯାଇଥିଲା। ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତେ, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଛେଣ୍ଡିପଦା ତହସିଲଦାର ମାନସ ରଞ୍ଜନ ରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ

ତାଳଚେର,୨୭ ।୭ (ସମିସ): ସର୍ଟସର୍କିଟରୁ ତାଳଚେର ବ୍ଲକ କଣ୍ଟାଳ ପଞ୍ଚାୟତ ତାଳବେଡ଼ା ଗ୍ରାମ ଗୋବିନ୍ଦ ଦଳବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି ଗୋବିନ୍ଦ ଘରେ ତାଲାପକାଇ ପରିବାର ସହ ଚିକିତ୍ସା ନିମନ୍ତେ ଯାଇଥିଲେ। ଏହି ସମୟରେ ଘରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲ। ଫଳରେ ଘରେ ଥିବା ଫ୍ରିଜ୍, କୁଲର୍, ପଲଙ୍କ, ଲୁଗାପଟା ଓ ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। କବାଟ ଝରକା ମଧ୍ୟ ପୋଡ଼ିଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗୋବିନ୍ଦଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଶ୍ୱଯୁବ କେନ୍ଦ୍ର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



କିଶୋରନଗର,୨୭ ।୭ (ସମିସ): ବିଶ୍ୱ ଯୁବକେନ୍ଦ୍ର, ବଣୀନଳୀ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ 'ଆକ୍ସେସ ଟୁ ଜଷ୍ଟିସ' ପକ୍ଷରୁ କିଶୋରନଗର ବ୍ଲକ୍ ବିଲେଇନାଳି ପଞ୍ଚାୟତ ଭେଜିଗୋଠ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୱାର୍ଡମେମ୍ବର, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, କିଶୋରୀମାନଙ୍କ ଉପସ୍ଥିତରେ ଜିଲ୍ଲାରେ ଶିଶୁମାନଙ୍କୁ ନିଜ ଅଧିକାରରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ, ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡ ବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରିଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ଦୀପି ଦେହୁରୀ ସଭା ପରିଚାଳନା କରିଥିଲେ।

## ବର୍ଷାରେ ଭାସିଗଲା ନବନିର୍ମିତ ରାସ୍ତା

- ବିପଦରେ ବିଦ୍ୟୁତ ଖୁଣ୍ଟ

ଅନୁଗୋଳ,୨୭ ।୭ (ସମିସ): ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତ ବରଘାଇ ସାହିରେ ସାମାନ୍ୟ ବର୍ଷାରେ ନିମ୍ନମାନର ରାସ୍ତା କାର୍ଯ୍ୟର ପର୍ଦ୍ଦାଫାସ ହୋଇଛି। ନୂତନ ଭାବେ ନିର୍ମିତ ମୋରମ ରାସ୍ତା ବର୍ଷା ଜଳରେ ଭାସିଯିବାରୁ ୩୫ ପରିବାର ହନ୍ତସନ୍ତ ହେଉଛନ୍ତି। ବନ୍ଧ ପାଣି ନିଷ୍କାସନ ପାଇଁ କୌଣସି ପାଇପ୍ କିମ୍ବା କଲଭର୍ଟ ନ କରି ତରବରିଆ ଭାବେ ରାସ୍ତା କରାଯାଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ରାସ୍ତା ଧୋଇଯିବାରୁ ସେଠାରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ତଳୁ ମାଟି ଭାସିଯାଇଛି। ଫଳରେ ଏହି ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଝୁଲୁଛି। ଯେକୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏହା ଏକମାତ୍ର ରାସ୍ତା ହୋଇଥିବାରୁ ଗ୍ରାମବାସୀ ଓ ସ୍କୁଲ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## କଣିହାଁ ମହାବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓର ସଭା



କଣିହାଁ,୨୭ ।୭ (ସମିସ): ନୂଆଦିଲ୍ଲୀରେ ଚାଲିଥିବା ଐତିହାସିକ ଛାତ୍ର-ଯୁବ ଆନ୍ଦୋଳନ ଓ ସାରା ଦେଶରେ ଛାତ୍ର, ଯୁବକ, ଜନସାଧାରଣଙ୍କ ଆନ୍ଦୋଳନ ଚାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ପକ୍ଷରୁ ସାରାଭାରତ ସଂକଳ୍ପ ଯାତ୍ରା ପରିପ୍ରେକ୍ଷୀରେ ସୋମବାର କଣିହାଁ ମହାବିଦ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଛି। ସଂଗଠକ ସତ୍ୟବ୍ରତ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଯୋଗଦେଇ ସଂଗ୍ରାମୀ ଛାତ୍ରଛାତ୍ରୀ ଓ ଯୁବସମାଜକୁ ବୈପ୍ଳବିକ ଅଭିନନ୍ଦନ ଜଣାଇବା ସହ ଏହି ଐତିହାସିକ ଲଢ଼େଇ ଯୋଗୁଁ ବିଜୟ ସମ୍ଭବ ହେଲା ବୋଲି ପ୍ରକାଶ କରିଥିଲେ। ସରକାରଙ୍କ ଶିକ୍ଷାମାରଣ, ଛାତ୍ରମାରଣ ନୀତି ବିରୋଧରେ ସଂକଳ୍ପ ନେଇ ଏକଜୁଟ ହୋଇ ଦୁର୍ବାର ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏନଟିଏକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ନିଟ୍ ପରୀକ୍ଷା ପେପର ଲିକ୍‌ରେ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ, ଜାତୀୟ ଶିକ୍ଷାନୀତି-୨୦୨୦କୁ ବାତିଲ, ଖାଲି ପଡ଼ିଥିବା ଶିକ୍ଷକ ଅଧ୍ୟାପକ ପଦ ପୂରଣ, ସରକାରୀ ଶିକ୍ଷାକୁ ସୁରକ୍ଷା ଦେବାକୁ ସମଜିତ ନାଏକ, ଅମର ସାହୁ, ଶୀତେଶ କୁମାର ପ୍ରଧାନ, ଶାଶ୍ୱତ କୁମାର ସାହୁ, କାହ୍ନା ନାଏକ, ବିନାୟକ ଜ୍ୟୋତିଷ, ଇପ୍ସିତା ପ୍ରଧାନ, ଲାବଣ୍ୟା ନାଏକ ପ୍ରମୁଖ ଦାବି କରିଥିଲେ।

## ସତ୍ୟସାଇ ମନ୍ଦିରରେ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର





ଅନୁଗୋଳ,୨୭ ।୭ (ସମିସ): ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ଥାନୀୟ ହାକିମପଡ଼ାସ୍ଥିତ ସତ୍ୟସାଇ ମନ୍ଦିରରେ ରକ୍ତଦାନ ଶିବିର ସହ ଥାଲସେମିଆ ଓ ସିକଲସେଲ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ସାଧାରଣ ରୋଗୀଙ୍କ ପାଇଁ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ସତ୍ୟବ୍ରତ ପାଟଯୋଶୀ ଶିବିର ପରିଚାଳନା କରିଥିଲେ। ସେହିପରି ଥାଲେସେମିଆ ଓ ସିକଲସେଲ ସ୍ୱାସ୍ଥ୍ୟ ସଚେତନତା ଶିବିରକୁ ହେମାଟୋଲୋଜି ବିଶେଷଜ୍ଞ ଡା. ହେମଲତା ଦାସ, ଡା. ଜୁମନଜ୍ୟୋତି ନାଥ, ଡା. ସଞ୍ଚିତା ପାତ୍ର, ଡା. ଦେବାଶିଷ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାକୃତିକ ଚିକିତ୍ସା ଶିବିରକୁ ଡା. ଦେବାଶିଷ ନାୟକ ପରିଚାଳନା କରିଥିଲେ। ସତ୍ୟସାଇ ସଂଗଠନର ଜିଲ୍ଲା ସଭାପତି ମନୋଜ ପଣ୍ଡା, ଆବାହକ ସଞ୍ଜୟ ସାହୁ, ଡ. ବଳଦେବ କର, ବିମଳ ଧର, ସୁଚିତ୍ରା ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ଦେବାଶିଷ ପଟ୍ଟନାୟକ, ସିଦ୍ଧାର୍ଥ ରଞ୍ଜନ ସାହୁ, ଲିପୁ ସାହୁ, ପ୍ରତୀଟୀ ଦାସ, ପ୍ରଣତି ପୃଷ୍ଟି, ଅକ୍ଷୟ ମହାରଣା, ନର୍ମଦା ଧର ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨୭ ।୭ (ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୫୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଓ ୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା।




### ତାଳଚେର ପୌରପରିଷଦରେ ଟେଣ୍ଡର ଫିକ୍ସିଂ

# ନିର୍ଦ୍ଦିଷ୍ଟ ଠିକାଦାର କାମ ନ ପାଇବା ପର୍ଯ୍ୟନ୍ତ ଟେଣ୍ଡର ବାତିଲ

- ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ
- ପୌରପରିଷଦରୁ ମୁହଁ ଫେରେଇଲେଣି ବହୁ ଠିକାଦାର

ତାଳଚେର ସହର,୨୭ ।୭ (ସମିସ):

ତାଳଚେର ପୌର ପରିଷଦ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ଟେଣ୍ଡର ଫିକ୍ସିଂ, ନିମ୍ନମାନର କାମ, ସରକାରୀ ଟଙ୍କା ହେରଫେର ନେଇ ବାରମ୍ବାର ଅଭିଯୋଗ ହେଉଛି। ତେବେ କର୍ତ୍ତୃପକ୍ଷ ନିଦାବିଷ୍ଟ ପାଲଟିଛନ୍ତି। ବିଶେଷକରି ଟେଣ୍ଡର ପ୍ରକ୍ରିୟାରେ ହେଉଛି ବାରମ୍ବାର ଅନିୟମିତତା। ନିର୍ଦ୍ଧାରିତ ଠିକା ସଂସ୍ଥାକୁ କାମ ଦେଇ ହେଉଛି ଟଙ୍କା ହରିଲୁଟ୍। ପୂର୍ବରୁ ଜଗନ୍ନାଥ ପାର୍କରେ ଦୁର୍ନୀତି ହୋଇଥିବା ଲୋକଲୋଚନକୁ ଆସିଥିଲା। ଏବେ ସାନିଟେସନ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ୨୦୨୩ ଅକ୍ଟୋବରରେ ସାନିଟେସନ ଟେଣ୍ଡର ବାହାରିଲା। ଯାହାକି ଅଫଲାଇନରେ ଆବେଦନ ପାଇଁ ଥିଲା। ଆବେଦନ ଅବଧି ୨୦୨୩ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଥିଲା। ୯ ତାରିଖ ଟେଣ୍ଡର ଖୋଲାଗଲା। ୧୧ ତାରିଖ କାର୍ଯ୍ୟାଦେଶ ଦିଆଗଲା। କାର୍ଯ୍ୟ ଅବଧି ୨୦୨୪ ମାର୍ଚ୍ଚ ୩୧ ତାରିଖ ଥିଲା। ପରେ ଏହି କାର୍ଯ୍ୟ ଅବଧିକୁ ବାରମ୍ବାର ବଢ଼ାଯାଇ ୨୦୨୬ ମାର୍ଚ୍ଚ ମାସ ୩୧ ପର୍ଯ୍ୟନ୍ତ କରାଗଲା। ଏହି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ପାଇଁ ୨୦୨୬ ଜାନୁଆରୀ ୮ ତାରିଖ ନୋଟିସ ହୋଇଥିଲା। ଟେଣ୍ଡର ଆହ୍ୱାନ ସମୟ ଜାନୁଆରୀ ୧୨ରୁ ୨୭ ତାରିଖ ପର୍ଯ୍ୟନ୍ତ ରହିଲା। ୭ ତାରିଖ ଟେଣ୍ଡର ଖୋଲାଗଲା। କିନ୍ତୁ ସେଥିରେ ଠିକାଦାରଙ୍କ ମଧ୍ୟରେ ପାତରଅନ୍ତର ହୋଇଥିବା ଘଟଣା ସାମ୍ନାକୁ ଆସିଲା। ମୋଟ ୫ ଠିକା ସଂସ୍ଥା ଟେଣ୍ଡର ଆବେଦନ କରିଥିଲେ। କିନ୍ତୁ ଆବେଦନକାରୀଙ୍କ ମଧ୍ୟରୁ ୨ ସଂସ୍ଥା ବୈଧ ହେଲେ ବାକି ୩ ସଂସ୍ଥାକୁ ଲୋକାଲ ହୋଇ ନ ଥିବା ଦର୍ଶାଇ ଖାରଜ କରିଦିଆଗଲା। ବୈଧ ଦୁଇଟି ସଂସ୍ଥା ହେଲା ଦୀପ ଇନୋଭେସନ ଏବଂ ଏଚଏସ ମାଇନିଂ। ଦୀପ ଇନୋଭେସନରେ ହର୍ଜିତ୍ ସିଂହ ନିର୍ଦ୍ଦେଶକ ଥିବା ବେଳେ ଏଚଏସ ମାଇନିଂର ପ୍ରୋପ୍ରାଇଟର୍ ଥିବା ଜଣାପଡ଼ିଛି। ତେବେ ଦୁଇଟି ଆବେଦନ ଭିତରେ ଦୀପ ଇନୋଭେସନ କମ୍ ପର୍ସେଣ୍ଟେଜ୍‌ରେ ଆବେଦନ କରି କାର୍ଯ୍ୟଦେଶ ପାଇଲା। କିନ୍ତୁ ମିଳିଥିବା ଜିଏସଟି ଦସ୍ତାବିଜ୍‌ରେ ଦୀପ ଇନୋଭେସନ ମିନେରାଲ ୱାଟର ସପ୍ଲାୟର ହୋଇଥିବା ବେଳେ ତାଙ୍କୁ ସିଭିଲ କାମ ପାଇଁ ଟେଣ୍ଡର ଆବେଦନ ପାଇଁ କିଭଳି ଅନୁମତି ମିଳିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ କାହିଁକି କେଉଁ ସ୍ୱାର୍ଥ ପାଇଁ କେବଳ ଗୋଟିଏ ଠିକା ସଂସ୍ଥାକୁ ଏତେ ବର୍ଷ ଧରି କାର୍ଯ୍ୟ କରିବାର ସୁଯୋଗ ଦିଆଗଲା, ଜଣେ ବ୍ୟକ୍ତି ଦୁଇଟି ଅଲଗା ସଂସ୍ଥାରେ ଆବେଦନ କଲେ ତାହା ବୈଧ ହେଲା ବାକିଗୁଡ଼ିକ କାହିଁକି ଖାରଜ ହେଲା, ମିନେରାଲ ୱାଟର ସପ୍ଲାୟରକୁ କିଭଳି ସିଭିଲ କାମ କରିବାର ସୁଯୋଗ ମିଳିଲା, ଟେଣ୍ଡର ଆବେଦନରେ ଲୋକାଲର ଅର୍ଥ କ'ଣ ଏମିତି ଅନେକ ପ୍ରଶ୍ନ ଏବେ ବୁଦ୍ଧିଜୀବୀ ମହଲରେ ଉଙ୍କି ମାରୁଛି। ଜିଲ୍ଲାପାଳ, ଭିଜିଲାନ୍ସ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରତ୍ନସିଂହାସନକୁ ବାହୁଡ଼ିଲେ ଶ୍ରୀଜୀଉ



କେନ୍ଦ୍ରାପଡ଼ା,୨୭।୭(ସମିସ): ନବଦିନାତ୍ମକ ରଥଯାତ୍ରାର ସମସ୍ତ ଲୀଳାଖେଳା ଓ ପାରମ୍ପରିକ ନୀତି ସଫଳତାର ସହ ସମ୍ପନ୍ନ କରି ଶ୍ରୀଜୀଉ ପୁନର୍ବାର ନିଜ କର୍ମବେଦୀ ରତ୍ନସିଂହାସନକୁ ବାହୁଡ଼ିଛନ୍ତି। ବାହୁଡ଼ା ଯାତ୍ରା, ରଘୁନାଥ ବେଶ, ଅଧରପଣା ଓ ନୀଳାଦ୍ରି ବିଜେ ଭଳି ମହାନ ପରମ୍ପରା ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଦୁର୍ଲଭ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ରବିବାର ବିଳମ୍ବିତ ରାତିରେ ନୀଳାଦ୍ରି ବିଜେ ପହଣ୍ଡି ପ୍ରାୟ ରାତ୍ରି ୧୨ଟା ସୁଦ୍ଧା ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀଜୀଉଙ୍କ ଚାରମାଳ ଫିଟା ଯାଇ ମହାସ୍ନାନ, ରାତ୍ରଧୂପ, ବଡ଼ସିଂହାର ବେଶ ଓ ପୁଷ୍ପାଞ୍ଜଳି ନୀତି ବିଧିବଦ୍ଧ ଭାବେ ସମ୍ପନ୍ନ କରାଯାଇଥିଲା। ସମସ୍ତ ନୀତି ଶେଷ ପରେ ଭୋର ପ୍ରାୟ ୫ଟାରେ ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳ ପ୍ରାୟ ୭ଟାରେ ପହୁଡ଼ ଖୋଲାଯାଇ ଜୟମଙ୍ଗଳା ଆଳତି କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ନାନବଲ୍ଲଭ ଓ ଅନ୍ୟାନ୍ୟ ନିତ୍ୟନୀତି ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିଲା। ଦିନ ପ୍ରାୟ ଗୋଟାଏ ବେଳେ ପ୍ରସାଦ ଧୂପ ନୀତି ଶେଷ ହେବା ପରେ ଭକ୍ତଙ୍କ ମଧ୍ୟରେ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରସାଦ ସେବନରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥିଲେ। ରଥଯାତ୍ରାର ସମାପନ ପରେ ରତ୍ନସିଂହାସନରେ ଶ୍ରୀଜୀଉଙ୍କ ବିରାଜମାନ ହେବା ସହ ସମଗ୍ର ମନ୍ଦିର ପରିସର ଭକ୍ତି, ଆଧ୍ୟାତ୍ମିକତା ଓ ଆନନ୍ଦରେ ଉଦ୍‌ବେଳିତ ହୋଇଉଠିଥିଲା।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୫୫ଟି ଅଭିଯୋଗର ଶୁଣାଣିକଲେ ପ୍ରଶାସନ

ଡେରାବିଶ, ୨୭।୭(ସମିସ)



ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ ସଭାକକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର ମଲିକ ଓ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଉପସ୍ଥିତ ରହି ୫୫ଟି ଅଭିଯୋଗର ଶୁଣାଣୀ କରିଥିଲେ। ସେଥିମଧ୍ୟରେ ୧୦ ସାମୂହିକ ଓ ୪୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ବ୍ଲକ ଅଧୀନସ୍ଥ ଖମୋଳ ପଞ୍ଚାୟତ ଅନ୍ତର୍ଗତ ୨୦ନଂ ଡ୍ରେନେଜ୍‌କଟ୍ ଉପରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ପୋଲ କାର୍ଯ୍ୟରେ ବିଳମ୍ବତାକୁ ନେଇ ସମ୍ପୃକ୍ତ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେଠାରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଙ୍ଗୀତା ସାହୁ ମଙ୍ଗଳବାର ସହକାରୀ ଯନ୍ତ୍ରୀଙ୍କ ସହ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ବାଘିଲୋ ବାବନପୁରଠାରୁ କନ୍ଦରପୁର ରାସ୍ତାକୁ ବିଭାଗ ଅଣଦେଖା କରିଥିବାରୁ ଏହା ମରଣଯନ୍ତା ପାଲଟିଥିବା ତିନୋଟି ପଞ୍ଚାୟତର ଲୋକ ଅଭିଯୋଗ କରିଥିଲେ। ଏଥିସହ ବହୁ ସାମୂହିକ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଏଥିସହିତ ନରଣପଡ଼ା ଗ୍ରାମର ଶଶୀକାନ୍ତଙ୍କ ହତ୍ୟାକାଣ୍ଡକୁ ୨୨ ଦିନ ବିତିଯାଇଥିଲେ ମଧ୍ୟ ହତ୍ୟାକାରୀ ନିଳାଦ୍ରୀ ଦାଶଙ୍କୁ ପୁଲିସ୍ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଶଶୀକାନ୍ତଙ୍କ ପରିବାର ଅଭିଯୋଗ କରିଥିଲେ। ସେହିପରି ରାସନ କାଡର୍‌ରେ ନାମ ପଞ୍ଜୀକରଣ, ବାସଗୃହ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ନାମକୁ ତାଲିକା ଭୁକ୍ତ କରିବା, ବିଭିନ୍ନ ଭତ୍ତା ଯୋଜନାରୁ ବଞ୍ଚିତ ହିତାଧିକାରୀ, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ପାନୀୟଜଳ ଯୋଗାଣ ପ୍ରମୁଖ ଅଭିଯୋଗ ଆସିଥିଲା। ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ଚିନ୍ମୟୀ ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନମିତା ପଟ୍ଟନାୟକ, ସିଡିପିଓ ହରପ୍ରିୟା ଦେବୀ, ଏବିଡିଓ ମୃଣ୍ମୟ ରାଉତ, ଏବିଇଓ ଦେବଦତ୍ତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଅବଦୁଲ କଲାମଙ୍କ ମହାପ୍ରୟାଣ ଦିବସ



ମାର୍ଶାଘାଇ,୨୭।୭(ସମିସ): ମାର୍ଶାଘାଇ ବ୍ଲକ ଜନଶକ୍ତି ସରକାରୀ ବିଦ୍ୟାଳୟରେ ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବ୍‌ଦୁଲ କଲାମଙ୍କ ଦ୍ୱାଦଶତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ମିଶାଇଲମ୍ୟାନ ଡ. କଲାମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରଧାନଶିକ୍ଷକ ନିରଞ୍ଜନ ମହାରଣାଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ରମାକାନ୍ତ ଜେନା, ପ୍ରାକ୍ତନ ଶିକ୍ଷକ ରମେଶ ଦାସ, ସିର୍ଦ୍ଧାର୍ଥ ରାୟ, ବରିଷ୍ଠ ଶିକ୍ଷକ ଅଶୋକ ପରିଡ଼ା, ଶିକ୍ଷୟିତ୍ରୀ ନଳିନୀପ୍ରଭା ସାହୁ, ପ୍ରଶାନ୍ତ ମହାନ୍ତି, ବିଭୂତି ଭୂଷଣ ବେହେରା, ସସ୍ମିତା ବାଇ, ହେନାମଞ୍ଜରୀ ସ୍ୱାଇଁ, ରଶ୍ମିତା ପରିଡ଼ା, ଚନ୍ଦ୍ରିକା ପଟ୍ଟନାୟକ, ବନ୍ଦନା ସାହୁ, ଶ୍ରୁତିରୂପା ଧଳ ପ୍ରମୁଖ ଯୋଗଦେଇ ଭାରତକୁ ସ୍ୱଦେଶୀ ଜ୍ଞାନକୌଶଳରେ ପରମାଣୁ ଶକ୍ତି, କ୍ଷେପଣାସ୍ତ୍ର ଅଧିକାରୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଦେବସ୍ମିତା ବାରିକ, ଝରଣା ପଟ୍ଟନାୟକ, ଦୀପ୍ତି ଖଟୁଆ, ଏମ୍‌ଏନ୍ ତିର୍କୀ, ସୌଭାଗ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନିଷ୍କାସନ ହୋଇପାରୁନି ବର୍ଷା ପାଣି

■ ଘରେ ପଶୁଛି ପାଣି, ଲୋକେ ହନ୍ତସନ୍ତ



ପଞ୍ଚୁପାଣ୍ଡବ,୨୭।୭(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ୮ କେନାଲକୁ ଲାଗି ଏକ ଖାଲରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ଲଗାଣ ବର୍ଷାରେ ପାଣି ହୋଇ ଖାଲଟି ବୁଡି ଯାଉଥିବାବେଳେ ପାଣି ନିଷ୍କାସନ ହୋଇପାରୁନାହିଁ। ଅଧିକ ପାଣି ହେଲେ ଢ଼ଳେଇ ରାସ୍ତା ଉପରେ ଚଢ଼ି ରାସ୍ତା କଡ଼ରେ ଥିବା କେତେକ ଲୋକଙ୍କ ଘରେ ପାଣି ପଶି ଯାଉଥିବା ଅଭିଯୋଗ ହେଉଛି। ପାଣି ନିଷ୍କାସନ ବାଟକୁ କେତେକ ଲୋକ ଅବରୋଧ କରିଥିବାରୁ ପାଣି ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। କେନାଲ ବନ୍ଧ କଡ଼ରେ ପ୍ରାୟ ୨୫ ମିଟର ଲମ୍ବର ଖାଲ ରହିଛି। ଏହି ଖାଲରେ ଦୀର୍ଘଦିନ ଧରି ପାଣି ଜମି ରହିଥିବାରୁ ପାଣିରୁ ଦୁର୍ଗନ୍ଧ ବାହାରୁଥିବାବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ଏହାର ତଦନ୍ତ କରାଯାଇ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ବିଜୟ ଦାସ, ଉମାକାନ୍ତ ସାହୁ, ପ୍ରଭାତ ସାହୁ, ରାଜୁ ସାହୁ, ବୈଷ୍ଣବ ରାଉତ ଓ ଅକ୍ଷୟ ନାୟକ ପ୍ରମୁଖ ଦାବି କରିଛନ୍ତି।

# କାର୍ଗିଲ ବିଜୟ ଦିବସରେ ସହିଦ ସଚ୍ଚିଦାନନ୍ଦଙ୍କୁ ମିଳିଲାନି ଶ୍ରଦ୍ଧାଞ୍ଜଳି

ରାଜକନିକା,୨୭।୭(ସମିସ): ଦେଶମାତୃକାର ସେବାରେ ନିୟୋଜିତ ହୋଇ ସହିଦ ହୋଇଥିବା ସଚ୍ଚିଦାନନ୍ଦ ମଲିକଙ୍କୁ ଭୁଲିଗଲେ ସମସ୍ତେ। ପ୍ରଶାସନ ପକ୍ଷରୁ ଧାରାବାହିକ ଭାବେ ସମ୍ପୂର୍ଣ୍ଣ ଅବହେଳିତ ହୋଇଆସୁଥିବା କାର୍ଗିଲ ସହିଦଙ୍କୁ ବି ଏଥର ବିଜୟ ଦିବସରେ ଅଣଦେଖା କରାଯାଇଛି। ଦେଶର ଶହ ଶହ ଯବାନ କାର୍ଗିଲ ଯୁଦ୍ଧରେ ସହିଦ ହେବା ଓ ସେହି ବଳିଦାନକୁ ଜୁଲାଇ ୨୬ ତାରିଖରେ ବିଜୟ ଦିବସ ଦେଶ ସାରା ପାଳନ ହୋଇଥିବାବେଳେ ରାଜକନିକାର ସହିଦ ସଚ୍ଚିଦାନନ୍ଦଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ପ୍ରଶାସନ ଭୁଲିଯାଇଛି। ରାଜକନିକାର କଣ୍ଡିଆ ଫାଣ୍ଡି ନିକଟରେ ୨୦୨୧ରେ ନିର୍ମିତ ସ୍ମୃତି ଉଦ୍ୟାନ, ସ୍ମୃତି ଫଳକ ଓ ସହିଦଙ୍କ ପ୍ରତିକୃତି ଅବହେଳାର ଶିକାର ହେବା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତ କଣ୍ଡିଆ ଗାଁର ଏକମାତ୍ର ସହିଦ୍ ସଚ୍ଚିଦାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଫୁଲଟିଏ ଦିଆ ନ ଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ମତ ପ୍ରକାଶ ପାଉଛି। ଗତବର୍ଷ ମଧ୍ୟ ସଚ୍ଚିଦାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଦେଇ ସ୍ଥାନୀୟ ସରପଞ୍ଚ ନିଜର ମାନବିକତା ଦେଖାଇ ପ୍ରଶଂସା ସାଉଁଟିଥିଲେ। ତେବେ ପ୍ରତିବର୍ଷ ସହିଦ ଦିବସରେ ପ୍ରଶାସନ ପାଖରେ ଏ ନେଇ ଖବର ନ ରହିବା କି ଶ୍ରଦ୍ଧାଞ୍ଜଳି ନ ଦେବା ସମ୍ପର୍କରେ ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂତ୍ରରୁ ଖବର ନ ଥିବା କହିବା ସହ ସହିଦ ସ୍ମୃତି କମିଟିକୁ ଦୋଷ ଦେଇଥିଲେ। ସେ ସହିଦ ସ୍ମୃତି ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଏଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ୪୯.୦୮ ଏକର ସରକାରୀ ଓ ଦେବୋତ୍ତର ଜମି ହଡ଼ପ ଅଭିଯୋଗ

# ଇଡି ନିକଟରେ ନିରପେକ୍ଷ ତଦନ୍ତ ଦାବି

କେନ୍ଦ୍ରାପଡ଼ା,୨୭।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପଲ୍ଲୀରଘୁନାଥପୁର, ଗରଦପୁର, ଚକରଘୁନାଥପୁର, ବଡ଼ସରଦାଇପୁର ଓ ନହଙ୍ଗ ମୌଜାରେ ଅବସ୍ଥିତ ପ୍ରାୟ ୪୯.୦୮ ଏକର ସରକାରୀ ଓ ସର୍ବସାଧାରଣ ଦେବୋତ୍ତର (ନିସ୍କର) ଜମି ବେଆଇନ ଭାବେ ବ୍ୟକ୍ତିଗତ ନାମରେ ରେକର୍ଡ କରାଯାଇଥିବା ଅଭିଯୋଗକୁ ନେଇ ନୂଆ ମୋଡ଼ ଆସିଛି। ଏହି ଘଟଣାର ସ୍ୱାଧୀନ ଓ ନିଷ୍ପକ୍ଷ ତଦନ୍ତ ଦାବି କରି ଆଇନଜୀବୀ ମନୋରଞ୍ଜନ ଜେନା ଭାରତ ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିକଟରେ ଏକ ବିସ୍ତୃତ ଅଭିଯୋଗପତ୍ର ଦାଖଲ କରିଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଉପଲବ୍ଧ ବନ୍ଦୋବସ୍ତ ରେକର୍ଡ ଅନୁଯାୟୀ ସମ୍ପୃକ୍ତ ଜମି ସର୍ବସାଧାରଣ ଦେବୋତ୍ତର (ନିସ୍କର) ସମ୍ପତ୍ତି ଥିଲା। ୧୯୬୨ର ବନ୍ଦୋବସ୍ତ ସମୟରେ ଏହି ଜମି ରାଜ୍ୟ ସରକାରଙ୍କ ନାମରେ ରେକର୍ଡ ହେବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପରବର୍ତ୍ତୀ ଚକବନ୍ଦୀ ପ୍ରକ୍ରିୟାରେ ଏହାର ବଡ଼ ଅଂଶ ବ୍ୟକ୍ତିଗତ ନାମରେ ରେକର୍ଡ ହୋଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଉପଲବ୍ଧ ଦସ୍ତାବିଜରୁ ଜାଲି ହାତପଟା, ଜାଲି ଦଲିଲ ଓ ରାଜସ୍ୱ ରେକର୍ଡରେ ଅନିୟମିତତା ଘଟିଥିବା ସନ୍ଦେହ ସୃଷ୍ଟି ହେଉଛି। ତେଣୁ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟ ଉନ୍ମୋଚନ କରିବାକୁ ସେ ଦାବି କରିଛନ୍ତି। ଆହୁରି ମଧ୍ୟ ଦର୍ଶାଯାଇଛି ଯେ, ଉକ୍ତ ଜମିକୁ ନେଇ ଏକାଧିକ ରିଭିଜନ ମାମଲା ସମ୍ପୃକ୍ତ ଚକବନ୍ଦୀ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ ରହିଛି। ତଦନ୍ତ ସମୟରେ ବନ୍ଦୋବସ୍ତ ରେକର୍ଡ, ସାବକ ଓ ହାଲ୍ ଆରଓଆର୍, ଚକବନ୍ଦୀ ରେକର୍ଡ, ମାନଚିତ୍ର, ରିଭିଜନ ମାମଲାର ନକଲ, ଏଫ୍‌ଆଇଆର୍ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଦସ୍ତାବିଜ ତଦନ୍ତକାରୀ ସଂସ୍ଥାକୁ ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ ରହିଛି। କେବଳ ଏହି ୪୯.୦୮ ଏକର ଜମି ନୁହେଁ, କେନ୍ଦ୍ରାପଡ଼ା ସହର ସଂଲଗ୍ନ ଗୁହାଳସିଂ, ମିର୍ଜାପଟଣା, ମୀରାକମାଲପାଟଣା, ଠାକୁରହାଟ ସମେତ ଅନ୍ୟାନ୍ୟ ମୌଜାରେ ଥିବା ମୂଲ୍ୟବାନ ସରକାରୀ ଓ ସର୍ବସାଧାରଣ ସମ୍ପତ୍ତି ସମ୍ପର୍କରେ ମଧ୍ୟ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଚକବନ୍ଦୀ ପ୍ରକ୍ରିୟାରେ ସମ୍ପୃକ୍ତ କିଛି ଅଧିକାରୀ, କର୍ମଚାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭୂମିକା ଯାଞ୍ଚ କରିବା ସହ ପରବର୍ତ୍ତୀ ସମୟରେ ହୋଇଥିବା ସମ୍ପତ୍ତି ହସ୍ତାନ୍ତର ଓ ବିକ୍ରୟ କାରବାରର ମଧ୍ୟ ତଦନ୍ତ କରିବାକୁ ଦାବି କରାଯାଇଛି। ସବୁ ଘଟଣାର ସ୍ୱାଧୀନ ଓ ନିଷ୍ପକ୍ଷ ତଦନ୍ତ କରିବା, ଆବଶ୍ୟକ ହେଲେ ସମ୍ପୃକ୍ତ ଆର୍ଥିକ କାରବାର, ସମ୍ପତ୍ତି ହସ୍ତାନ୍ତର ଓ ଲାଭାନ୍ୱିତ ବ୍ୟକ୍ତିଙ୍କ ଭୂମିକାକୁ ଯାଞ୍ଚ କରିବା ସହ କୌଣସି ଆର୍ଥିକ ଅପରାଧ କିମ୍ବା ଅବୈଧ ସମ୍ପତ୍ତି ହାସଲର ପ୍ରମାଣ ମିଳିଲେ ଆଇନ ଅନୁସାରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ଗୁହାଳସିଂରେ ପ୍ରାଥମିକ ଆଇନ ସହାୟତା ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା/ଡେରାବିଶ,୨୭।୭(ସମିସ): ସାଧାରଣ ଲୋକଙ୍କ ଦ୍ୱାରପାଖରେ ନିଃଶୁଳ୍କ ଆଇନ ପରାମର୍ଶ ପହଞ୍ଚାଇବା ଉଦ୍ଦେଶ୍ୟରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ପଞ୍ଚାୟତ ଗୁହାଳସିଂରେ ଏକ ନିଃଶୁଳ୍କ ପ୍ରାଥମିକ ଆଇନ ସହାୟତା ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ସଚେତନତା ଓ ନିଃଶୁଳ୍କ ଆଇନ ସେବାର ଆବଶ୍ୟକତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶିବରାମ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସନ୍ତୋଷ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଃଶୁଳ୍କ ଆଇନ ସେବା ଯୋଜନା ଓ ସାଧାରଣ ଲୋକ କିପରି ଏହାର ସୁବିଧା ପାଇପାରିବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁଜିତ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟକ୍ଷ ଡଃ ରବୀନ୍ଦ୍ର ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଡଃ ଚିରଞ୍ଜିବୀ ପଣ୍ଡା, ଗୁହାଳସିଂ ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ଦାସ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ କଳିଙ୍ଗ କେଶରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟସାଇ ଶିଶୁ ବିଦ୍ୟାମନ୍ଦିର ରାସ୍ତା କଡ଼ରୁ ଉପୁଡ଼ିଲା ବରଗଛ



ପଟ୍ଟାମୁଣ୍ଡାଇ,୨୭।୭(ସମିସ): ସମ୍ପ୍ରତି ଲଘୁଚାପଜନିତ ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟାବିପନ୍ନ ଧୋୟାଞ୍ଚଳର ୧୦ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ତେବେ ଏହି ବର୍ଷାରେ ଆଜି ଅପରାହ୍ନରେ ତରଡ଼ିପାଳ କନକବିହାରସ୍ଥ ସତ୍ୟସାଇ ଶିଶୁ ବିଦ୍ୟାମନ୍ଦିର ମୁଖ୍ୟରାସ୍ତାର ବାମ ପାଶ୍ୱର୍ରେ ଥିବା ଏକ ବିରାଟ ବରଗଛ ଉପୁଡି ପଡିଛି। ଗଛ ମୂଳରୁ ମାଟି ଧୋଇ ଯିବା ଫଳରେ ମୂଳ ଦୁର୍ବଳ ହୋଇ ଗଛ ଉପୁଡି ଯାଇଥିବା ଜଣାପଡିଛି। ଏହି ବରଗଛ ଉପୁଡ଼ିବା ଫଳରେ ରାସ୍ତାରେ ପ୍ରାୟ ୨୦ ଫୁଟ ଚଉଡାର ଖାଲ ସୃଷ୍ଟି ହୋଇ ସମ୍ପ୍ରତି ରେନକଟରେ ପରିଣତ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଲଗାଣ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଥିବାରୁ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଓ ବ୍ଲକ୍ କର୍ତ୍ତୃପକ୍ଷ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ଜାଫ୍ରି କରି ବାଲି ବସ୍ତା ପ୍ୟାକିଂ କରିବାକୁ ଅଧ୍ୟାପକ ରବିରଞ୍ଜନ ଶର୍ମା ଦାବି କରିଛନ୍ତି।

## ଭିତରକନିକାରେ ୧୧୭ କୁମ୍ଭୀର ବସା ଚିହ୍ନଟ

# ଶାଗୁଣାଚର ନିକଟରୁ ୨୨ଟି ଅଣ୍ଡା ସଂଗ୍ରହ


ରାଜନଗର,୨୭।୭(ସମିସ): ଭିତରକନିକା ଜାତୀୟଉଦ୍ୟାନର ନଦୀ, ନାଳରେ ବସବାସ କରୁଥିବା ବିରଳ ବଉଳା କୁମ୍ଭୀର ୧୧୭ଟି ବସା ତିଆରି କରି ଅଣ୍ଡା ଦେଇଛନ୍ତି। ଜୁଆର ପାଣି ମାଡ଼ି ଯାଇ ନଷ୍ଟ ହୋଇଯାଇଥିବା ଏକ କୁମ୍ଭୀର ବସାରୁ ୨୨ଟି ଅଣ୍ଡା ସଂଗ୍ରହ କରାଯାଇଛି। ଭିତରକନିକା ନଦୀର ଶାଗୁଣାଚର କ୍ରିକ୍ ନିକଟରୁ ଜୁଆର ମାଡ଼ରେ କ୍ଷତିଗ୍ରସ୍ତ କୁମ୍ଭୀର ବସାରୁ ଏହି ଅଣ୍ଡା ସଂଗ୍ରହ କରାଯାଇଛି। ଡାଙ୍ଗମାଳସ୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଏହି ୨୨ଟି ଅଣ୍ଡା ରଖାଯାଇ କୃତ୍ରିମ ଉପାୟରେ ଛୁଆ ଫୁଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।



ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ତାରିଖ ଯାଏଁ ଦୀର୍ଘ ୩ ମାସ ଧରି ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଥାଏ ଓ ମାଆ କୁମ୍ଭୀର ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠୁଁ ଉଚ୍ଚ ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠିକୁଟାକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ ଓ ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା'ଉପରେ ପୁଣି ଖରଖରି ପତ୍ର ଓ କାଠିକୁଟା ଘୋଡ଼ାଇ ଦେଇଥାଏ। ଏହି କାରଣରୁ ବନବିଭାଗ ପକ୍ଷରୁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ତାରିଖ ଯାଏଁ ୩ ମାସ ଧରି ଭିତରକନିକାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ। ଗତବର୍ଷ ଭିତରକନିକାରେ ୧୧୬ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୧୧୭ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଚଳିତ ବର୍ଷ ଚିହ୍ନଟ ହୋଇଥିବା ୧୧୭ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଞ୍ଜରେ ୧୦୬ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବାବେଳେ ରାଜନଗର ରେଞ୍ଜରେ ୧୦ଟି, ମହାକାଳପଡା ରେଞ୍ଜ ଅଞ୍ଚଳରେ ୧ଟି କୁମ୍ଭୀର ବସା ଚିହ୍ନଟ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ବାହାରେ କିଛି କୁମ୍ଭୀର ବସା ଚିହ୍ନଟ ହୋଇଥିବା ଜଣାପଡିଛି। ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ବଉଳା କୁମ୍ଭୀରଙ୍କ ବଂଶରକ୍ଷା, ବଂଶବୃଦ୍ଧି ଓ ଗବେଷଣା ପାଇଁ କୁମ୍ଭୀର ପ୍ରଜନନ କେନ୍ଦ୍ର ରହିଛି। ୧୯୭୫ରୁ ଏହା କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ ପ୍ରାକୃତିକ ଉପାୟରେ ଉଦ୍ଧାର ଅଣ୍ଡାରୁ ଛୁଆ ଫୁଟା ଯାଇଥାଏ।

▶▶ ପାଣି ନିଷ୍କାସନ ବାଟ ବନ୍ଦ

# ବଡ଼କୂଳ ଓ ଦହିମାଛ ଗାଁ ଜଳମଗ୍ନ



ମହାକାଳପଡ଼ା, ୨୭।୭ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ବଡ଼କୂଳ ଓ ଦହିମାଛ ଗ୍ରାମରେ ଲଘୁଚାପଜନିତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ପାଣି ନିଷ୍କାସନ ପାଇଁ ଥିବା ପ୍ରାକୃତିକ ବାଟକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରିଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ପାଣି ଗାଁ ରାସ୍ତା ଓ ଅନେକ ଘର ଭିତରେ ପଶି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପାଣି ନିଷ୍କାସନର ପୁରୁଣା ବାଟ ବନ୍ଦ ହୋଇଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ପାଣି ଜମି ରହୁଛି। ଏଥିଯୋଗୁଁ ଘର, ରାସ୍ତାଘାଟ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଲୋକମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପାଣି ନିଷ୍କାସନ ବାଟ ବନ୍ଦ କରାଯିବାର ପରିଣାମ ସମଗ୍ର ଗାଁକୁ ଭୋଗିବାକୁ ପଡୁଛି। ଘଟଣାର ତଦନ୍ତ କରି ଅବରୋଧ ହଟାଇ ପାଣି ନିଷ୍କାସନ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ଦୋଷୀଙ୍କ ବିରୋଧରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତିଖିରୀ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

# ୨୧ରୁ ୨୦ ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ଅଗଷ୍ଟ ୧୩ରେ ହେବ ଭୋଟିଂ

କେନ୍ଦ୍ରାପଡ଼ା,୨୭।୭(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆସନ୍ତା ଅଗଷ୍ଟ ୧୩ ତାରିଖରେ ଭୋଟ ଗ୍ରହଣ ହେବ। ତିଖିରୀ ପଞ୍ଚାୟତ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ଭୋଟିଂରେ ସରପଞ୍ଚଙ୍କୁ ପଦଚ୍ୟୁତ କରିବା ପାଇଁ ଆଇନ ଅନୁଯାୟୀ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ ରହିଛି। ସୋମବାର କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିଥିବା ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରାଯାଇଥିଲା। ଅନାସ୍ଥା ପ୍ରସ୍ତାବରେ ୨୧ ଜଣ ୱାର୍ଡ ସଭ୍ୟ ସ୍ୱାକ୍ଷର କରିଥିବାବେଳେ ଯାଞ୍ଚ ସମୟରେ ୨୦ ଜଣ ଉପସ୍ଥିତ ଥିଲେ। ଜଣେ ୱାର୍ଡ ସଭ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଉପସ୍ଥିତ ହୋଇପାରି ନ ଥିବା ସୂଚନା ମିଳିଛି।

ଗତ ଜୁଲାଇ ୨୩ ତାରିଖରେ ତିଖିରୀ ପଞ୍ଚାୟତର ୨୧ ଜଣ ୱାର୍ଡ ସଭ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ସରପଞ୍ଚଙ୍କ ବିରୋଧରେ ଲିଖିତ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିଲେ। ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରୁଥିବା ୱାର୍ଡ ସଭ୍ୟ ବନିତା ସେଠୀ କହିଛନ୍ତି, ପଞ୍ଚାୟତରେ ଆଧାର କାର୍ଡ ସଂଶୋଧନ ଭଳି ସାଧାରଣ କାମ ମଧ୍ୟ ସୁଚାରୁ ଭାବେ ହେଉନାହିଁ। ସରପଞ୍ଚ ଅଞ୍ଚଳରେ ରହୁନଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ହେଉନାହିଁ। ଅନ୍ୟ ଜଣେ ୱାର୍ଡ ସଭ୍ୟ ଜୟନ୍ତୀ ଦାସ ମଧ୍ୟ ସମାନ ଅଭିଯୋଗ କରି କହିଛନ୍ତି, ସାଧାରଣ ପ୍ରଶାସନିକ କାମ ମଧ୍ୟ ଠିକ୍ ଭାବେ ହେଉନଥିବାବେଳେ ବିକାଶ କାର୍ଯ୍ୟ ପଛକୁ ଚାଲିଯାଇଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ କହିଛନ୍ତି, ଆଜି ଦସ୍ତଖତ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହୋଇଛି ଓ ଉପସ୍ଥିତ ୨୦ ଜଣ ୱାର୍ଡ ସଭ୍ୟଙ୍କ ସ୍ୱାକ୍ଷର ସଠିକ୍ ଥିବା ଯାଞ୍ଚରେ ଜଣାପଡ଼ିଛି। ଅଗଷ୍ଟ ୧୩ ତାରିଖରେ ଆଇନ ଅନୁଯାୟୀ ଭୋଟଗ୍ରହଣ କରାଯିବ। ଅନ୍ୟପକ୍ଷରେ କିଛି ସ୍ଥାନୀୟ ବୁଦ୍ଧିଜୀବୀ ଓ ସରପଞ୍ଚଙ୍କ ସମର୍ଥକଙ୍କ ମତ ହେଉଛି, ସରପଞ୍ଚ ଚାମେଲି ଓଝା ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗରେ ସର୍ବସାଧାରଣରେ ମତ ରଖିବା, ଆନ୍ଦୋଳନ କରିବା ଓ ରାଜନୈତିକ ଅବସ୍ଥାନ ପରିବର୍ତ୍ତନ କରିବା ପରେ ଏହି ଅନାସ୍ଥା ପ୍ରସ୍ତାବ ଆସିଥିବାରୁ ଏହା ପଛରେ ରାଜନୈତିକ କାରଣ ଥାଇପାରେ। ତେବେ ସରପଞ୍ଚ ଚାମେଲି ଓଝାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଭୋଟ ଗ୍ରହଣର ଫଳାଫଳ ପରେ ତିଖିରୀ ପଞ୍ଚାୟତର ନେତୃତ୍ୱକୁ ନେଇ ସ୍ଥିତି ସ୍ପଷ୍ଟ ହେବ।

# ସରକାରୀ ଗାଡ଼ିର ଲଗବୁକ୍ ରଖୁନାହାନ୍ତି କେନ୍ଦ୍ରାପଡ଼ା ଡିଇଓ

ଭୁବନେଶ୍ୱର/କେନ୍ଦ୍ରାପଡ଼ା, ୨୭।୭(ସମିସ): ସରକାରୀ ଗାଡ଼ିରେ ବାବୁ ବୁଲୁଛନ୍ତି; ମାତ୍ର କେଉଁଆଡ଼େ ଯାଇଛନ୍ତି ତାର କୌଣସି ତଥ୍ୟ ରଖୁନାହାନ୍ତି। କେତେ କିଲୋମିଟର ବୁଲିଲେ ଓ କେତେ ଇନ୍ଧନ ଖର୍ଚ୍ଚ ହେଲା ସେନେଇ ଅଫିସରେ କୌଣସି ତଥ୍ୟ ନାହିଁ। କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ୍‌ରେ ଜନ ସୂଚନା ଅଧିକାରୀ (ପିଆଇଓ) ଏପରି ସୂଚନା ଦେବା ପରେ ବଡ଼ ଧରଣର ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

ଆର୍‌ଟିଆଇରେ ଡିଇଓଙ୍କ ଗସ୍ତ ସମ୍ପର୍କିତ ତଥ୍ୟ ବା ଲଗ୍‌ବୁକ୍ ସମ୍ପର୍କରେ ଆଇନଜିବି ଶକ୍ତି ଗାୟତ୍ରୀ ପଣ୍ଡା ତଥ୍ୟ ମାଗିଥିଲେ। ମାତ୍ର ଡିଇଓଙ୍କ କାର୍ଯ୍ୟାଳୟର ପିଆଇଓ ଏପରି ତଥ୍ୟ ଉପଲବ୍ଧ ନାହିଁ ବୋଲି ଉଲ୍ଲେଖ କରିଥିଲେ। ଉତ୍ତରରେ ସନ୍ତୁଷ୍ଟ ନ ହୋଇ ସେ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲ କର୍ତ୍ତୃପକ୍ଷ ମଧ୍ୟ ଡିଇଓଙ୍କ କାର୍ଯ୍ୟାଳୟରେ ତଥ୍ୟ ଗଚ୍ଛିତ ରଖାଯାଇ ନାହିଁ ବୋଲି ଶୁଣାଣୀ କରିଥିଲେ। ଯାହାକୁ ନେଇ ଶ୍ରୀମତି ପଣ୍ଡା ଆପତ୍ତି କରିବା ସହ ଯଦି ଲଗ୍‌ବୁକ୍ ନାହିଁ କେବେ ଇନ୍ଧନ ବାବଦକୁ ଅର୍ଥ କିପରି ମିଳୁଛି ବୋଲି ପ୍ରଶ୍ନ କରିଛନ୍ତି। ଆର୍‌ଟିଆଇ ଧାରା - ୨ (ଏଫ୍) ଅନୁଯାୟୀ ସରକାରୀ ଗାଡ଼ିର ଚଳାଚଳ ସୂଚୀ (ଲଗ୍‌ବୁକ୍) ସୂଚନା ଅଧିକାର ଆଇନ୍ ପରିସର ଭୁକ୍ତ ହୋଇଥିଲେ ମଧ୍ୟ ତଥ୍ୟ ଲୁଚାଯାଉଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଯାନବାହାନ ନିୟମ ୧୯୭୮ ର ନିୟମ ୬ ଓ ୭ ଅନୁଯାୟୀ ସରକାରୀ ଗାଡ଼ିର ଲଗବୁକ୍ ରଖିବା ବାଧ୍ୟତାମୂଳକ କରାଯାଇଛି। ମାତ୍ର ଏଠାରେ ନିୟମକୁ ଉଲଂଘନ କରି କିପରି ଇନ୍ଧନ, ଦୈନିକ ଭତ୍ତା ଓ ଆନୁସଙ୍ଗିକ ବାବଦକୁ କୋଟିକୋଟି ଟଙ୍କା ବିଲ୍ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି।

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।
-ଦଲାଇ ଲାମା

ସକାଳ THE SAKALA

## ମାଆକୁ ବଳି!

ଦେଶର ଶିକ୍ଷା ବ୍ୟବସ୍ଥାରେ ଚରମ ବିଭ୍ରାଟ୍, ବ୍ୟତିକ୍ରମ ଓ ଭ୍ରଷ୍ଟାଚାର ଅଭିଯୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ସଂଗଠିତ ଆନ୍ଦୋଳନ ଅଭୂତପୂର୍ବ ଜନସମର୍ଥନ ଲାଭ କରି ଚମତ୍କାର ସଫଳତା ହାସଲ କରିଛି। ଏହାର ପ୍ରଭାବ ଦୀର୍ଘଦିନ ପର୍ଯ୍ୟନ୍ତ ଦେଶର ଅନ୍ୟାନ୍ୟ ଦୁର୍ନୀତି ବିରୋଧୀ ଆନ୍ଦୋଳନକୁ ପ୍ରେରଣା ଯୋଗାଇବ। କିନ୍ତୁ ଏହି କୋଳାହଳ ମଧ୍ୟରେ ଦେଶର ଅନ୍ୟ ଦୁଇଟି ସ୍ଥାନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଆନ୍ଦୋଳନ ଲୁଚି ଯାଇଛି, ଯାହା ବିଷୟରେ ଗଣମାଧ୍ୟମରେ ଯଥାଯଥ ଆଲୋଚନା ହୋଇନାହିଁ କି ଅବଶିଷ୍ଟ ଭାରତବାସୀଙ୍କ ଲୋକଲୋଚନକୁ ଆସିନାହିଁ।

ଉତ୍ତରାଖଣ୍ଡର ଡେରାଡୁନ୍ ଜିଲ୍ଲାର ଭାନିଆୱାଲା-ଋଷିକେଶ ଛଅଲେନ୍ ସଡ଼କ ପଥ ନିର୍ମାଣ ପାଇଁ ୪୩୬୯ଟି ବୃହତ୍ ବୃକ୍ଷ ଛେଦନ ଯୋଜନା ଚୂଡ଼ାନ୍ତ ହୋଇସାରିଛି। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଲୋକମାନେ 'ଚିପ୍‌କୋ ଆନ୍ଦୋଳନ' ଭଳି ଦୀର୍ଘଦିନ ଧରି ନିରବ ଓ ପ୍ରତୀକାତ୍ମକ ପ୍ରତିବାଦ ଜାରି ରଖିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ଡେରାଡୁନ୍‌ର ୪୬ ହଜାର ହେକ୍ଟର ଜଙ୍ଗଲ ଜମି ସଡ଼କ, ଖଣି ଆଦି ବିଭିନ୍ନ ଭିତ୍ତିଭୂମି ବିକାଶ ଲାଗି କିସମ ପରିବର୍ତ୍ତନ କରାଯାଇସାରିଲାଣି। ଦ୍ୱିତୀୟ ବିକ୍ଷୋଭ ସଂଘଟିତ ହୋଇଛି ମଧ୍ୟପ୍ରଦେଶରେ। ୪୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା କେନ୍-ବେଟ୍‌ୱା ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଆଦିବାସୀମାନେ ଦୀର୍ଘଦିନ ଧରି ଧାରଣାରେ ବସିଛନ୍ତି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଅମିତ୍ ଭଟ୍ଟନାଗର ୧୮ ଦିନର ଆମରଣ ଅନଶନ ପରେ ପ୍ରଶାସନ ବାଧ ହୋଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛି। ଏହି ପ୍ରକଳ୍ପ ଦ୍ୱାରା ସେମାନେ ଭିଟାମାଟି ହରାଇବା ସହିତ ବ୍ୟାପକ ପରିମାଣର ପ୍ରାକୃତିକ ଜଙ୍ଗଲ କ୍ଷୟ ହେବାର ଆଶଙ୍କା ରହିଛି।

ଉପରୋକ୍ତ ଦୁଇଟି ଯାକ ଆନ୍ଦୋଳନ/ପ୍ରତିବାଦ/ବିକ୍ଷୋଭର କୌଣସି ବ୍ୟକ୍ତିଗତ କିମ୍ବା ରାଜନୈତିକ ସ୍ୱାର୍ଥ ବିଜଡ଼ିତ ନୁହେଁ, ବରଂ ପ୍ରକୃତିର ସନ୍ତାନ ସେମାନଙ୍କ ପ୍ରକୃତି ମାଆର ସୁରକ୍ଷା ପାଇଁ ସଂଗ୍ରାମ ଆରମ୍ଭ କରିଛନ୍ତି। ପ୍ରକୃତିର ବିନାଶରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଦିନକୁ ଦିନ ଉଗ୍ର ହେଉଛି। ଗତ କିଛିବର୍ଷ ହେଲା ଉତ୍ତରାଖଣ୍ଡ କିଭଳି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି ତାହା ଆମେ ଦେଖିଆସୁଛେ। ଏହାର ଏକମାତ୍ର କାରଣ ହେଉଛି ମନୁଷ୍ୟକୃତ ଅପରିଣାମଦର୍ଶୀ ବିକାଶ। ଏତେ ବିପର୍ଯ୍ୟୟ ପରେ ମଧ୍ୟ ସରକାର ଚେତୁ ନାହାନ୍ତି। ପ୍ରକୃତିକୁ ବିନାଶ କରିବାର ଧାରା ଜାରି ରହିଛି। ଏବେ ଯେତିକି ପରିମାଣର ଗଛ ବଳି ପଡ଼ିବାକୁ ଯାଉଛି ତାହାର ପରିଣାମ ମଧ୍ୟ ସହଜେ ଅନୁମେୟ। ଏହାର ନିରାକରଣ ଦାୟିତ୍ୱ ନୀତି ନିର୍ଦ୍ଧାରକ ଓ ସରକାରମାନଙ୍କର। କିନ୍ତୁ ସେମାନେ ଉଦାସୀନ ଥିବା ବେଳେ ସାଧାରଣ ଜନତା ପ୍ରକୃତି ପ୍ରତି କୃତଜ୍ଞତା ଓ ମାନବ ସଭ୍ୟତାର ସୁରକ୍ଷା ପାଇଁ ନୈତିକତା ଦୃଷ୍ଟିରୁ ଯଥାସମ୍ଭବ ଉଦ୍ୟମ କରୁଛନ୍ତି। 'ଏକ ପେଡ୍ ମାଆ କି ନାମ(ମାଆ ନାମରେ ଗଛଟିଏ ପୋତିବା)' ପାଇଁ ସରକାର ନାରା ଦେଉଥିବା ବେଳେ ଶାସନ/ପ୍ରଶାସନର ଏତାଦୃଶ ବୃକ୍ଷଛେଦନ କାର୍ଯ୍ୟ ବିକାଶ ଓ ଆଧୁନିକତା ନାମରେ ମାଆକୁ ବଳି ପକାଇବା ଭଳି ନୁହେଁ କି?

ଆଧୁନିକତା ନାମରେ ପ୍ରକୃତି ମାଆର ବଳିଦାନ କେବଳ ଏହି ଦୁଇସ୍ଥାନରେ ସୀମିତ ନାହିଁ। ସଂସଦରେ ପ୍ରଦତ୍ତ ସରକାରୀ ତଥ୍ୟାନୁଯାୟୀ, ଛତିଶଗଡ଼ର ହସଦେଓ ଆରାଣ୍ଡ ଜଙ୍ଗଲାଞ୍ଚଳରେ ୨୩ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ପ୍ରାୟ ୨ ଲକ୍ଷ ୭୪ ହଜାର ଗଛ କାଟିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ସେହିପରି ଗ୍ରେଟ୍ ନିକୋବରରେ ବିମାନବନ୍ଦର, ସହରାଞ୍ଚଳ ଓ ଅନ୍ୟାନ୍ୟ ବିକାଶ ନାମରେ ୧୦ ଲକ୍ଷ ଗଛ ବଳି ଦେବାକୁ ଯାଉଛନ୍ତି। ଏପରିକି ୨୦୨୩ ଶେଷ ସୁଦ୍ଧା ଛତିଶଗଡ଼ର ସମ୍ପୃକ୍ତ ଅଞ୍ଚଳରୁ ପ୍ରାୟ ୯୫ ହଜାର ଗଛ କଟା ସରିଛି। ଗ୍ରେଟ୍ ନିକୋବର ଦ୍ୱୀପରେ ପାଖାପାଖି ୧୩୧ ବର୍ଗକିଲୋମିଟରର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇଛି। ଓଡ଼ିଶାର ଛେଣ୍ଡିପଦା ବ୍ଲକର ନୟନୀ କୋଇଲା ବ୍ଲକକୁ ତେଲଙ୍ଗାନାର ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ଦିଆଯିବା ପରେ ସମ୍ପୃକ୍ତ କମ୍ପାନୀ ସେଠାରେ ଖଣିଜ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଯାଉଛି, ଯେଉଁଥିପାଇଁ ଏକ ବିସ୍ତୃତ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଜମି ବଳି ପଡ଼ିବ ବୋଲି ଅଭିଯୋଗ ହେଉଛି। ହାଇଦ୍ରାବାଦ୍‌ରେ ଏକ ବିଶ୍ୱବିଦ୍ୟାଳୟ ସଂଲଗ୍ନ ୪୦୦ ଏକର ଜମିକୁ ଏକ ଘରୋଇ ସଂସ୍ଥାକୁ ଦେବା ପାଇଁ ବ୍ୟାପକ ବୃକ୍ଷ-ବଳିଦାନ ପର୍ବ ଆରମ୍ଭ ହୋଇଥିଲା। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ରାତିରେ ଏହି କାମ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ସାମାଜିକ ଓ ପରିବେଶ କର୍ମୀଙ୍କ ପ୍ରବଳ ବିରୋଧ ଓ ଅନଶନ ଯୋଗୁଁ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ବୃକ୍ଷ-ବଳି(ମାଆକୁ ବଳି) କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା। ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ରିପୋର୍ଟ ଅନୁଯାୟୀ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୨.୩୩ ନିୟୁତ ଗଛ କଟା ହୋଇଛି। ୨୦୧୬ ରୁ ୨୦୧୯ ରେ ଦ୍ୱିଗୁଣ ଗଛ କଟା ହୋଇଛି। କୋପେନ୍‌ହାଗେନ୍ ବିଶ୍ୱବିଦ୍ୟାଳୟର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୧୯ ରୁ ୨୦୨୨ ମଧ୍ୟରେ ୫.୮ ନିୟୁତ ଗଛ କଟା ହୋଇଛି। ଭାରତ ସରକାରଙ୍କ ରିପୋର୍ଟ ଅନୁଯାୟୀ ତେଲଙ୍ଗାନାରେ ସର୍ବାଧିକ ଗଛ କଟାଯାଉଥିବା ବେଳେ ଓଡ଼ିଶା ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି।

ବିଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର୍'ର ଗତବର୍ଷ ଉଲ୍ଲେଖିତ ଏକ ଗବେଷଣାଲବ୍ଧ ସନ୍ଦର୍ଭର ତଥ୍ୟ ଅନୁଯାୟୀ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ ଯୋଗୁଁ ବାର୍ଷିକ ହାରାହାରି ୨୮ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଦକ୍ଷିଣ-ଏସିଆରେ। ଏହି ଅଞ୍ଚଳରେ ପ୍ରତି ୧ ଲକ୍ଷରେ ୧୧ଜଣଙ୍କ ଜଙ୍ଗଲକ୍ଷୟ ଯୋଗୁଁ ଜୀବନ ହାନି ଘଟିଛି। ଅରଣ୍ୟ ଆମକୁ ବହୁବର୍ଷ ହେଲା ଆକୁଳ ନିବେଦନ କରୁଛି - ମୋତେ ମାର ନାହିଁ; ନଚେତ୍ ତୁମେ ମରିଯିବ। କିନ୍ତୁ ନିଷ୍ଠୁର ମଣିଷ ଅରଣ୍ୟର ସେହି ରୋଦନ ଶୁଣିବାର ଧୈର୍ଯ୍ୟ ଓ ଆନ୍ତରିକତା ହରାଇଛି। ବିକାଶ ନାଁରେ ପ୍ରକୃତି ମାଆର ବଳିଦାନ ଦେଉଥିବା ସନ୍ତାନ କୁପୁତ୍ର ପଦବାଚ୍ୟ।

## ମୃତ୍ୟୁଶଯ୍ୟାରେ ଜୀବନରେଖା

ଡକ୍ଟର ପ୍ରଦୀପ କୁମାର ରଥ

ନଦୀ କେବଳ ଏକ ଜଳ ପ୍ରବାହ ନୁହେଁ, ଏହା ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ଗ୍ରାମୀଣ ଅର୍ଥନୀତିର ପ୍ରାଣବିନ୍ଦୁ। ଯେଉଁ ମହାନଦୀ କୂଳରେ ଦିନେ ସାଧବ ପୁଅଙ୍କ ନୌବାଣିଜ୍ୟର ଗୌରବମୟ ଇତିହାସ ଗଢ଼ିଉଠିଥିଲା ଏବଂ ଦୟା ନଦୀର ତଟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ, ଆଜି ସେହି ପବିତ୍ର ଜୀବନରେଖାଗୁଡ଼ିକ ଶିଳ୍ପାୟନ, ସହରୀକରଣ ଏବଂ ମାନବୀୟ ସ୍ୱାର୍ଥପରତା ଯୋଗୁଁ 'ବିଷାକ୍ତ ଶିରାପ୍ରଶିରା'ରେ ପରିଣତ ହୋଇ ଏକ ନିରବ ହୃଦ୍‌ଘାତର ସମ୍ମୁଖୀନ ହେଉଛନ୍ତି। ଏହି ସାଂଘାତିକ ପରିବେଶ ଓ ଜରୁରୀକାଳୀନ ପରିସ୍ଥିତି କେବଳ ପ୍ରକୃତିକୁ ନଷ୍ଟ କରୁନାହିଁ, ବରଂ ରାଜ୍ୟର କୃଷି, ଗ୍ରାମୀଣ ଜୀବିକା ଓ ରାଜସ୍ୱ ଉପରେ ଏକ ବଡ଼ ଆଘାତ ସଦୃଶ ସାମ୍ନାକୁ ଆସିଛି, ଯାହା ଉପରେ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି ହେବ।



କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ପ୍ରତି ରିପୋର୍ଟ ଅନୁସାରେ ଓଡ଼ିଶାର ୧୯ରୁ ଅଧିକ ପ୍ରମୁଖ ନଦୀ ଅବବାହିକା ଗୁରୁତର ଭାବେ ପ୍ରଦୂଷିତ। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ରାଜ୍ୟର ପ୍ରମୁଖ ୧୧ଟି ନଦୀରେ ଥିବା ୧୨୯ଟି ଜଳ ମନିଟରିଂ ଷ୍ଟେସନ ମଧ୍ୟରୁ ୯୩ଟି ସ୍ଥାନରେ ଜଳ ମାନବ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ। ସ୍ୱଚ୍ଛ ଜଳ ପାଇଁ ବାୟୋକେମିକାଲ୍ ଅକ୍ସିଜେନ୍ ଡିମାଣ୍ଡ(ବିଓଡି)ର ସୀମା ଲିଟର ପିଛା ୩ ମିଲିଗ୍ରାମରୁ କମ୍ ରହିବା ଉଚିତ। ମାତ୍ର ମହାନଦୀ, ବ୍ରାହ୍ମଣୀ, କାଠଯୋଡ଼ି ଓ ଦୟା ନଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହା ୧.୮ ରୁ ୩୯ ମିଲିଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଛି। ଅନୁରୂପ ଭାବେ ଭୁବନେଶ୍ୱରର ଗଙ୍ଗୁଆ ନାଳ, ଯେଉଁଠି ଦୟା ନଦୀ ସହ ମିଶୁଛି, ସେଠାରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ କଲିଫର୍ମ ଜୀବାଣୁର ମାତ୍ରା ନିର୍ଦ୍ଧାରିତ ସୀମା ୫୦୦ ଏମ୍‌ପିଏନ୍ ତୁଳନାରେ ୬୦, ୦୦୦ ରୁ ୭୪, ୦୦୦ ଏମ୍‌ପିଏନ୍ ପର୍ଯ୍ୟନ୍ତ ରେକର୍ଡ କରାଯାଇଛି। ଏହା ଚରମ ବିପଦର ସଙ୍କେତ ଦେଉଛି।

ଏହି ଜଳ ସଙ୍କଟ ଆମ କୃଷି ଓ ଖାଦ୍ୟ ସୁରକ୍ଷାକୁ ସମ୍ପୂର୍ଣ୍ଣ ଉଜୁଡ଼ାଇବାକୁ ଯାଉଛି। ରାଜ୍ୟର ଅଧାରୁ ଅଧିକ ଜିଲ୍ଲାର କୃଷି କାର୍ଯ୍ୟ ଏହି ନଦୀଜଳ ଉପରେ ହିଁ ନିର୍ଭର କରିଥାଏ। ଶିଳ୍ପାଞ୍ଚଳରୁ ବାହାରୁଥିବା ଅମ୍ଳଯୁକ୍ତ ରସାୟନ କ୍ଷେତକୁ ଯିବା ଫଳରେ ମାଟିର ପିଏଚ୍ ସ୍ତର ବିଗିଡ଼ି ଜମିଗୁଡ଼ିକ ଧୀରେ ଧୀରେ ବନ୍ଧ୍ୟା ପାଲଟୁଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ରାହ୍ମଣୀ-ଗୋବରୀ ଜଳପଥ ପୋତି ହୋଇଯିବା ଫଳରେ ୫ ହଜାର ଏକରରୁ ଅଧିକ ଚାଷ ଜମିରେ ପାରମ୍ପରିକ ଭାବେ ହେଉଥିବା ତିନିପ୍ରକାର ଫସଲ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ମହାନଦୀ ଶଯ୍ୟା ଶୁଖି ବାଲିଚର ପାଲଟିଯିବାରୁ ଚାଷ କାର୍ଯ୍ୟ ଗଭୀର ଭାବେ ବାଧାପ୍ରାପ୍ତ ହୋଇଛି। ଏଥିସହ ନଦୀ ଜଳରେ ଥିବା ସୀସା ଓ କ୍ୟାଡମିୟମ ଭଳି ଭାରୀ ଧାତୁ ଧାନ ଓ ପନିପରିବା ମାଧ୍ୟମରେ ମାନବ ଖାଦ୍ୟ ଶୃଙ୍ଖଳକୁ ପ୍ରବେଶ କରୁଛି। ନଦୀରେ ଅତ୍ୟଧିକ ପ୍ଲାଷ୍ଟିକ୍ ଓ ଶିଳ୍ପ ବର୍ଜ୍ୟବସ୍ତୁ ଯୋଗୁଁ ସରକାରୀ ଉଠା ଜଳସେଚନ ପ୍ରକଳ୍ପର ଯନ୍ତ୍ରାଂଶଗୁଡ଼ିକ ବାରମ୍ବାର ନଷ୍ଟ ହେଉଛି, ଯାହା ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

ନଦୀର ଏହି ଦୁର୍ଦ୍ଦଶା ଗ୍ରାମୀଣ ଜୀବିକାକୁ ଛାରଖାର କରିବା ସହ ବ୍ୟାପକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ନଦୀ ପ୍ରଦୂଷଣ ଯୋଗୁଁ ଜଳଜୀବଙ୍କ ବଂଶ ନଷ୍ଟ ହେଉଥିବାରୁ ପାରମ୍ପରିକ ମତ୍ସ୍ୟଜୀବୀମାନେ ରୋଜଗାର ହରାଉଛନ୍ତି। ପୁରୀ ଜିଲ୍ଲାର ଜଗୁଲାଇପାଦର ଏବଂ ନୂଆଦୋକନ୍ଦା ଭଳି ନଦୀତଟବର୍ତ୍ତୀ ଗ୍ରାମର ଶତାଧିକ ପରିବାର ଆଜି ମାଛ ନମିଳିବାରୁ ବାଧ ହୋଇ ଗୁଜୁରାଟ, କେରଳ ଓ ବେଙ୍ଗାଲୁରୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ପ୍ରବ୍ରଜନ କରୁଛନ୍ତି। ଅନ୍ୟପଟେ ଇବ୍ ନଦୀ ଛତିଶଗଡ଼ର ଉପରମୁଣ୍ଡ ବ୍ୟାରେଜ ଯୋଗୁଁ ଫେବ୍ରୁୟାରୀରୁ ଶୁଖିଯାଉଥିବାରୁ ତଟବର୍ତ୍ତୀ ଦିନମଜୁରିଆ ଏବଂ ସାଧାରଣ ଶ୍ରମିକମାନେ କାମଧନ୍ଦା ହରାଉଛନ୍ତି। କେବଳ ସେତିକି ନୁହେଁ, ବିଷାକ୍ତ ପାଣି ଯୋଗୁଁ ମାରାତ୍ମକ ଜୀବାଣୁ ଓ ଚର୍ମରୋଗ ବ୍ୟାପକ ହେଉଛି। ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ପ୍ରଦୂଷିତ ଦୟା ନଦୀଜଳ ବ୍ୟବହାର କରି ଗତବର୍ଷ ଅନେକ ଲୋକ ପ୍ରାଣ ହରାଇବା ସହ ଶତାଧିକ ଆକ୍ରାନ୍ତ ହୋଇଥିଲେ, ଯାହାକୁ ନେଇ ଓଡ଼ିଶା ମାନବାଧିକାର କମିଶନ ମୃତକଙ୍କ ପରିବାରକୁ କ୍ଷତିପୂରଣର ନିର୍ଦ୍ଦେଶ ଦେଇଛନ୍ତି। ପାଣିରେ ଥିବା ରାସାୟନିକ ପଦାର୍ଥ ଲୋକଙ୍କ ମଧ୍ୟରେ ବୃକ୍କ ନଷ୍ଟ ଓ କର୍କଟ ଭଳି ଦୀର୍ଘକାଳୀନ ରୋଗ ବଢ଼ାଉଛି।

ନଦୀଗୁଡ଼ିକର ଏଭଳି ଅବସ୍ଥା ରାଜ୍ୟର ଅର୍ଥନୀତି ଓ ରାଜସ୍ୱ ପାଣ୍ଠି ଉପରେ ମଧ୍ୟ ଭାରୀ ଚାପ ସୃଷ୍ଟି କରୁଛି। ନଦୀପଠା ଓ ଭୂତଳ ଜଳ ପ୍ରଦୂଷିତ ଓ ଶୁଷ୍କ ହୋଇଯାଉଥିବାରୁ ସରକାରଙ୍କୁ ଦକ୍ଷିଣ ଓ ତଟବର୍ତ୍ତୀ ଓଡ଼ିଶାର ଶତାଧିକ ଗ୍ରାମକୁ ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର, ଗଭୀର ବୋରୱେଲ୍ ଏବଂ ଜରୁରୀକାଳୀନ ପାଇପ୍ ଜଳ ଯୋଜନା ମାଧ୍ୟମରେ ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କାର ରାଜସ୍ୱ ବ୍ୟୟ କରିବାକୁ ପଡୁଛି। କୃଷି ବିପର୍ଯ୍ୟୟ ଯୋଗୁଁ ବାରମ୍ବାର 'ମରୁଡ଼ି ଛାୟା' ସୃଷ୍ଟି ହେଉଥିବାରୁ ସରକାରଙ୍କୁ ଚାଷୀଙ୍କ ପାଇଁ ଇନପୁଟ୍ ସବସିଡି ଓ କ୍ରପ୍ ଇନସୁରାନ୍ସ ଭଳି କ୍ଷତିଭରଣା ପ୍ୟାକେଜ୍ ଘୋଷଣା କରିବାକୁ ପଡୁଛି। ଏଥିସହ ମହାନଦୀ ଭଳି ଆନ୍ତଃରାଜ୍ୟ ନଦୀ ବିବାଦ ଯୋଗୁଁ ଟ୍ରିବ୍ୟୁନାଲ୍ ମାମଲା, ହାଇଡ୍ରୋଲଜିକାଲ ସର୍ଭେ ଏବଂ ଆଇନଗତ ପ୍ରକ୍ରିୟାରେ ବର୍ଷ ବର୍ଷ ଧରି ରାଜ୍ୟ ପାଣ୍ଠିରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର କୌଣସି ସ୍ଥାୟୀ ସମାଧାନ ମିଳିପାରୁନାହିଁ।

ଏହି ମହାସଙ୍କଟରୁ ମୁକ୍ତି ପାଇଁ ସରକାରୀ ଓ ବ୍ୟକ୍ତିଗତ ଉଭୟ ସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ। ସରକାରଙ୍କୁ 'ଜିରୋ ଲିକ୍ୱିଡ୍ ଡିସଚାର୍ଜ' ନିୟମ କଡ଼ାକଡ଼ି କରିବାକୁ ହେବ, ଯେପରି କୌଣସି ବି ଶିଳ୍ପ ବର୍ଜ୍ୟବସ୍ତୁ ବିନା ବିଶୋଧନରେ ନଦୀକୁ ଯିବ ନାହିଁ ଏବଂ ସହରଗୁଡ଼ିକରେ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ହେବ। ନଦୀପଥରୁ ବେଆଇନ ବାଲି ଉତ୍ତୋଳନ ବନ୍ଦ କରାଯାଇ ବ୍ୟାପକ ଚାରାରୋପଣ କରାଯିବା ଆବଶ୍ୟକ। ସେହିପରି ବ୍ୟକ୍ତିଗତ ସ୍ତରରେ ଆମକୁ ସଚେତନ ହୋଇ ନଦୀ ଜଳରେ ପ୍ଲାଷ୍ଟିକ୍, ଘରୋଇ ଆବର୍ଜନା ଏବଂ ରାସାୟନିକ ରଙ୍ଗର ମୂର୍ତ୍ତି ବିସର୍ଜନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ନଦୀକୂଳର ଚାଷୀ ଭାଇମାନେ ଜୈବିକ ଚାଷକୁ ଆପଣାଇବା ସହ ପ୍ରତ୍ୟେକ ଗ୍ରାମରେ 'ନଦୀ ସୁରକ୍ଷା ସମିତି' ଗଠନ କରାଯାଇ ଏହାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିବା ଉଚିତ।

ନଦୀ କେବଳ ଓଡ଼ିଶାର ଭୂଗୋଳ ନୁହେଁ, ଏହା ଆମ ଅସ୍ତିତ୍ୱର ନାଡ଼ି। ସେମାନଙ୍କ ସ୍ପନ୍ଦନ ବନ୍ଦ ହେଲେ ଆମ ସଭ୍ୟତା ମଧ୍ୟ ଅପମୃତ୍ୟୁର ଶିକାର ହେବ। ଆଜିର ଏହି ନୀରବତା କାଲିର ମହାବିପର୍ଯ୍ୟୟକୁ ଡାକି ଆଣିବ। ତେଣୁ ସମୟ ଥାଉଁଥାଉଁ ସମସ୍ତଙ୍କୁ ମିଳିତ ଭାବେ ଜାଗ୍ରତ ହେବାକୁ ପଡ଼ିବ।

(ସଭାପତି, ପରିବେଶ ସୁରକ୍ଷା ଅଭିଯାନ)
ମୋ: ୯୪୩୭୫୦୦୫୫୬

## ଜାତିପ୍ରଥା: ଅନ୍ୟ ଦେଶରେ ଅନ୍ୟ ରୂପରେ

ଡ. ପ୍ରଦୀପ କୁମାର ନାୟକ

ଜାତିପ୍ରଥା ପରି ଏକ ଘୃଣ୍ୟ ପ୍ରଥା, ଯାହାକି ଯୁଗେ ଯୁଗେ ସମାଜରେ ଲୋକଙ୍କ ମଧ୍ୟରେ ବିଭିନ୍ନତା ଓ ଅସମାନତା ସୃଷ୍ଟି କରି ଆସିଛି, ତାହା ଯେ କେବଳ ଭାରତରେ ପ୍ରଚଳିତ ଅଛି ତାହା ନୁହେଁ। ଅନ୍ୟ କିଛି ଦେଶରେ ମଧ୍ୟ ଅନ୍ୟରୂପରେ ଏହା ରହି ଆସିଛି। ଭାରତୀୟ ଜାତିପ୍ରଥା 'ଶୁଦ୍ଧତା ଓ ଅଶୁଚିତା'(ପ୍ୟୁରିଟି ଆଣ୍ଡ ପଲ୍ୟୁସନ୍) ଉପରେ ବିଶ୍ୱାସ କରୁଥିଲା ଏବଂ ବୃତ୍ତିଭିତ୍ତିକ ସ୍ତରୀଭୂତ ସାମାଜିକ ବ୍ୟବସ୍ଥା ଉପରେ ଆଧାରିତ ଥିଲା। ସେହିପରି ଏକାପ୍ରକାର ସାମାଜିକ ବିଭିନ୍ନତା ମଧ୍ୟ ଆଉ କେତେକ ଦେଶରେ ଯୁଗେ ଯୁଗେ ରହିଆସିଛି। ସେମାନଙ୍କ ସାମାଜିକ ବ୍ୟବସ୍ଥା ସେହି ଦେଶମାନଙ୍କରେ ଆମ ଦେଶ ପରି ବିଭିନ୍ନତା ଓ ବିଭେଦ ସୃଷ୍ଟି କରି ଆସୁଛି, ଯାହା ସମ୍ବନ୍ଧରେ ବିଶ୍ୱର ସଂଖ୍ୟାଗରିଷ୍ଠ ଲୋକ ଜାଣିନାହାନ୍ତି।

ଯେହେତୁ ଭାରତ ପରି ନେପାଳ ମଧ୍ୟ ଏକ ହିନ୍ଦୁବହୁଳ ରାଷ୍ଟ୍ର, ସେଠାରେ ମଧ୍ୟ ଜାତିପ୍ରଥାର କୁପ୍ରଭାବ ରହିଛି। ଏହି ପଡ଼ୋଶୀ ରାଷ୍ଟ୍ରରେ ସବର୍ଣ୍ଣ ଓ ଅସବର୍ଣ୍ଣ ଦୁଇ ଅଲଗା ଗୋଷ୍ଠୀ ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରେ ବାହୁନ(ବ୍ରାହ୍ମଣ ଓ ପୁରୋହିତ), ଛେତ୍ରି (କ୍ଷତ୍ରିୟ) ଓ ଦଳିତ(କାମି, ଦାମାଇ ଓ ସାର୍କି) ଗୋଷ୍ଠୀ ଅଛନ୍ତି। ନେପାଳୀ ସମାଜରେ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବା ପାଇଁ ରାଜା ମହେନ୍ଦ୍ର ୧୯୬୩ ସାଲରେ ଅଗଷ୍ଟ ୧୭ ତାରିଖରେ ନିଉ ମୁଲକୀ ଆଇନ ପ୍ରଣୟନ କରିଥିଲେ। ତଥାପି ସମାଜରେ ଭେଦଭାବ ରହିଛି।



ବାଂଲାଦେଶର ହିନ୍ଦୁ ସମାଜରେ ଭାରତୀୟଙ୍କ ପରି ଚତୁଃବର୍ଣ୍ଣ ବିଭାଜନ ରହିଛି। କିନ୍ତୁ ମୁସଲମାନ ସମାଜରେ ମଧ୍ୟ ଯେ ସାମାଜିକ ସ୍ଥିତି ଓ ବୃତ୍ତିକୁ ନେଇ ଜାତି ବିଭାଜନ ଅଛି ତାହା ବୋଧହୁଏ ଅନେକ ଅଜ୍ଞ। ସେଠାରେ ଯେଉଁମାନେ ମର୍ଯ୍ୟାଦାସମ୍ପନ୍ନ ଓ ବିଦେଶୀ ସମ୍ଭ୍ରାନ୍ତ ପରିବାରର ବଂଶୋଦ୍ଭବ ସେମାନଙ୍କୁ କହାଯାଏ ଆଶ୍ରାଫ(ଆରବ, ପାରସ୍ୟ ଓ କେନ୍ଦ୍ର ଏସିଆରୁ ଉତ୍ପତ୍ତି), ସ୍ଥାନୀୟ ଧର୍ମାନ୍ତରିତ ମୁସଲିମ ଜାତି 'ଆଜଲାଫ' କିମ୍ବା 'ଆତ୍ରାଫ' ନାମରେ ପରିଚିତ। ଯେଉଁମାନେ ହିନ୍ଦୁ ଦଳିତ ଗୋଷ୍ଠୀରୁ ଧର୍ମାନ୍ତରିତ ସେମାନେ 'ଆରଜାଲ' ରୂପେ ପରିଚିତ। ଏହି 'ଆରଜାଲ' ଗୋଷ୍ଠୀରେ ଜୋଲହା (ତନ୍ତି) ଓ ମେଥର (ମେହେନ୍ତର) ଅନ୍ତର୍ଭୁକ୍ତ ଅଟନ୍ତି।

ଜାପାନର ଇଡୋ ସାମନ୍ତବାଦୀ ଶାସନ ସମୟରେ (୧୬୦୩ - ୧୮୬୭ ସାଲ) ଜାତିପ୍ରଥା ପରି ଏକ ଚାରିସ୍ତରୀୟ ସମାଜ ବିଭେଦକାରୀ ଶାସନ ବ୍ୟବସ୍ଥାର ଆବିର୍ଭାବ ହୋଇଥିଲା। ତାହା 'ଶୀନୋକସୋ' ନାମରେ ଖ୍ୟାତ ଥିଲା। ସମାଜର ସର୍ବୋଚ୍ଚ ପାହ୍ୟାରେ ଥିଲେ 'ଶୀ' ବା 'ସାମୁରାଇ' ଗୋଷ୍ଠୀ, ଯେଉଁମାନେ କି ସେହି ଦେଶର ଯୋଦ୍ଧା ବା କ୍ଷତ୍ରିୟ ଗୋଷ୍ଠୀ ସହ ତୁଳନୀୟ। ଏହିମାନଙ୍କ ତଳେ ଥିଲେ 'ନୋ'(ନୋମିନ) ବା ଚାଷୀ ଶ୍ରେଣୀ। ଏହି ଶ୍ରେଣୀଙ୍କ ପରେ ଥିଲେ 'କୋ' (କୋଶିନ) ବା ଶିଳ୍ପୀ ଏବଂ ଏହାଙ୍କ ତଳେ 'ସୋ' ବା ବ୍ୟବସାୟୀ ଶ୍ରେଣୀ ଥିଲେ। ଏହାଛଡ଼ା ଯେଉଁମାନେ ସମାଜରେ ସବୁଠାରୁ ନିମ୍ନସ୍ତରରେ ଅସ୍ପୃଶ୍ୟ ବା ଦଳିତ ପରି ସ୍ଥିତିରେ ଥିଲେ ସେମାନଙ୍କୁ 'ବୁରାକୁମିନ' କୁହାଯାଉଥିଲା। 'ମେଇଜି' ରାଜାମାନଙ୍କ ଶାସନ କାଳରେ ୧୮୭୧ ସାଲରେ ଜାପାନର ଜାତିପ୍ରଥାକୁ ସରକାରୀ ଭାବେ ଉଚ୍ଛେଦ କରାଯାଇଥିଲା। ଜାପାନ ସମ୍ବିଧାନର ଧାରା ୧୪ ଜାତିପ୍ରଥା ଓ ଅସ୍ପୃଶ୍ୟତା ନିଷିଦ୍ଧ ଘୋଷଣା କରିଛି।

ପଶ୍ଚିମ ଆଫ୍ରିକାର ସେନିଗାଲ, ମାଲି, ଗାମ୍ବିଆରେ ମଧ୍ୟ ଏକ ଜଟିଳ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଭାରତୀୟ ଜାତିପ୍ରଥା ସହ ତୁଳନୀୟ। ସେନିଗାଲରେ 'ଉଫ' ଓ 'ମାଣ୍ଡେ' ଜନଜାତିର ଲୋକମାନେ ଜାତିପ୍ରଥା ମାନନ୍ତି। ମାଲି ଦେଶରେ 'ହରନ' ଜାତିର ଲୋକ ଉଚ୍ଚ ଓ ସମ୍ଭ୍ରାନ୍ତ ବୋଲି ପରିଗଣିତ ହୁଅନ୍ତି। ସାମାଜିକ ଚଳଣିରେ ତାଙ୍କଠାରୁ ନିମ୍ନରେ ରହିଛନ୍ତି 'ନ୍ୟାମାକାଲ' ଜାତିର ଲୋକ। ସମାଜର ସବୁଠାରୁ ନିମ୍ନରେ ଅଛନ୍ତି 'ଜନୋ' ଜାତିର ଲୋକେ, ଯେଉଁମାନେ କି ପୂର୍ବତନ କ୍ରୀତଦାସମାନଙ୍କର ବଂଶଜ ଅଟନ୍ତି। ସେମାନଙ୍କ ସହ ଅନ୍ୟ ଜାତିମାନଙ୍କର ବୈବାହିକ ସମ୍ପର୍କ ନିଷିଦ୍ଧ ଅଟେ।

ସୋମାଲିଆରେ ମଧ୍ୟ ସମାଜରେ ଜାତିପ୍ରଥା ଓ ଉଚ୍ଚନୀଚ ଭେଦ ଭାବ ରହିଛି। 'ମାଧିବାନ', 'ତୁମାଲ' ଓ 'ୟିବିର' ଜାତିମାନଙ୍କୁ ଅସ୍ପୃଶ୍ୟ ଓ ଅଶୁଚି ବୋଲି ଧରାଯାଏ। ନାଇଜେରିଆରେ 'ଅସୁ' ନାମକ ଏକ ପୁରୋହିତ ଶ୍ରେଣୀ ରହିଛନ୍ତି, ଯେଉଁମାନେ କି 'ଦିଆଲା' ଜାତିର ଲୋକଙ୍କୁ ଘୃଣା କରିଥା'ନ୍ତି। ଶ୍ରୀଲଙ୍କାରେ ମଧ୍ୟ 'ସିଂହଳୀ'ମାନଙ୍କ ମଧ୍ୟରେ ବୃତ୍ତିଭିତ୍ତିକ ଜାତିପ୍ରଥା ରହିଛି, ଯାହା କି ସମୟେ ସମୟେ ହିଂସା ଓ ରକ୍ତପାତ ସୃଷ୍ଟି କରିଥାଏ। ଗଭିଗାମା(ଚାଷୀ), କାରାଭା(କେଉଟ), ସାଲାଗାମା(ତନ୍ତି), ଦୂରଭା(ମାହୁନ୍ତ) ଆଦି ଜାତିର ଲୋକ ବାସକରନ୍ତି।

ଏଥିରୁ ଅନୁମିତ ଜାତିବାଦର ବିଷ ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ଦେଶରେ ମଧ୍ୟ ଅଶାନ୍ତି ଓ ଉଚ୍ଚ-ନୀଚ ଭେଦଭାବ ସୃଷ୍ଟି କରିଛି। ଉପରୋକ୍ତ ଦେଶମାନଙ୍କରେ ଅନେକ ସମୟରେ ଏହି କାରଣରୁ ହିଂସା ଓ ରକ୍ତପାତ ହୋଇଥାଏ। ଯେଉଁଦିନ ପର୍ଯ୍ୟନ୍ତ ଏହି ଜାତିଗତ ବିଭିନ୍ନତା ରହିଛି, ସେହି ଦେଶମାନଙ୍କରେ ସମାଜରେ ଅସମାନତା ରହିବ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ବାର୍ଦ୍ଧକ୍ୟ ଓ ଭିଟାମିନ୍ ବି ୧୨

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସାଧାରଣତଃ ବୟସ୍କ ଲୋକଙ୍କର ଆମିଷ ଖାଦ୍ୟ ପ୍ରତି ଆସକ୍ତି କମ୍। ଏହାର ଅନ୍ୟତମ ପରିଣାମ ହେଲା ଭିଟାମିନ୍ ବି ୧୨ ର ଅଭାବ। ଶରୀର ଏହା ଆବଶ୍ୟକ କରେ ଅତି ନଗଣ୍ୟ ମାତ୍ରାରେ। ଅର୍ଥାତ୍ ଦୈନିକ ମାତ୍ର ୨ ମାଇକ୍ରୋଗ୍ରାମ୍। ଅବଶ୍ୟ ଏହା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ। ତେବେ ବୟସ୍କ ଲୋକେ ତାହା ଏକାନ୍ତ ଭାବେ ଆବଶ୍ୟକ କରନ୍ତି ଲୋହିତ ରକ୍ତକଣିକା ସୃଷ୍ଟି, ସ୍ନାୟୁ ବ୍ୟବସ୍ଥାକୁ ସୁସ୍ଥ ରଖିବା ଏବଂ ଜିନୀୟ ପଦାର୍ଥ ଡିଏନ୍ଏ ଉତ୍ପାଦନ କରିବା ଲାଗି।

ଆଜକୁ ପ୍ରାୟ ଶହେ ବର୍ଷ ତଳେ ଆମେରିକାର ଚିକିତ୍ସା ବିଜ୍ଞାନୀ ତଥା ନୋବେଲ୍ ପୁରସ୍କାର ବିଜେତା(୧୯୩୪) ଯୋଡି ଜର୍ଜ ମିନଟ୍ ଏବଂ ଉଇଲିୟମ ମର୍ଫି ଆବିଷ୍କାର କରିଥିଲେ ଯେ ଯଥେଷ୍ଟ ମାତ୍ରାରେ କଲିଜା ଥିବା ଖାଦ୍ୟ ଖାଇଲେ ରକ୍ତହୀନତା ଦୂର ହୁଏ। ପରବର୍ତ୍ତୀ ଅଧ୍ୟୟନରୁ ତହିଁରେ ଥିବା ଭିଟାମିନ୍ ବି୧୨ ଏଥିପାଇଁ ଦାୟୀ ବୋଲି ଜଣାପଡ଼ିଲା। ତତ୍ପରେ ଅନ୍ୟତମ ଆମେରିକୀୟ ଚିକିତ୍ସା ବିଜ୍ଞାନୀ ଜର୍ଜ ହ୍ୱିପ୍ଲ କୁକୁରମାନଙ୍କୁ କଲିଜା ଖାଇବାକୁ ଦେଇ ରକ୍ତହୀନତା ଦୂର କରିଥିଲେ। ତହିଁରେ ଥିବା ଭିଟାମିନ୍ ବି ୧୨ ବା କୋବାଲାମିନ୍ ଏକାର୍ଯ୍ୟ ସଂପାଦନ କରୁଥିବାର ସେ ସିଦ୍ଧାନ୍ତରେ ପହଞ୍ଚିଥିଲେ।

ଏହି ଭିଟାମିନ୍‌ର ଅଭାବ ଏକ ସାଧାରଣ ଘଟଣା। ତେବେ ତାହା ଅଧିକ ଦେଖାଯାଏ ନିରାମିଷାଶୀମାନଙ୍କଠାରେ। କାରଣ ଏହା ସାଧାରଣତଃ ଥାଏ ମାଛ, ମାଂସ, ଅଣ୍ଡା ଓ କ୍ଷୀରଜାତୀୟ ପ୍ରାଣୀଜ ଖାଦ୍ୟରେ। ପୁନଶ୍ଚ କିଛି ଲୋକଙ୍କ ଶରୀର ମଧ୍ୟ ଏହା ଠିକ୍ ରୂପେ ଶୋଷଣ କରିପାରେ ନାହିଁ। ବୟସ୍କ ଲୋକଙ୍କଠାରେ ଭିଟାମିନ ବି ୧୨ ର ଅଭାବ ଅଧିକ ଦେଖାଯାଏ। କାରଣ ଏମାନଙ୍କ ପାକସ୍ଥଳୀରୁ କମ ଅମ୍ଳ ନିର୍ଗତ ହୁଏ, ଯାହାକି ଖାଦ୍ୟରୁ ଏହାର ନିର୍ଗମନ ଘଟାଇବା ପାଇଁ ଆବଶ୍ୟକ। ଅନ୍ୟ କେତେକ ସ୍ଥଳେ ରୋଗ ପ୍ରତିରୋଧ ବ୍ୟବସ୍ଥା ମଧ୍ୟ ଏହାକୁ ପ୍ରତିହତ କରେ। ପୁନଶ୍ଚ ଓଜନ ହ୍ରାସ ଲାଗି ଅସ୍ତ୍ରୋପଚାର, କେତେକ ମଧୁମେହ ଔଷଧ ଆଦି ମଧ୍ୟ ଏହାର ଶୋଷଣ ହ୍ରାସ କରନ୍ତି।

ଭିଟାମିନ୍ ବି ୧୨ ଅଭାବର ଲକ୍ଷଣମାନ ପ୍ରକଟିତ ହୁଏ ଦୁର୍ବଳ ଅନୁଭବ କରିବା କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ହେବା ଇତ୍ୟାଦି ରୂପେ। ଏହା ସ୍ମୃତିଜନିତ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ତେବେ ଏହାର ସବୁଠାରୁ ବଡ଼ ସମସ୍ୟା ହେଲା ଅସ୍ଥିମଜ୍ଜାର ଯଥେଷ୍ଟ ଲୋହିତ ରକ୍ତକଣିକା ଉତ୍ପାଦନ ପ୍ରକ୍ରିୟାକୁ ବ୍ୟାହତ କରେ, ଯାହାଫଳରେ ରକ୍ତହୀନତା ହୁଏ।

ମଣିଷ ଠାରେ ଦୁଇଟି ଏଞ୍ଜାଇମ ସିଧାସଳଖ ଭିଟାମିନ୍ ବି ୧୨ ଆବଶ୍ୟକ କରନ୍ତି। ତହିଁରୁ ଗୋଟିଏ ଡିଏନ୍ଏ ପ୍ରସ୍ତୁତିରେ ଏବଂ ଅନ୍ୟଟି ଜୀବକୋଷର ଶକ୍ତି କେନ୍ଦ୍ର ବୋଲାଉଥିବା ମାଇଟୋକଣ୍ଡ୍ରିଆକୁ ମେଦାମ୍ଳ ଓ ପ୍ରୋଟିନକୁ ପ୍ରକ୍ରିୟା କରଣ କରିବାରେ ସହାୟତା କରେ। ଫଳରେ ତାହା ଖାଦ୍ୟକୁ ଶକ୍ତିରେ ପରିଣତ କରେ। ୨୦୨୬ ମସିହାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜୀବକୋଷଗୁଡ଼ିକ ଯଥେଷ୍ଟ ଭିଟାମିନ୍ ବି ୧୨ ପ୍ରାପ୍ତ ନ ହେଲେ ମାଇଟୋକଣ୍ଡ୍ରିଆ ମଧ୍ୟରୁ ଡିଏନ୍ଏ ତ'ଦ୍ୱାରା ପ୍ରଭାବିତ ହୁଏ ଏବଂ ଶକ୍ତି ଉତ୍ପାଦନ ହ୍ରାସ ପାଏ। ଅନ୍ୟଏକ ପରୀକ୍ଷାରେ ମାଈ ମୂଷାମାନଙ୍କୁ ଏହା ଦେବାରୁ ମାଇଟୋକଣ୍ଡ୍ରିଆର ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ଘଟିବାର ଦେଖାଗଲା। ଅତଏବ ଜଣାପଡ଼ିଲା କାହିଁକି ଯଥେଷ୍ଟ ଭିଟାମିନ୍ ବି ୧୨ ପ୍ରାପ୍ତ ହେଉ ନ ଥିବା ଲୋକେ ରକ୍ତହୀନତା ପୂର୍ବରୁ ପ୍ରଥମେ ଦୁର୍ବଳତା ଅନୁଭବ କରନ୍ତି।

ଦୀର୍ଘଦିନ ଧରି ବୈଜ୍ଞାନିକମାନେ ଏହା ସହିତ ମାଇଟୋକଣ୍ଡ୍ରିଆ କ୍ରିୟାକଳାପର ସଂପର୍କ ଥିବାର ମନେ କରାଯାଉଥିଲା। କାରଣ ଏହା ଉପରେ ନିର୍ଭରଶୀଳ ଏଞ୍ଜାଇମ ଦୁଇଟି ଏହାରି ମଧ୍ୟରେ ହିଁ କାର୍ଯ୍ୟ କରିଥାଏ। ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଥିଲା ଯେ ଭିଟାମିନ୍ ବି ୧୨ କମ୍ ହେବା ବୟସ୍କମାନଙ୍କ ଠାରେ ମାଂସପେଶୀର କ୍ରିୟାକଳାପକୁ ପ୍ରଭାବିତ କରେ। ତେଣୁ କୌଣସି ବ୍ୟକ୍ତି, ବିଶେଷକରି ବୟସ୍କମାନେ, କ୍ରମାଗତଭାବେ ଦୁର୍ବଳ ଅନୁଭବ କଲେ କିମ୍ବା ରକ୍ତହୀନତାର ଶିକାର ହେଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାର ପରିପୂରକ ନେବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରତ୍ନବେଦୀରେ ମହାବାହୁ...

ଏବଂ ଅପରାହ୍ଣ ୪ଟା ୩୦ରୁ ୫ଟା ୧୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ଏହାପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ।

ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ଚୁନରା ସେବକ ବାନ୍ଧିଥିଲେ। ରାତି ୮ଟା ସୁଦ୍ଧା ତିନିରଥରେ ଚାରମାଳ ବନ୍ଧା ସରିଥିଲା। ସାଢ଼େ ୮ଟାରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେ କାହାଳୀ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ। ଏହାପରେ ଡୋରଲାଗି ହୋଇ ରାତି ୮ଟା ୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ଗୋଟି ପହଣ୍ଡିରେ ରଥରୁ ନୀଳକନ୍ଦର ଅଭିମୁଖେ ବାହାରିଥିଲେ ଠାକୁର। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ସେବକମାନେ ସୁଦର୍ଶନଙ୍କୁ ରତ୍ନସିଂହାସନରେ ବିଜେ କରାଇବା ପରେ ରାତି ପ୍ରାୟ ୯ଟା ୨୦ରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ହୋଇଥିଲା। ରଥ ସିଂହାସନରୁ ଓହ୍ଲାଇବା ପରେ ଚାରମାଳ ଆରମ୍ଭରେ ଠାକୁରଙ୍କ ଶ୍ରୀମସ୍ତକରେ ଟାହିଆ ଲାଗି କରାଯାଇଥିଲା। ପତିମହାପାତ୍ର ବନ୍ଦାପନା ସାରିବା ପରେ ପଣା ଭୋଗ ହୋଇ ସୁସଜ୍ଜିତ ଟାହିଆ ହଲାଇ ବଡ଼ଠାକୁର ରତ୍ନବେଦୀ ଅଭିମୁଖେ ଯାଇଥବଲେ। ଏହାପରେ ଦେବୀ ସୁଭଦ୍ରାଙ୍କର ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଟାହିଆ ଧାରଣ କରିବା ପରେ ଝୁଲି ଝୁଲି ରଥ ତଳକୁ ଓହ୍ଲାଇଥିଲେ। କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। ଏହାପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ। କିନ୍ତୁ ବିବାହ ପରେ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ପଳାଇଥିବାରୁ ମନଉଣା କରିଥିଲେ ଲକ୍ଷ୍ମୀ ସାଆନ୍ତାଣୀ। ତେଣୁ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ସିଂହଦ୍ୱାର ଖୋଲି ଭିତରକୁ ପଳାଇଥିଲେ ମହାଲକ୍ଷ୍ମୀ। ଏହାପରେ ଶ୍ରୀମନ୍ଦିର ଭିତରକୁ ବିଜେ କରିଥିଲେ ମହାପ୍ରଭୁ। କିନ୍ତୁ ସେତେବେଳେ ଜୟ ବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ଘର ନିକଟରେ ଲକ୍ଷ୍ମୀଙ୍କ ସହିତ ଭେଟ ହାଇଥିଲା। ସେଠାରେ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଛ ମହାପାତ୍ର ସମ୍ପାଦନ କରିଥିଲେ। ଏହାପରେ ସେଠାରେ ବନ୍ଦାପନା ଏବଂ ରସଗୋଲା ଭୋଗ ହୋଇଥିଲା। ଅର୍ଥାତ୍ କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ। ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

### ସିଜେପିର ଧମକ...

ଗିରଫ କରାଯାଉଛି ଏବଂ ସେମାନଙ୍କ ବିରୋଧରେ କଠୋର ଦଫା ମଧ୍ୟ ଲଗାଯାଉଛି। ଦିଲ୍ଲୀରେ ମଧ୍ୟ ଆନ୍ଦୋଳନକାରୀଙ୍କୁ ହଇରାଣ କରାଯାଉଛି। ଏହାକୁ ନେଇ କକ୍ରୋଚ୍ ଜନତା ପାର୍ଟି ବିରକ୍ତି ପ୍ରକାଶ କରିବା ସହିତ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ବନ୍ଦ କରାନ୍ତୁ ଏବଂ ଜେଲରୁ ଆନ୍ଦୋଳନକାରୀଙ୍କୁ ମୁକ୍ତ କରନ୍ତୁ ବୋଲି ପାର୍ଟି ଦାବି କରିଛି। ଏଥିରେ ବିଫଳ ହେଲେ ପାର୍ଟି ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଧମକ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ୨୪ ଘଣ୍ଟାର ସମୟ ଦେଇଛି ପାର୍ଟି ବୋଲି ଜଣାପଡ଼ିଛି। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କକ୍ରୋଚ୍ ଜନତା ପାର୍ଟିର ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରଙ୍କା କହିଛନ୍ତି ଯେ ଆସାମ, ପଶ୍ଚିମବଙ୍ଗ ଓ ବିହାର ସମେତ ବିଭିନ୍ନ ରାଜ୍ୟରେ ଛାତ୍ର ବିକ୍ଷୋଭକାରୀଙ୍କୁ ଅଟକ ଓ ଗିରଫ କରାଯାଉଥିବା ଖବର ମିଳୁଛି। ଆନ୍ଦୋଳନ ସ୍ଥଗିତ କରିବା ସମୟରେ କୌଣସି ଦଣ୍ଡାତ୍ମକ ପଦକ୍ଷେପ ନ ନେବାକୁ ସରକାର ଆଶ୍ୱାସନ ଦେଇଥିଲେ। ସେହି ଆଶ୍ୱାସନ ଅନୁଯାୟୀ ସମସ୍ତ ଅଟକ ବ୍ୟକ୍ତିଙ୍କୁ ମୁକ୍ତ କରିବା, ଦାଖଲ ମାମଲା ପ୍ରତ୍ୟାହାର କରିବା ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଲୋଚନାରେ ସାମିଲ ହୋଇଥିବା ଦୁଇ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ତୁରନ୍ତ ହସ୍ତକ୍ଷେପ କରନ୍ତୁ। ମଙ୍ଗଳବାର ସୁଦ୍ଧା ଦାବି ପୂରଣ ନ ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହା ସହିତ ସେମାନେ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ଦଳର ଆଇନଜୀବୀ ଟିମ୍ କରୁଛନ୍ତି। ଏଥିରେ କପିଲ ଶିବଲଙ୍କର ପରାମର୍ଶ ନିଆଯାଉଛି। ତେବେ ସିଜେପିର ସାନି ଆନ୍ଦୋଳନ ଧମକ ପରେ ବିହାର ସରକାର ନରମିଛନ୍ତି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ସହ ଜେଲ୍‌ରୁ ମୁକ୍ତି କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।

### ଷଷ୍ଠ ଦିନରେ...

ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କାହିଁକି ବିବୃତି ଦେଉ ନାହାନ୍ତି। ତାଙ୍କୁ ସମର୍ଥନ ଜଣାଇ ବିରୋଧୀ ଦଳ ହଙ୍ଗାମା କରିବାକୁ ଗୃହକୁ ମୁଲତବୀ କରିଦିଆଯାଇଥିଲା। ଲୋକସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି।। ହଟ୍ଟଗୋଳ ମଧ୍ୟାରେ ସରକାର 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ବିଲ୍ ଆଗତ କରିଥିବା ବେଳେ ବିରୋଧୀ ଦଳର ସଦସ୍ୟମାନେ ନିଟ୍-ୟୁଜି ପରୀକ୍ଷା ଦୁର୍ନୀତି ଏବଂ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ବିରୋଧୀ ଦଳର ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଚାଲିଆସିବା ସହ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ବିହାରରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଏକେ-୪୭ ଗୁଳିମାଡ଼ କରିବା ଏକ ଭୟଙ୍କର ଘଟଣା ଏବଂ ଏହା ଉପରେ ଆଲୋଚନା ହେବା ଉଚିତ। କଂଗ୍ରେସ ନେତା ଗୌରବ ଗୋଗୋଇ ଅଭିଯୋଗ କରିଥି।ଲେ ଯେ, ସରକାର ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେଉଥିବା ବେଳେ ଏହି ନୂଆ ଆଇନ କେତେଦୂର ସଫଳ ହେବ ତାହା ସନ୍ଦେହଜନକ। ଅନ୍ୟପଟେ, ବିରୋଧୀ ସାଂସଦମାନେ ଗୃହରେ 'ଚୋର ଚୋର, ପେପର ଚୋର' ଭଳି ସ୍ଲୋଗାନ ଦେଇ ସରକାରଙ୍କୁ ଘେରିଛନ୍ତି। ଅଚଳାବସ୍ଥା ଦୂର କରିବା ପାଇଁ ଲୋକସଭା ବାଚସ୍ପତି ଓମ ବିର୍ଲା ଉଭୟ ଶାସକ ଏବଂ ବିରୋଧୀ ଦଳକୁ ୩ ଘଣ୍ଟାର ସମୟ ଦେଇଥିଲେ। କେବଳ ସ୍ଲୋଗାନ ଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ ଏହି ବିଲ୍ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହଥିଲେ। ଏହି ବିଲ୍ ଉପରେ ଆଲୋଚନା ପାଇଁ ସେ ପ୍ରାୟ ୬ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ସମୟ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁଁ ଲୋକସଭାକୁ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଇତି ମଧ୍ୟରେ ବାଚସ୍ପତି ଅଫିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିର୍ଲା ସବୁ ଦଳର ନେତାମାନଙ୍କୁ ଡାକି କଥା ହୋଇଛନ୍ତି। ଆସନ୍ତାକାଲି ଏହି ବିଲ ଉପରେ ଆଲୋଚନା କରିବା ପାଇଁ ସବୁ ଦଳ ରାଜି ହୋଇଥିବା ଜଣାପଡ଼ିଛି।

### କେବଳ ଆନ୍ଦୋଳନ...

ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ ହେବା ଆବଶ୍ୟକ। ଯଦି ପୁଲିସ ଦ୍ୱାରା ଅତ୍ୟାଚାର କରାଯାଉଛି, ତେବେ ତାହାକୁ ରୋକାଯିବା ଉଚିତ। ଗଣତନ୍ତ୍ରରେ ନିଜସ୍ୱ ଶୃଙ୍ଖଳା ଓ ସଂଯମ ଅପରିହାର୍ଯ୍ୟ। କେବଳ ପ୍ରଦର୍ଶନ ହେଉଥିବା କାରଣରୁ ଲାଠିଚାଳନା କରିବା ଗ୍ରହଣଯୋଗ୍ୟ ନୁହେଁ। ଯୁବପିଢ଼ି ନିଜର ଅସନ୍ତୋଷ ପ୍ରକାଶ କରିବା ପାଇଁ ଆସୁଥିଲେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯିବା ଉଚିତ, କିନ୍ତୁ ଅସାମାଜିକ ତତ୍ତ୍ୱମାନେ ଯେପରି ଏହାର ସୁଯୋଗ ନ ନିଅନ୍ତି, ସେଥିପାଇଁ ସନ୍ତୁଳନ ରକ୍ଷା କରିବା ଜରୁରୀ। ଏହି ମାମଲାରେ ପ୍ରଦର୍ଶନକାରୀଙ୍କ ଆକ୍ରମଣର ଶିକାର ହୋଇଥିବା ପୁଲିସ କର୍ମଚାରୀଙ୍କ ପକ୍ଷରୁ ମଧ୍ୟ ଏକ ଆବେଦନ କରାଯାଇଥିଲା। ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ ଜୟମାଲା ବାଗଚୀ କହିଛନ୍ତି ଯେ ପୁଲିସ କର୍ମଚାରୀଙ୍କ ସୁରକ୍ଷା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ପୁଲିସ ଉପରେ ମଧ୍ୟ ଆକ୍ରମଣ ହେବା ଉଚିତ ନୁହେଁ। ଏପରି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ କାର୍ଯ୍ୟପନ୍ଥା କାହିଁକି ଲାଗୁ କରାଯାଇ ନାହିଁ, ସେ ନେଇ ସରକାରଙ୍କୁ ସ୍ପଷ୍ଟୀକରଣ ମଗାଯାଇପାରେ। ସୁପ୍ରିମ୍ କୋର୍ଟ ଏହି ସମସ୍ତ ନୂଆ ଆବେଦନଗୁଡ଼ିକର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲିକୁ ଧାର୍ଯ୍ୟ କରିଛନ୍ତି।

### ଦାନା ବାନ୍ଧିଲା...

ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ଏନ୍‌ସିଇଆରଟି ଢାଞ୍ଚାରେ ପ୍ରସ୍ତୁତ ୫୫ଟି ପାଠ୍ୟପୁସ୍ତକ ମଧ୍ୟରେ ତ୍ରୁଟି ଚିହ୍ନଟ ହେବା ପରେ ଏସ୍‌ସିଇଆରଟି ପକ୍ଷରୁ କରିଜେଣ୍ଡମ୍ ଜାରି କରାଯାଇଛି। ସେହିପରି ତ୍ରୁଟିର କାରଣ ଖୋଜିବା ପାଇଁ ରାଜ୍ୟ ସରକାର ଏକ ତିନି ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ଗଠନ କରିଛନ୍ତି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି।

ମାତ୍ର ରାଜ୍ୟ ସରକାରଙ୍କ ପଦକ୍ଷେପ ଓ କେନ୍ଦ୍ର ସରକାରଙ୍କ ଉତ୍ତର ଛାତ୍ରଛାତ୍ରୀଙ୍କ ଅଭିଭାବକ, ରାଜ୍ୟବାସୀ ଓ ବିରୋଧୀ ରାଜନୈତିକ ଦଳକୁ ସନ୍ତୁଷ୍ଟ କରିପାରି ନାହିଁ। ପାଠ୍ୟପୁସ୍ତକ ପ୍ରସ୍ତୁତି ସମୟରେ ଏକାଡେମିକ୍ ସମୀକ୍ଷା, ପ୍ରୁଫ୍‌ରିଡିଂ ଓ ବିଶେଷଜ୍ଞଙ୍କ ଯାଞ୍ଚରେ ଘୋର ଅବହେଳା ହୋଇଛି।ଏଭଳି ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ପ୍ରଭାବ ପକାଇବ। ତେଣୁ ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାମପନ୍ଥୀ ସଂଗଠନମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରି ସଂଶୋଧିତ ବହି ଯୋଗାଇବା, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଶିକ୍ଷା ବିଭାଗରେ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିଛନ୍ତି। ଶିକ୍ଷାମନ୍ତ୍ରୀ ଇସ୍ତଫା ନ ଦେଲେ ଅଗଷ୍ଟ ୯ ରୁ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦେଳନ କରିବ ଚେତାବନୀ ଦେଇଥିବାବେଳେ ବାମପନ୍ଥୀମାନେ ମଧ୍ୟ ଚକା ବନ୍ଦ ଲାଗି ଧମକ ଦେଇଛନ୍ତି।

### ବିଶ୍ୱାସ ଭାଙ୍ଗିଛି...

ଯାଏଁ ତୁରନ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ନୂତନ ପୁସ୍ତକ ପ୍ରଦାନ ସହ ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରି ଆସୁଛନ୍ତି। ଯୁବ ଓ ଛାତ୍ର ବିଜେଡି ରାଜ୍ୟବ୍ୟାପୀ ଏନେଇ ଆନ୍ଦୋଳନ ଜାରି ରଖିଥିବା ବେଳେ କଂଗ୍ରେସ, ବିଭିନ୍ନ ସାମାଜିକ ସଂଗଠନ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହାସତ୍ତ୍ୱେ ସରକାର ନିଦାବିଷ୍ଟୁ ସାଜି ଗଣଶିକ୍ଷା ମନ୍ତ୍ରୀଙ୍କୁ ଘଣ୍ଟ ଘୋଡ଼ାଉଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାରେ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଦେଇଥିବା ବେଳେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇଛି। ସେହିପରି ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରି ଦେଇ ସରକାର ଚୁପ୍ ହୋଇ ବସିଛନ୍ତି। ଏହା ଧର୍ମକୁ ଆଖିଠାର ସଦୃଶ୍ୟ ବୋଲି ବିଜେଡି କ୍ଷୋଭ ପ୍ରକାଶ କରି ଆସୁଛି।

### ଆଜି ୧୬ ଜିଲ୍ଲାରେ...

ବିଜୁଳି, ଘଡଘଡି ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ଆଶଙ୍କାରେ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାମାନଙ୍କରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡଘଡିର ଆଶଙ୍କା ରହିଥିବା କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୨୯ ତାରିଖ ସକାଳୁ ବର୍ଷାର ପରିମାଣ ଧିରେ ଧିରେ କମିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ୪ଟି ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ୧୪ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କଟକ ବାଙ୍କୀରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ହୋଇଥିବା ବେଳେ ସୋନପୁର, କେନ୍ଦ୍ରପଡ଼ା ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ମୌସୁମୀ ବର୍ଷା ୬୦୦ମିମି ଅତିକ୍ରମ କରିଥିବା ନେଇ ସୂଚନା ମିଳିଛି। ମୌସୁମୀ ଋତୁରେ ଚଳିତ ବର୍ଷ ୧ ଜୁନ ରୁ ୨୭ଜୁଲାଇ ମଧ୍ୟରେ ରାଜ୍ୟରେ ଏଯାବତ ୬୦୦.୪ମିମି ବର୍ଷା ରେକର୍ଡ ହୋଇଛି। ପୁରା ମୌସୁମୀ ଋତୁରେ ରାଜ୍ୟରେ ୧୧୫୦.୨ମିମି ବର୍ଷା ରେକର୍ଡ ହୋଇଥାଏ, ଅର୍ଥାତ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୌସୁମୀର ଅଧାରୁ ଅଧିକ ବର୍ଷା ଅନୁଭୂତ ହୋଇସାରିଛି। ଜୁନ ମାସରୁ ଏଯାଏଁ ଅନୁଭୂତ ହୋଇଥିବା ବର୍ଷା ଜୁନର ନିଅଣ୍ଟିଆ ଭରଣ ସହ ଜୁନ ଏବଂ ଜୁଲାଇ ମାସର ସ୍ୱାଭାବିକ ବର୍ଷା ୫୫୦.୭ମିମି ଟପିଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

### ପରଲୋକରେ ସୁଶାନ୍ତ...

ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁଶାନ୍ତ ସିଂହଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୁଶାନ୍ତଙ୍କ ପରଲୋକ ବିଜେଡି, ପଶ୍ଚିମ ଓଡ଼ିଶା ସହ ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ନବୀନ କହିଛନ୍ତି। ଜଣେ ସାଲିସ ବିହୀନ ରାଜନେତା ଭାବରେ ବରଗଡ ଜିଲ୍ଲାର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୩ ଥରର ବିଧାୟକ ଥିଲେ। ୨୦୦୯, ୨୦୧୪ ଏବଂ ୨୦୧୯ ମସିହାରେ କ୍ରମାଗତ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ଏଥିସହିତ ମନ୍ତ୍ରୀ ମଧ୍ୟ ହୋଇ ବିଭିନ୍ନ ଜନହିତକର ପଦକ୍ଷେପ ଗ୍ରହଣରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ସମଗ୍ର ରାଜନୈତିକ ଜୀବନରେ ସେ କୃଷକ, ଶ୍ରମିକ, ଯୁବବର୍ଗ, ମହିଳା ଓ ସମାଜର ଅବହେଳିତ ବର୍ଗର ସ୍ୱାର୍ଥ ପାଇଁ ସର୍ବଦା ସଂଗ୍ରାମ କରିଥିଲେ। ତାଙ୍କର ସରଳତା, ସାଦାସିଧା ଜୀବନଶୈଳୀ, ସାଂଗଠନିକ ଦକ୍ଷତା ଏବଂ ନିଷ୍ଠାପର ଜନସେବା ତାଙ୍କୁ ପଶ୍ଚିମ ଓଡ଼ିଶାର ଜଣେ ଅତ୍ୟନ୍ତ ସମ୍ମାନିତ ନେତାର ପରିଚୟ ଦେଇଥିଲା।

ନବୀନ କହିଛନ୍ତି ଯେ ସୁଶାନ୍ତ ସିଂହ ଜଣେ ଦକ୍ଷ ସଂଗଠକ, ଜନପ୍ରିୟ ନେତା ଓ ନିଷ୍ଠାପର ଜନସେବକ ଥିଲେ। ବରଗଡ଼ ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ବିକାଶ ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ। ଦଳକୁ ସୁଦୃଢ଼ କରିବାରେ ତଥା ଲୋକଙ୍କ ସେବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ଅବସରରେ ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶଙ୍ଖ ଭବନରେ ବିଧାୟକ, ବରିଷ୍ଠ ନେତା ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱର୍ଗତ ଶ୍ରୀ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପଶ୍ଚିମ ଓଡ଼ିଶାରେ ବିଜେଡି ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ। ଉପସ୍ଥିତ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଶକ୍ତି ଓ ସାହସ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ।


**NOTICE FOR LOSS OF DOCUMENTS**

Notice is hereby given from Tushar Ranjan Nanda that, he has applied for loan to LIC HFL. But at present, he has lost the Original Link Documents i.e. **RSD vide No.: 11082203585, Dtd. 11/03/2022**, which were kept with him and in-spite of his best efforts, failed to trace the same.

Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within **15 days** from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after **15 days**.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate, Mob. No. 9337395558**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

[illegible]

**ସୂଚନା**

[illegible]

OIPR-13001/13037/1/26-27/0081 [illegible]

34001/512/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**
**e-Procurement Notice**
**Bid Identification No. S.E (R&B) 12/2026-27/JYPR(B)**

No. 4472 Date. 23.07.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Road & Barricading Works as mentioned in DTCN.
2. No. of Works : 2 Nos.
3. Estimated Cost : **Rs. 1.48 to 5.25 lakhs**
4. Period of completion : 07 (Seven) Days to 1 (one) Month
5. Date & Time of Bidding : From 11.00 hours of **29.07.2026** Up to 17.00 hours of **05.08.2026**
6. Last date & time for receipt of bids in portal : 17.00 hours of **05.08.2026.**
7. Bids received online shall be opened on : 11.00 hours of **06.08.2026.**
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

OIPR-34001/34027/1/26-27/0014

Superintending Engineer
Jeypore (R&B) Division

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**

25001/822/2627

Office Order No. 4019 Dated: 18.07.26

**1st Corrigendum Notice to Bid Identification No. EEBLGR-online-02/2026-27**

The date and time of the **Bid Identification No. EEBLGR-online-02/2026-27** has been revised.

| Procurement Officer: | Bid Identification No.: | Availability of Tender On line for bidding: From | Availability of Tender On line for bidding: To | Last Date and Time of seeking tender clarification: | Date & Time of Opening of Tender: |
|---|---|---|---|---|---|
| Executive Engineer, R.W. Division, Bolangir | EEBLGR-online-02/2026-27 | 30.06.2026 at 11.00 A.M | 29.07.2026 up to 5.00 PM | 28.07.2026 up to 1.00 PM | 30.07.2026 at 11.00 A.M |

Further details can be seen from the website www.tendersodisha.gov.in
Any Corrigendum/Addendum will be displayed in the above e-tender website only.

OIPR-25001/25888/1/26-27/0086

Executive Engineer
R.W. Division, Bolangir

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**

25001/817/2627

Office Order No. 4056 Dated: 21.07.26

**1st Corrigendum Notice to Bid Identification No. EEBLGR-online-03/2026-27**

The date and time for the **Bid Identification No. EEBLGR-online-03/2026-27** has been revised.

| Procurement Officer | Bid Identification No. | Availability of Tender On line for bidding: From | Availability of Tender On line for bidding: To | Last Date & Time of seeking clarification on Tender | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bolangir | EEBLGR-Online-03/2026-27 | 08.07.2026 at 11.00 A.M | 30.07.2026 up to 5.00 P.M | 29.07.2026 up to 1.00 P.M | 31.07.2026 up to 5.00 PM | The date will be intimated later on |

Further details can be seen from the website www.tendersodisha.gov.in
Any Corrigendum/Addendum will be displayed in the above e-tender website only.

OIPR-25001/25068/1/26-27/0064

Executive Engineer
R.W. Division, Bolangir

**OFFICE OF THE SUPERINTENDING ENGINEER**
**RURAL WORKS DIVISION: SUNDARAGADA**

25001/828/2627

E.Mail – rw_sundargarh@yahoo.co.in, Ph – 06622-272290 (off)

**2nd Corrigendum to Bid Identification No Online-SESNG-09 of 2026-27**

In continuation to this office Bid Identification **No: Online-SESNG-09 of 2026-27** invited vide this office notice no. **4454 dt.18.06.2026** is partially modified for the work TCN has been made as follows:-

| Sl. No. | | Time Schedule as per Original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 30.06.2026 at 11.00 A.M to 14.07.2026 up to 06.00 P.M | Extended up to 19.08.2026 up to 6.00 P.M |
| 2 | Last date of seeking clarification | 13.07.2026 at 11.00 A.M | Extended up to 18.08.2026 up to 11.00 A.M |
| 3 | Date of Opening of Tender | 15.07.2026 at 10.00 A.M | Extended up to 20.08.2026 at 10.00 A.M |

All other terms & conditions remain unchanged.

OIPR-25001/25046/1/26-27/0019

Superintending Engineer
R.W. Division, Sundaragada

ରେଜିଷ୍ଟ୍ରି ସଂ. ଡି.ଏଲ.-୩୩୦୦୪/୯୯ | Regd. No. D.L. 33004/99

भारत का राजपत्र
The Gazette of India

ସି.ଜି.-ଡି.ଏଲ.-ଇ.-24062026-273777
CG-DL-E-24062026-273777

ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

[illegible]

No.3191] NEW DELHI, MONDAY, JUNE 22, 2026 / ASHADHA 1, 1948

MINISTRY OF ROAD TRANSPORT AND HIGHWAYS
Notification
New Delhi, the 19 June 2026

S.O. 3323(E).—Whereas by the notification of the Government of India in the Ministry of Road Transport and Highways, S.O. 5230(E) dated 17 November 2025, published in the Gazette of India, Extraordinary, Part II, Section 3, Sub-section (ii), issued under sub-section (1) of Section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH-26 in the stretch of land from Km. 303.582 to Km. 304.105 in the village namely Aunli, Taluk–Borigumma, in the district of Koraput, State of Odisha.

[illegible]

SCHEDULE

Brief Description of the land to be acquired with or without structures falling on NH-26 in the stretch of land from Km. 303.582 to Km. 304.105 in the village namely Aunli, Taluk-Borigumma, District Koraput, State of Odisha.

[illegible]

[illegible]

**AFFIDAVIT**

By Virtue of an affidavit No-77AA 120828 dated 22-07-2026 shown before the Executive Magistrate, Champua, I Mouthili Giri W/o- Prasanna Kumar Giri residing Vill – Saraspasi, Po- Raikala, PS- Ghagarbeda, Mayurbhanj, do hereby solemnly affirm and state that Maithili Giri & Mouthili Giri is same & one person on this above address. Henceforth, I shall be known as **Maithili Giri** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 590, dated 25.03.2026, I, GUTREDI RAMKRISHNA RAO, Son of - Late. Gutredi Suri Narayan, Permanent Resident of Village - Charamula, PO - Charamula, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from G RAMAKRISHNA to GUTREDI RAMKRISHNA RAO. Henceforth, I shall be known as **GUTREDI RAMKRISHNA RAO** for all purposes.

Sd/- Gutredi Ramkrishna Rao

**AFFIDAVIT**

I, Aabha Utkalika Jagmohan Meher, aged about 29 years, D/o- Jagmohan Meher, resident of Qr No- S/5, Umesh Vatika, Lalsaheb Para, Ps- Khariar, Dist- Nuapada, Odisha, Pin- 766107, do hereby declare by this affidavit No. 1484, dtd- 26.07.2026, that now onwards I shall be known as **AABHA UTKALIKA MEHER** for all future purposes.

**AFFIDAVIT**

By virtue of an affidavit No- 10284, sworn before The Executive Magistrate Jajpur on dtd- 22/07/2026. I, **Basanti Mohanty**, permanent resident of At/Po: Jhadanga, Block: Dasarathapur, Ps/Dist- Jajpur, Pin- 755007, Odisha declared that I have changed my name from **Basantilata Mohanty** (old name) to **Basanti Mohanty** (new name). Henceforth, I shall be known as **Basanti Mohanty** for all future purposes.

**Basanti Mohanty**

**AFFIDAVIT**

I, Nivedita, aged about 54 years, W/o- Jagmohan Meher, resident of Qr No- S/5, Umesh Vatika, Lalsaheb Para, Ps- Khariar, Dist- Nuapada, Odisha, PIN- 766107, do hereby declare by this affidavit No- 683, dtd- 01.03.2025, that now onwards I shall be known as **NIVEDITA MEHER** for all future purposes.

**AFFIDAVIT**

By virtue of an affidavit on dtd- 09.05.2026 sworn before The Notary Public, Saintala, Titilagarh. I, **Tikenath Majhi**, aged about 50 years, S/o Late Rajiba Majhi, resident of Village/At: Belgaon, Po: Belgaon, Ps: Saintala, Dist: Balangir, Odisha declare that I have changed my minor son's name from **Khitesh Majhi** (old name) to **Khitis Majhi** (new name) in his Aadhar Card (vide No. 3294 9007 6207). Henceforth, he shall be known as **Khitis Majhi** (new name) for all purposes.

**Tikenath Majhi**

**AFFIDAVIT**

I, Pran Krushna Jena, aged about 43 years, S/o- Kumud Kanta Jena, resident of Plot No- BL/111, VSS Nagar, Bhubaneswar, Dist- Khurda, PIN- 751007, Odisha declared by this affidavit No. 507, dtd- 27/07/2026 that now onwards I shall be known as **PRANA KRUSHNA JENA** for all future purposes.

**DECLARATION**

By virtue of an affidavit sworn before the Executive Magistrate, Titilagarh, on dtd- 27.07.2026, I, **Sri Rama Gahir**, aged about 57 years, S/o Sadhu Gahir, resident of At: Charaipgarh, PO: Gotibhadi, PS: Saintala, Dist: Balangir, Odisha, do hereby solemnly declare that the Registered Sale Deed No. 1383 of 2009, dated 17.07.2009, registered at the Sub-Registrar Office, Titilagarh, stands recorded in my name. That the said Registered Sale Deed was stored in a wooden box along with other documents, and all these items have been eaten and severely damaged by white ants (termites), rendering them beyond recovery. Further, I have not mortgaged or pledged the said Registered Sale Deed to any bank or financial institution. If any evidence to the contrary is found, I shall be held fully liable under the law.

### କାଦୁଅ ରାସ୍ତା ପାଲଟିଛି ଗାଁ ପାଇଁ ଅଭିଶାପ

# ଗଲାନି ଆମ୍ବୁଲାନ୍ସ; ଷ୍ଟ୍ରେଚରରେ ବୁହାହେଲେ ରୋଗୀ

ବାଲିକୁଦା,୨୭।୭ (ସମିସ)

ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ଅଣିଅଙ୍କ ଗ୍ରାମରେ ପୁଣିଥରେ ସାମ୍ନାକୁ ଆସିଛି ଗ୍ରାମୀଣ ସଡ଼କର ବାସ୍ତବ ଚିତ୍ର। ପାଞ୍ଚ ବର୍ଷ ପୂର୍ବେ ପକ୍କା ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ। ସେତେବେଳେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ।

ଗ୍ରାମର ପ୍ରାୟ ୮୦ଟି ପରିବାର ଓ ୫୦୦ରୁ ଅଧିକ ଲୋକଙ୍କ ଜୀବନରେ ଏହି ୫୦୦ ମିଟର କାଦୁଅ ରାସ୍ତା ଏବେ ବି ଅଭିଶାପ ପାଲଟିଛି। ଓଷକଣା ବଜାର, ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ ଓ ଚାଷଜମିକୁ ଯିବା ପାଇଁ ଏହା ହିଁ ଏକମାତ୍ର ମୁଖ୍ୟ ରାସ୍ତା। ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇ ଯାତାୟାତକୁ ବିପଦପୂର୍ଣ୍ଣ କରିଦେଉଛି। ଏହି ସମସ୍ୟାର କରୁଣ ପରିଣାମ ଆଜି ପୁଣି ଦେଖିବାକୁ ମିଳିଛି। ଗ୍ରାମର ୬୫ ବର୍ଷୀୟା ମହିଳା ପ୍ରମିଳା ମହାରଣା ଅସୁସ୍ଥ ହେବା ପରେ ୧୦୮ ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚି ପାରିନଥିଲା।



କାଦୁଅ ରାସ୍ତାରେ ଅଧାବାଟରେ ଆମ୍ବୁଲାନ୍ସ ଅଟକି ଯିବାରୁ ଗ୍ରାମର କିଛି ଯୁବକ ଷ୍ଟ୍ରେଚର ସହାୟତାରେ ବୃଦ୍ଧାଙ୍କୁ ଘରୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ରୋଗୀଙ୍କୁ ଚିକିତ୍ସାଳୟ ପହଞ୍ଚାଇବାରେ ବିଳମ୍ବ ହେବାରୁ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତର ହୋଇଥିବା ସୂଚନା ମିଳିଛି। ଗ୍ରାମବାସୀଙ୍କ କହିବାନୁସାରେ, ଗର୍ଭବତୀ ମହିଳା, ବୃଦ୍ଧ ଓ ରୋଗୀମାନଙ୍କ ପାଇଁ ଏହି ରାସ୍ତା ସବୁଠାରୁ ବଡ଼ ସମସ୍ୟା। ବର୍ଷାଦିନେ ପିଲାମାନଙ୍କୁ ବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକମାନେ କାନ୍ଧରେ ବସାଇ କାଦୁଅ ରାସ୍ତା ପାର କରାନ୍ତି। ଚାଷୀମାନେ ମଧ୍ୟ ଧାନ ଅମଳ ଓ ପରିବହନ ସମୟରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


ଗତ ପାଞ୍ଚ ବର୍ଷ ମଧ୍ୟରେ ରାସ୍ତାର କିଛି ଅଂଶରେ କାମ ଆରମ୍ଭ ହୋଇଥିଲେ ମଧ୍ୟ ଅବଶିଷ୍ଟ ପ୍ରାୟ ୫୦୦ ମିଟର ରାସ୍ତା ଆଜି ବି କାଦୁଅରେ ଜର୍ଜରିତ ହୋଇ ପଡ଼ିରହିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଓଷକଣା ସରପଞ୍ଚ ତରୁଣ କୁମାର ମହାନ୍ତି କହିଛନ୍ତି ଯେ, କିଛି ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମି ସମସ୍ୟା ଯୋଗୁଁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଛି। ମନରେଗା ଯୋଜନାରେ କିଛି କାର୍ଯ୍ୟ ହୋଇଥିବା ବେଳେ ପୂର୍ବରୁ ପ୍ରସ୍ତାବିତ ଏକ ପ୍ରକଳ୍ପ ଜମି ବିବାଦ କାରଣରୁ ବାତିଲ ହୋଇଥିଲା। ତେବେ ସେ ମଧ୍ୟ ପ୍ରଶାସନକୁ ଏହି ଅତ୍ୟାବଶ୍ୟକ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ, ବାରମ୍ବାର ସରପଞ୍ଚ, ବିଡିଓ, ତହସିଲଦାର ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଆଜିର ଆମ୍ବୁଲାନ୍ସ ଘଟଣା ପ୍ରମାଣ କରିଛି ଯେ, ଏହା କେବଳ ଏକ ରାସ୍ତାର ସମସ୍ୟା ନୁହେଁ, ବରଂ ଗ୍ରାମବାସୀଙ୍କ ଜୀବନ, ସ୍ୱାସ୍ଥ୍ୟ ଓ ଶିକ୍ଷା ସହ ଜଡ଼ିତ ଏକ ଗୁରୁତର ଜନସ୍ୱାର୍ଥ ପ୍ରସଙ୍ଗ।ଏବେ ପ୍ରଶ୍ନ ଉଠୁଛି ଆଉ କେତେ ଜଣ ରୋଗୀ ରାସ୍ତାରେ ଅଟକିବେ। ଆଉ କେତେ ଶିଶୁ କାଦୁଅରେ ପଡ଼ିବେ। ତା'ପରେ ଯାଇ କି ପ୍ରଶାସନର ନିଦ ଭାଙ୍ଗିବ। ଅଣିଅଙ୍କ ଗ୍ରାମର ଅବଶିଷ୍ଟ ୫୦୦ ମିଟର ରାସ୍ତାକୁ ତୁରନ୍ତ ପକ୍କା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଶୀଘ୍ର ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/କୁଜଙ୍ଗ,୨୭।୭(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୫୮ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ ଟି, ଆବାସ ପାଇଁ ୩୬ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୩୩ଟି, ଭତ୍ତା ପାଇବା ପାଇଁ ୨ଟି, ପୁଲିସ ସହାୟତା ପାଇଁ ୯ଟି ଏବଂ ଅନ୍ୟାନ୍ୟ ୨୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, କୁଜଙ୍ଗ, ସ୍ୱରୂପ ନନ୍ଦନ ବେହେରା , ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଅଠରବାଙ୍କି ଫ୍ଲାଏଓଭରରେ ବଡ଼ ବଡ଼ ଗର୍ତ୍ତ



ପାରାଦୀପ,୨୭।୭(ସମିସ): ଲଗାଣ ବର୍ଷା ଯୋଗୁଁ ପାରାଦୀପ ବନ୍ଦରର ଅଠରବାଙ୍କି ଫ୍ଲାଏଓଭର ବ୍ରିଜରେ ଦୁଇଟି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ଫଳରେ ପ୍ରତିଦିନ ପାରାଦ୍ୱୀପ ବନ୍ଦରକୁ ଯାତାୟାତ କରୁଥିବା ଶ୍ରମିକ, କର୍ମଚାରୀ ଓ ସାଧାରଣ ଲୋକଙ୍କ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଅନେକ ଆହତ ବ୍ୟକ୍ତି ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ଗ୍ରହଣ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ପାରାଦୀପ ପିପିଏଲ କନଭେୟରଠାରୁ ପାରାଦୀପ ଗଲ୍ଫ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ଚାରି ଫୁଟ ପାଣି ଜମି ରହୁଥିବାରୁ ଯାତାୟାତ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତାଟି ପୋଖରୀ ସଦୃଶ ଦେଖାଯାଉଥିବାରୁ ଛୋଟ ଓ ବଡ଼ ଯାନବାହନ ଚଳାଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଲୋକ ଓ ବନ୍ଦର କର୍ମଚାରୀଙ୍କ ଅଭିଯୋଗ ଅନୁସାରେ, ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ରାସ୍ତା ଓ ଫ୍ଲାଏଓଭରର ମରାମତି ପାଇଁ କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଠରବାଙ୍କି ଫ୍ଲାଏଓଭର ଏବଂ ସଂଲଗ୍ନ ରାସ୍ତାର ତୁରନ୍ତ ମରାମତି ସହ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଓ ବନ୍ଦର କର୍ମଚାରୀମାନେ ଦାବି କରିଛନ୍ତି।

# 'ସାରଳା ମହାଭାରତ ସମାଜର ଦର୍ପଣ '



ତିର୍ତ୍ତୋଲ,୨୭।୭(ସମିସ): ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ପୂବପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟପରିସରରେ ଛାତ୍ରଛାତ୍ରୀନଙ୍କୁ ନେଇ ସାରଳା ସାହିତ୍ୟ ପରିକ୍ରମା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ସାରସ୍ୱତ ସଂଗଠକ ଝୁଲରାମ ଦାସ ଯୋଗଦେଇ ସାରଳା ମହାଭାରତରେ ସାମାଜିକ ଚଳଣି, ସାମାଜିକ ବିଧିବ୍ୟବସ୍ଥା, କୃଷି ଓ କୃଷକ ବିଷୟରେ ଆଲୋକପାତ କରି ସାରଳା ମହାଭାରତ ସମାଜର ଦର୍ପଣ ବୋଲି କହିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ପ୍ରାକ୍ତନ କୃଷି ଅଧିକାରୀ ରବିନ୍ଦ୍ର ନାଥ ସିଂହଙ୍କ ପୌରୋହିତ୍ୟ କରି ସାରଳା ଦାସଙ୍କ ପୁରାଣ ରଚନା ସମାଜରେ ଯୁଗଯୁଗକୁ ସୁଧାର ଆଣିବା ଲାଗି ସଚେତନ ଧର୍ମୀ ଅଟେ ବୋଲି ମତ ପୋଷଣ କରିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତ୍ ସମରେନ୍ଦ୍ର ସାହୁ ତାଙ୍କ ବକ୍ତବ୍ୟରେ ସାରଳା ଦାସ ତାଳପତ୍ର ଓ ଲେଖନୀ ମୁନରେ ଓଡ଼ିଆ ଭାଷାକୁ ରୂପରେଖ ଦେଇନଥିଲେ ଆଜି ଆମେ ଅନ୍ୟ ଭାଷାଭାଷୀ ଅଞ୍ଚଳ ରେ ଜୀବନଯାପନ କରିଥାନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଣ୍ଡା, ସାମ୍ବାଦିକ ଶ୍ରୀକାନ୍ତ ଦାଶ, କବି ପ୍ରଭାତ ପରିଜା ପ୍ରମୁଖ ସାରଳା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ସାମାଜିକ କର୍ମୀ ଅନିଲ ମହାନ୍ତି, ଅକ୍ଷୟ ମହାନ୍ତି, ଦେବବ୍ରତ ବାରିକ, ପିନାଲି ନାଥ, ସମାଜସେବୀ ସୁବ୍ରତ ଦାଶ ଓ ତିରିଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସବୁଜ ଭକ୍ତ ନାଥ, ଶୁଭଶ୍ରୀ ମଲ୍ଲିକ, ସ୍ନେହା ଲିସା ସାହୁ,ପ୍ରତ୍ୟୁଷା ନାୟକ ବକ୍ତୃତାରେ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସଂପାଦକ ଚୌଧୁରୀ ରାଧାମୋହନ ପରିଜା ଧନ୍ୟବାଦ ଦେଇଥିଲେ।

## ଓଜେସି ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ

ଜଗତସିଂହପୁର,୨୭।୭(ସମିସ): ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ ଏବଂ ସାମ୍ବାଦିକ ସମ୍ମିଳନୀ ଗାନ୍ଧୀଛକ ସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ସମଗ୍ର ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବେରୋଜଗାରୀ, ଅବାଧ ନିଶା କାରବାର, ସାରର ଅଭାବୀବିକ୍ରି ଆଦି ପ୍ରସଙ୍ଗ ଦାଣ୍ଡରେ ପଡି ହାଟରେ ଗଡୁଛି। ଆଗାମୀ ଦିନରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦଳ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଏହି ବୈଠକରେ ସୂଚନା ଦିଆଯାଇଥିଲା। ଏଥିରେ ଓଡିଶା ଜନତା କଂଗ୍ରେସ ପାର୍ଟିର ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳ ଅଧକ୍ଷତା କରିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରସନ୍ନ ବିଶୋଇ, ରାଜ୍ୟ ଉପ ସଭାପତି ବଦ୍ରି ନାରାୟଣ ମହାନ୍ତି,ରାଜ୍ୟ ସମ୍ପାଦକ ତପନ କୁମାର ରାଉତରାୟ ଏବଂ ଜଗତସିଂହପୁର ବ୍ଲକ ସଂଯୋଜକ ସୁଧୀର ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଆସନ୍ତା ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସଭ୍ୟ ସଂଗ୍ରହ ଅଭିଯାନ ଚାଲିବ ବୋଲି ସୂଚନା ଦେଇଥିଲେ। ସେହିପରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ନେଇ ଅଗଷ୍ଟ ୫ ତାରିଖରେ ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରେ ବିରାଟ ଜନ ସମାବେଶ କରାଯିବ ବୋଲି ଦଳୀୟ ନେତାମାନେ ସୂଚନା ଦେଇଥିଲେ।

## ଗୋଡ଼ା କଲେଜରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀକୁ ଅନୁମତି

ଜଗତସିଂହପୁର,୨୭।୭(ସମିସ): ଜଗତସିଂହପୁର ଜିଲ୍ଲାକୁ ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ଠାରେ ଅବସ୍ଥିତ ବୃନ୍ଦାବନ ବିହାରୀ ଜୁନିଅର କଲେଜକୁ ୨୦୨୬-୨୭ ଶିକ୍ଷାବର୍ଷରୁ ଯୁକ୍ତ ୨ ବିଜ୍ଞାନ (୧୨୮ ସିଟ୍) ଓ ଯୁକ୍ତ ୨ ବାଣିଜ୍ୟ (୬୪ସିଟ) ରେ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଅନୁମତି ପ୍ରଦାନ କରାଯାଇଛି। ଚଳିତ ବର୍ଷରୁ ଏଠାରେ ନାମଲେଖା ହେବ। ଦୀର୍ଘ ଦିନର ଦାବିକୁ ରାଜ୍ୟ ସରକାର ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ପୂରଣ କରିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି। ନିହାତି ମଫସଲ ଅଞ୍ଚଳରେ ଗରିବ ପିଲାମାନଙ୍କ ନିମିତ୍ତ ବିଜ୍ଞାନ ଓ ବାଣିଜ୍ୟ ପାଠ ପଢ଼ିବାର ସୁବିଧା ସୁଯୋଗ ସୃଷ୍ଟି କରିଥିବାରୁ ସ୍ଥାନୀୟ ଜନସାଧାରଣ ଓ କଲେଜ କର୍ତ୍ତୃପକ୍ଷ ରାଜ୍ୟ ସରକାର ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ଫଳ ଓ ଔଷଧୀୟ ଚାରାରୋପଣ

ପାରାଦୀପ,୨୬।୭(ସମିସ): ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ ପରିସରରେ ବ୍ୟାପକ ଫଳ ଓ ଔଷଧୀୟ ଚାରାରୋପଣ କରାଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଇନଷ୍ଟିଚ୍ୟୁଟ ଫିଜିକସର ନିର୍ଦ୍ଦେଶକ ବେଦାଙ୍ଗଦାସ ମହାନ୍ତି, ରେଜିଷ୍ଟ୍ରର ବିବେକାନନ୍ଦ ପଟନାୟକ, ଗାର୍ଡେନ ଇନଚାର୍ଜ ଭଗବାନ ବେହରା ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ରହି ଅଁଳା, ହରିଡ଼ା, ଆମ୍ବ, ପଣସ, ଲେମ୍ବୁ, ଜାମୁରାଳ ପ୍ରଭୃତି ପନ୍ଦର ପ୍ରକାରର ଫଳ ଓ ଔଷଧିୟ ଚାରାରୋପଣ କରିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତ, ବରିଷ୍ଠ ସଭ୍ୟ ଅମୂଲ୍ୟ ଦାସ, ଅଭିଜିତ ପଲେଇ, ସୁମନ ସାହୁ, ଶିବ ପ୍ରସାଦ ସାହୁ, ଦୀପକ ପରିଡା, ପ୍ରଦୀପ ପରିଡା, ତପନ ସ୍ୱାଇ, କାଳନ୍ଦୀ ବାରିକ, ପୂର୍ଣ୍ଣଶ୍ଳୋକ ସାମନ୍ତ, ଅନୁଷ୍ଠାନର ସଭାପତି ଅଶୋକ ଓଝା, ସଂପାଦକ ଦିଲୀପ ପଲେଇ ପ୍ରମୁଖ ଯୋଗ ଦେଇଥିଲେ।

# ବାଲିକୁଦା ବଜାର ରାସ୍ତାରେ ପାଣି



ବାଲିକୁଦା,୨୭।୭(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲିକୁଦା ବ୍ଲକର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ବାଲିକୁଦା ବଜାର ପୁଣିଥରେ ଜଳବନ୍ଦୀ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଜାତୀୟ ରାଜପଥ-୫୫ ଉପରେ ଥିବା ବଜାର ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ରାସ୍ତା ଉପରେ ପାଣି ଜମି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟୀ, ପଥଚାରୀ ଓ ଯାନବାହନ ଚାଳକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କଟକ-ମାଛଗାଁ ମୁଖ୍ୟ ସଡ଼କ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରାଯାଇଥିଲା। ପରେ ଏହି ସଡ଼କ ଜାତୀୟ ରାଜପଥ ବିଭାଗ ଅଧୀନକୁ ଯାଇଥିଲେ ମଧ୍ୟ ବାଲିକୁଦା ତହସିଲ ଛକରୁ କଣିଆ ଈଶ୍ୱରପୁର ଛକ ପର୍ଯ୍ୟନ୍ତ ଅଂଶର ମରାମତି ଓ ଡ୍ରେନେଜର ରକ୍ଷଣାବେକ୍ଷଣ ଦୀର୍ଘ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ହୋଇନାହିଁ। ଡ୍ରେନ ମଧ୍ୟରେ ଅଳିଆ-ଆବର୍ଜନା ଜମି ନିଷ୍କାସନ ପଥ ବନ୍ଦ ହୋଇଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ବଜାର ଅଞ୍ଚଳ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପ୍ରତିଦିନ ଏହି ବଜାରରେ ପ୍ରତିଦିନ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଏହାଛଡ଼ା ମାଛଗାଁ, ବୋରିକିନା, ମରିଚପୁର, କୁସୁପୁର, ଗୋଡ଼ା, କାକଟପୁର, ନାଉଗାଁ ଆଦି ଅଞ୍ଚଳକୁ ଯାତାୟାତର ଏହା ଏକ ପ୍ରମୁଖ ସଡ଼କ। ବର୍ତ୍ତମାନ ଲଗାଣ ବର୍ଷା ପରେ ରାସ୍ତା ଉପରେ ପାଣି ଜମି ରହିଥିବାରୁ ଚାରିଚକିଆ ଯାନ ଯିବା ବେଳେ ପାଣି ଛିଟା ବାଇକ୍ ଚାଳକ ଓ ପଥଚାରୀଙ୍କ ଉପରେ ପଡୁଛି। ଅନେକ ଦୋକାନରେ ମଧ୍ୟ ବର୍ଷା ଜଳ ପ୍ରବେଶ କରି ବ୍ୟବସାୟୀମାନେ କ୍ଷତି ସହୁଛନ୍ତି। ରାସ୍ତାରେ ଜମିଥିବା ପାଣି ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ଏହି ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚ ରାଜକିଶୋର ସାହୁ ବହୁବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ରାଜପଥ ବିଭାଗକୁ ତଦନ୍ତ କରି ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ୧୨ ଦିନ ବିତିଯାଇଥିଲେ ସୁଦ୍ଧା ଡ୍ରେନେଜ ସଫେଇ କିମ୍ବା ପୁନଃରୁଦ୍ଧାର ଦିଗରେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ ବୋଲି ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ବାୟୁସେନା ଅଧିକାରୀଙ୍କ ପରଲୋକ



ବାଲିକୁଦା,୨୭।୭(ସମିସ): ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ନାଳିଓ ଗ୍ରାମର ବିଶିଷ୍ଟ ବ୍ୟକ୍ତିତ୍ୱ ତଥା ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ ପରମାନନ୍ଦ ମହାନ୍ତିଙ୍କ ୮୧ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ସମୟ ଧରି ଭାରତୀୟ ବାୟୁସେନାରେ ସେବା କାର୍ଯ୍ୟ କରିବା ସହ ନିଜର କର୍ତ୍ତବ୍ୟନିଷ୍ଠା, ସରଳ ଜୀବନଶୈଳୀ ଓ ସାମାଜିକ କାର୍ଯ୍ୟକଳାପ ପାଇଁ ଅଞ୍ଚଳରେ ସୁପରିଚିତ ଥିଲେ। ଅବସର ପରେ ବଡ଼ଭାଇ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସହ ଗ୍ରାମର ବିଭିନ୍ନ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ରହି ଲୋକଙ୍କ ସେବା କରିବା ସହ ଗାଁର ଅଧିଷ୍ଠିତ୍ର ଦେବତା ଗୋପାଳଜୀଉଙ୍କ ମୁଖ୍ୟ ପୁରୁଧା ଥିଲେ।ତାଙ୍କ ବିୟୋଗରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବର୍ଗ, ସମାଜସେବୀ, ବୁଦ୍ଧିଜୀବୀ ଓ ଗ୍ରାମବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ସ୍ମଶାନ ରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ପରେଶ ମୁଖାଗ୍ନି ଦେଇଥିଲେ।

## ଶ୍ରୀମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା

ପାରାଦୀପ,୨୭।୭(ସମିସ): ପବିତ୍ର ସୁନା ବେଶ ଅବସରରେ ସନ୍ଥ ଅରକ୍ଷିତ ଦାସ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ସନ୍ଧ୍ୟା ତଥା ଭକ୍ତି ସଂଗୀତ ପାରାଦୀପ ଶ୍ରୀମନ୍ଦିର ସମ୍ମୁଖ ରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିକୂଳ ପାଗ ସ୍ୱତେ ଜଗନାଥ ପ୍ରେମୀ ମାନେ ଉପସ୍ଥିତ ହୋଇ ଏହି ଭଜନ ସନ୍ଧ୍ୟାର ସମସ୍ତ ଭଜନ କୁ ଉପଭୋଗ କରିଥିଲେ। ଶେଷରେ ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣା ସମସ୍ତ ଭଜନ ପ୍ରେମୀ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ଥ ଅରକ୍ଷିତ ଦାସ ଭଜନ ସନ୍ଧ୍ୟାର ପ୍ରଦୀପ କୁମାର ଜେନା, ଗଗନ ବିଶ୍ୱାଳ, କ୍ଷୀରୋଦ କୁମାର ଶୁକ୍ଳା, ବୁଢା ବରାଳ, କଳ୍ପନା ନାୟକ ପ୍ରମୁଖ ଉକ୍ତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରେ ଭାଗ ନେଇ ନେଇଥିଲେ।

# ଜଳ ନିଷ୍କାସନ ଦାବିରେ ରାସ୍ତାରୋକ



ପାରାଦୀପ, ୨୭।୭ (ସମିସ): ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥର ପାରାଦୀପଗଡ଼ ବଜାର ପାଖରେ ଅଟକିଛନ୍ତି ଶହ ଶହ ଗାଡି। ଲଗାଣ ବର୍ଷାରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଗଡ଼ ଗ୍ରାମ ପ୍ରଭାବିତ ହୋଇଛି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଲୋକଙ୍କ ଘରେ, ଦାଣ୍ଡରେ ଓ ରୋଷେଇ ଘରେ ମଧ୍ୟ ପାଣି ପଶିଥିବା ଏବଂ ଲୋକଙ୍କ ଘର କାନ୍ଥ ମଧ୍ୟ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥର କାର୍ଯ୍ୟ ଏଆର୍‌ଏସ୍‌ଏସ୍ କମ୍ପାନୀ କରୁଥିବା ବେଳେ ରାସ୍ତା କଡ଼ରେ ଥିବା ଡ୍ରେନ ଗୁଡିକ ଭାଙ୍ଗି ଯାଇଛି। ବର୍ଷା ଦିନ ପୂର୍ବରୁ ଏହାକୁ ମରାମତି କରାଯାଇ ନଥିବାରୁ ଏବେ ଲୋକଙ୍କ ଘରେ ପାଣି ପଶିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଗଡ଼ ପଞ୍ଚାୟତରେ ଦୀର୍ଘଦିନ ଧରି ଜଳବନ୍ଦୀ ସମସ୍ୟା ଲାଗିଥିବା ରହିଛି। ବାରମ୍ବାର ଦାବି ସତ୍ତ୍ୱେ ଏହାର ସମାଧାନ ହୋଇପାରୁନି। ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଜାତୀୟ ରାଜପଥକୁ ଅବରୋଧ କରିବା ଫଳରେ ରାସ୍ତା କଡ଼ରେ ଅନେକ ଗାଡି ଦୀର୍ଘ ସମୟ ଛିଡା ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି।

## ରିଫାଇନାରୀରେ କାର୍ଯ୍ୟରତ ଶ୍ରମିକ ମୃତ

ପାରାଦୀପ, ୨୭।୭(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ରିଫାଇନାରୀ ମଧ୍ୟରେ କାମ କରୁଥିବା ଏସଆରଏସ୍ ନାମକ ଏକ ଠିକା କମ୍ପାନୀର ଜଣେ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ହୃଦ୍‌ଘାତରେ ଉକ୍ତ ଶ୍ରମିକଙ୍କର ମୃତ୍ୟୁ ହୋଇଯାଇଥିବା ଅନୁମାନ କରାଯାଉଥିବା ନେଇ ହସ୍ପିଟାଲର ଡାକ୍ତର କହିଛନ୍ତି। ଶ୍ରମିକଙ୍କ ଘର ଗଣ୍ଡିକିପୁର ଗ୍ରାମରେ ହୋଇଥିବା ବେଳେ ତାର ନାମ ଶିଶିର ମାଝୀ ବୋଲି ଜଣାପଡିଛି।

# ସାହିତ୍ୟ ପରିଷଦ ପକ୍ଷରୁ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଜଗତସିଂହପୁର,୨୭।୭(ସମିସ)



ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, ମା' ସାରଳା ଜଗତସିଂହପୁର ଶାଖାର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଏସ୍‌ଭିଏମ୍ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରରୁ ବିଜୟୀ ହୋଇ ଆସିଥିବା ଯୁକ୍ତ ୨ ଏବଂ ଯୁକ୍ତ ୩ ଶ୍ରେଣୀର ପ୍ରତିଯୋଗିମାନେ ପ୍ରବନ୍ଧ ଲିଖନ, ଜଣାଅଜଣା (କୁଇଜ୍) ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଯୁକ୍ତ ୨ ପ୍ରବନ୍ଧରେ ପ୍ରଥମ ଆଦିକବି ସାରଳାଦାସ କଲେଜର ସୁଶ୍ରୀ ସଙ୍ଗୀତା ସାହୁ, ବକ୍ତୃତାରେ ପ୍ରଥମ ବୃନ୍ଦାବନ ଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୁପ୍ରୀତି ମହାନ୍ତି, ଦ୍ୱିତୀୟ ପ୍ରିୟଙ୍କା ତାରିଣିଆ ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତୃତୀୟ ଜାଗୃତି ଦାସ, ଅଳକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଜଣାଅଜଣାରେ ପ୍ରଥମ ସାହିଲ କୁମାର ନାଥ, ଆଦିକବି ସାରଳାଦାସ କଲେଜ, ୨ୟ ସୁଶ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଦାସ, ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହୋଇଛନ୍ତି। ସେହିପରି ଯୁକ୍ତ ୩ ପ୍ରବନ୍ଧ ଲିଖନରେ ପ୍ରଥମ ସୌରଭ ନାୟକ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ୨ୟ ସୁଶ୍ରୀ ବୈଶାଖୀ ପାଁଜା, ବୃନ୍ଦାବନ ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ, ୩ୟ ସତ୍ୟଜିତ୍ ବାରିକ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ହୋଇଛନ୍ତି। ବକ୍ତୃତା ପ୍ରଦାନରେ ପ୍ରଥମ ରାଜକୁମାର ଶତପଥୀ, ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ, ୨ୟ ଆଶୁତୋଷ ପରିଡ଼ା, ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ, ଜଣା ଅଜଣାରେ ପ୍ରଥମ ବନମାଳୀ ପରିଡ଼ା, ଅଳକା ମହାବିଦ୍ୟାଳୟ, ୨ୟ ସ୍ୱାଭିମାନ ପାତ୍ର, ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ, ତୃତୀୟଦେବହୂତି ଆଚାର୍ଯ୍ୟ, ଆଦିକବି ସାରଳା ଦାସ ମହାବିଦ୍ୟାଳୟ ନିଜ କୃତିତ୍ୱର ପ୍ରଦର୍ଶନ କରିଥିଲେ। କଲେଜ ପ୍ରେକ୍ଷାଳୟରେ ଏହି ଛାତ୍ରଛାତ୍ରୀଙ୍କୁ ତଥା ମଣ୍ଡଳ ସ୍ତରୀୟ କୃତି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନଲାଭ କରିଥିବା ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଜାତା ଓତା, ସମ୍ମାନନୀୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ପରିଷଦର ସଦସ୍ୟା ମନୋରମା ଦାଶ, ସମ୍ପାଦକ ଡ. ରବୀନ୍ଦ୍ର ନାଥ ମିଶ୍ର, ଉପସଭାପତି ଡ. ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ୍ ବିଜୟ କୁମାର ପତି, ସଦସ୍ୟ ବିଜୟ କୁମାର ରଥ, କଲେଜ ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା, ସହ ସମ୍ପାଦକ ସବ୍ୟସାଚୀ ତ୍ରିପାଠୀ, ତେଜସ୍ୱିନୀ ପଣ୍ଡା, କୋଷାଧ୍ୟକ୍ଷ ସଂଯମ କୁମାର ମହାନ୍ତି ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର, ଗୀତା ପୁସ୍ତକ ଏବଂ ନବକାକଳି ପତ୍ରିକା ପ୍ରଦାନ କରିଥିଲେ। କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମକୁ ସଞ୍ଚାଳନ କଲାବେଳେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅନିମା କମ୍ପ୍ଲେକ୍ସରେ ଟଙ୍କା ଲଗାଇ ନିବେଶକାରୀ ହତାଶ

## ବୈକୁଣ୍ଠ ବଳିଆ କନସଲଟାନ୍ସି ଓ ଡେଭଲପର୍ସ ସଂସ୍ଥା ନାମରେ କ୍ରାଇମବ୍ରାଞ୍ଚରେ ମାମଲା

ଢେଙ୍କାନାଳ,୨୭ ।୭ (ସମିସ): ସ୍ଥାନୀୟ ଅନିମା କମ୍ପ୍ଲେକ୍ସରେ ନିବେଶକାରୀ ଟଙ୍କା ଲଗାଇ ବାରମ୍ବାର ନିଜ ଅର୍ଥ ଫେରି ପାଇବା ପାଇଁ ଅନୁରୋଧ ପରେ କୌଣସି ସୁଫଳ ନ ମିଳିବାରୁ ଭୁବନେଶ୍ବରସ୍ଥିତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରସ୍ଥ ହୋଇଛନ୍ତି । ଢେଙ୍କାନାଳ କୁଞ୍ଜକାନ୍ତରେ ଥିବା ଅନିମା କମ୍ପ୍ଲେକ୍ସକୁ ୨୦୧୮ରେ ଭୁବନେଶ୍ବର କଳିଙ୍ଗ ନଗରରେ ଥିବା ମେସର୍ସ ବୈକୁଣ୍ଠ ବଳିଆ କନସଲଟାନ୍ସି ଏବଂ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ୍ ନିର୍ମାଣ କରୁଥିଲା । ଏହାର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ମହାପାତ୍ର ଏବଂ ନିର୍ଦ୍ଦେଶକ ଦେବକାନ୍ତ ମହାପାତ୍ର ଭୁବନେଶ୍ବର ପ୍ରାଚୀ ଏନକ୍ଲେଭରେ ରହୁଥିବା ନିରଦାନନ୍ଦ ନନ୍ଦଙ୍କୁ ଯୋଗାଯୋଗ କରିବା ସହ ଏହି ନିର୍ମାଣରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇବା ସହିତ ବିଶ୍ୱାସ ଜନ୍ମାଇ ୪୦ ପ୍ରତିଶତ ମାଲିକାନାସତ୍ୱ ଓ ଅନ୍ୟାନ୍ୟ ସୁବିଧା ଦେବାକୁ କହିଥିଲେ । ଫଳରେ ସେ ୨୦୧୮ ମେ ମାସରେ ପ୍ରଥମେ ବ୍ୟାଙ୍କ ଜରିଆରେ ୧୦ଲକ୍ଷ ୫୦ ହଜାର ପ୍ରଦାନ କରିଥିଲେ । ପରେ ବିଭିନ୍ନ ସମୟରେ ଟଙ୍କା ଦେବା ସହିତ ମୋଟ ୪କୋଟି ୩୫ ଲକ୍ଷ ୬୯ ହଜାର ୨ଶହ ଟଙ୍କା ପ୍ରଦାନ କରିଛନ୍ତି । କିନ୍ତୁ ଟଙ୍କା ଫେରାଇବାକୁ କହିବାରୁ ସଂସ୍ଥା ଟଙ୍କା ଫେରାଉ ନ ଥିବା ଅଭିଯୋଗ ହୋଇଛି । ସେହିପରି ତାଙ୍କ ପତ୍ନୀ ତୃପ୍ତିମୟୀ ନନ୍ଦଙ୍କ ଅଧୀନରେ ଥିବା ମେସର୍ସ ଟିଏନ୍ ଟ୍ରେଡର୍ସରୁ ମୋଟ ୭ କୋଟି ୬୮ ଲକ୍ଷ ୭୮ ହଜାର ୭୪୮ ଟଙ୍କାର ନିର୍ମାଣ ସାମଗ୍ରୀ ନେଇଥିବା ଜଣାପଡ଼ିଛି । ଜିଏସ୍‌ଟି ବାବାଦ ୫କୋଟି ୨ଲକ୍ଷ ପ୍ରଦାନ କରିଥିବା ବେଳେ ଏବେ ୨ କୋଟି ୬୬ ଲକ୍ଷ ଟଙ୍କା ବକେୟା ରହିଛି । ବାରମ୍ବାର ଟଙ୍କା ନେବା ପରେ ସଂସ୍ଥାର ଦୁଇ ନିର୍ଦ୍ଦେଶକ ଟଙ୍କା ଫେରାଇବାକୁ ରାଜି ହେଉନାହାନ୍ତି । ଉଭୟ ପତିପତ୍ନୀ ସନ୍ତୋଷ ମହାପାତ୍ର ଓ ଦେବକାନ୍ତ ମହାପାତ୍ରଙ୍କୁ ବାରମ୍ବାର ଟଙ୍କା ମାଗିବା ପରେ ମଧ୍ୟ ନିରାଶ ହୋଇଛନ୍ତି । ଏହାକୁ ନେଇ ଭୁମି ଏଣ୍ଟରପ୍ରାଇଜର୍ସ ଏବଂ କନସଲଟାଣ୍ଟର ପ୍ରୋପ୍ରାଇଟର ନିରଦାନନ୍ଦ ନନ୍ଦ ଲିଖିତ ଭାବେ ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ସଂସ୍ଥା ତରଫରୁ ଠକେଇ ସହ ପ୍ରାୟ ୬ କୋଟ ୮୦ଲକ୍ଷ ୯୭ ହଜାର ୯୪୮ ଟଙ୍କା ହେରଫେର କରାଯାଇଥିବା ଅଭିଯୋଗ ହୋଇଛି ।

# ୨୪ ବର୍ଷ ପରେ ବି ନିର୍ମାଣ ହୋଇପାରୁନି ପଞ୍ଚାୟତ କାର୍ଯ୍ୟାଳୟ

ଗଁଦିଆ,୨୭ ।୭ (ସମିସ)

ଗଁଦିଆ ବ୍ଲକର ବ୍ରାହ୍ମଣୀ ନଦୀ କୂଳରେ ବନ୍ୟା ପ୍ରପୀଡ଼ିତ ଦିଗମ୍ବରପୁର ପଞ୍ଚାୟତର ୨୦୦୨ରେ ଗଠନ ହୋଇଥିଲେ ମଧ୍ୟ ଦୀର୍ଘ ୨୪ ବର୍ଷ ପରେ ବି ପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ ହୋଇପାରି ନାହିଁ । ସ୍ଥାନ ଚୟନକୁ ନେଇ ବିବାଦ, ଅଦାଲତରେ ମାମଲା ଓ ରାଜନୈତିକ ଟଣାଓଟରା ମଧ୍ୟରେ ପଞ୍ଚାୟତର ବିକାଶ ପ୍ରକ୍ରିୟା ବର୍ଷ ବର୍ଷ ଧରି ଅଟକି ରହିଛି ।



୨୦୦୨ରେ କାଶୀପୁର ପଞ୍ଚାୟତର ଦିଗମ୍ବରପୁର, ନୂଆଗଡ଼, ପର୍ବତକଣି ଓ ରାମସୁଧାପାଟଣା ସହ ମଦାର ପଞ୍ଚାୟତର ବୃନ୍ଦାବନପୁର ଗ୍ରାମକୁ ନେଇ ଏହି ପଞ୍ଚାୟତ ଗଠନ କରାଯାଇଥିଲା । ନୂଆଗଡ଼ର ଜନସଂଖ୍ୟା ସର୍ବାଧିକ ଥିଲେ ମଧ୍ୟ ପଞ୍ଚାୟତର ନାମ ଦିଗମ୍ବରପୁର ରଖାଯାଇଥିଲା । ସେହିଠାରୁ କାର୍ଯ୍ୟାଳୟର ସ୍ଥାନକୁ ନେଇ ବିବାଦର ବୀଜ ବୁଣାଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି । ଜଣେ ଦାନଶୀଳ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ୩ ଗୁଣ୍ଠ ଜମିରେ ଭାରତ ନିର୍ମାଣ ସେବାକେନ୍ଦ୍ର ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ସେହି ଭବନରୁ ପଞ୍ଚାୟତର ସମସ୍ତ କାର୍ଯ୍ୟ ଚାଲିଛି । କିନ୍ତୁ ପାଖରେ ଥିବା ଜମି ଜଳାଶୟ ହୋଇଥିବାରୁ ସେଠାରେ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ସମ୍ଭବ ହୋଇପାରିନାହିଁ ।

୨୦୦୮ରେ ତତ୍କାଳୀନ ସରପଞ୍ଚ ଚିତ୍ତରଞ୍ଜନ ସାମଲ ଏହି ପ୍ରସଙ୍ଗରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ପରେ ବାଇଧର ସେଠୀଙ୍କ ସମେତ ଅନ୍ୟ ୮ ଜଣ ମଧ୍ୟ ଅପିଲ କରିଥିଲେ । ଦୀର୍ଘ ୧୮ ବର୍ଷ ଧରି ମାମଲା ଚାଲିଥିଲେ ମଧ୍ୟ ସ୍ଥାନ ନିରୂପଣ ହୋଇପାରିନାହିଁ । ଚଳିତ ବର୍ଷ ଫେବୃଆରୀରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବିଡିଓ ପବିତ୍ର ବେହେରାଙ୍କ ଉପସ୍ଥିତିରେ ନୂଆଗଡ଼ରେ ପ୍ରାୟ ୪୨ ଡିସିମିଲ ଜମିରେ ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କରାଯାଇଥିଲା । କିନ୍ତୁ ସେହି ରାତିରେ ଦୁର୍ବୃତ୍ତମାନେ ଶିଳାନ୍ୟାସ ଫଳକ ଭାଙ୍ଗି ଦେଇଥିଲେ । ଏ ନେଇ ନିହଲପ୍ରସାଦ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ ।

୨୦୨୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ପ୍ରକଳ୍ପ ଅଟକି ରହିବା ଏବେ ରାଜନୈତିକ ପ୍ରସଙ୍ଗ ପାଲଟିଛି । ଦୁଇ ଗ୍ରାମର ଅସ୍ମିତାକୁ କେନ୍ଦ୍ର କରି ଚାଲିଥିବା ଟଣାଓଟରା ମଧ୍ୟରେ ବିକାଶ ଯୋଜନା ପଛକୁ ଠେଲି ହୋଇଯାଇଥିବା ଅଭିଯୋଗ ହେଉଛି । ଦିଗମ୍ବରପୁର ପଞ୍ଚାୟତର ପାଞ୍ଚଟି ରାଜସ୍ୱ ଗ୍ରାମରେ ୩୨୦୦ରୁ ଅଧିକ ଭୋଟର ରହିଥିବା ବେଳେ ସେମାନଙ୍କର ଗୋଟିଏ ପ୍ରଶ୍ନ କେବେ ନିଜସ୍ୱ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବ ।

# ଜନଅଭିଯୋଗ ଶୁଣାଣି ଶିବିର

ଭୁବନ,୨୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ସମୁଦାୟ ୪୯ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ରହିଥିଲା । ୧୦ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣ ଓ ରେଡକ୍ରସ ପାଣ୍ଠିରୁ ୫ ଜଣଙ୍କୁ ସମୁଦାୟ ୬୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମହାପାତ୍ର, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି, ସହକାରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ତହସିଲଦାର ଶୁଭଶ୍ରୀ ରଥ, ମେଡିକାଲ ଇନଚାର୍ଜ ଡା. ରମେଶ କୁମାର ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଅଙ୍ଗନବାଡ଼ି କେନ୍ଦ୍ର ଚାରିପାଖରେ ପାଣି



ଭୁବନ,୨୭ ।୭ (ସମିସ): ଶିକ୍ଷାର ବିକାଶ ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗ୍ରାମାଞ୍ଚଳରେ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରୁଛନ୍ତି । କିନ୍ତୁ ବିଭାଗୀୟ ଅବହେଳା ଓ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ପାଇଥିବା ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବାରୁ ସ୍କୁଲ ଓ ଅଙ୍ଗନବାଡ଼ି ଗୃହଗୁଡ଼ିକ ନିର୍ମାଣର ମାତ୍ର କେଇ ବର୍ଷ ଭିତରେ ଭାଙ୍ଗିବାକୁ ବସିଲାଣି । ଏଭଳି ଏକ ଅଙ୍ଗନବାଡ଼ି କେନ୍ଦ୍ର ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତ ଗୋପାଳପୁର ସାହିରେ । ସାମାନ୍ୟ ବର୍ଷା ହେଲେ ଏହି ଅଙ୍ଗନବାଡ଼ି କେନ୍ଦ୍ର ଚାରିପାଖରେ ପାଣି ଜମି ରହୁଛି । ଫଳରେ ଛାତ୍ରଛାତ୍ରୀ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଅଙ୍ଗନବାଡ଼ି କେନ୍ଦ୍ର ଚାରିପଟେ ପାଚେରି ନ ଥିବାରୁ ବର୍ଷା ହେଲେ ବାହାର ବର୍ଷା ପାଣି କେନ୍ଦ୍ର ଭିତରକୁ ପଶିଯାଉଛି । କେନ୍ଦ୍ର ନିର୍ମାଣ ସରି କାର୍ଯ୍ୟକ୍ଷମ ହେବାର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ । କେନ୍ଦ୍ର ଚାରିପଟେ ବର୍ଷା ପାଣି ଜମି ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପାରିବେଶ ସୃଷ୍ଟି ହୋଇ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ି ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସାଜିଛି । ଏହି ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ତୁରନ୍ତ ଏହି କେନ୍ଦ୍ରର ମରାମତି ସହ ଚାରିପଟେ ପାଚେରି ନିର୍ମାଣ କରିବା ଓ ବିଦ୍ୟୁତ ସଂଯୋଗ କରିବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି । କେନ୍ଦ୍ର ପକ୍ଷରୁ ବର୍ଷେ ହେଲା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଟଙ୍କା ଜମା ସରିଛି । କିନ୍ତୁ ସଂଯୋଗ ହୋଇପାରୁନି । ଶ୍ରୀରାମପୁର ସବଷ୍ଟେସନ ଓ ଗୋପାଳପୁର ସବଷ୍ଟେସନରୁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ଥିଲେ ବି କିଛି ଉପଭୋକ୍ତାଙ୍କ ବିରୋଧ ଯୋଗୁଁ ବର୍ଷେ ହେଲା ସଂଯୋଗ ହେଉ ନ ଥିବା ଜଣାଯାଇଛି ।

# ମରଣଯନ୍ତା ପାଲଟିଛି ପୂର୍ତ୍ତ ବିଭାଗ ରାସ୍ତା

## ୧୭୮ କୋଟି ଖର୍ଚ୍ଚ, ସୁଧୁରିଲାନି ଅବସ୍ଥା

ଖଜୁରିଆକଟା,୨୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅଧୀନ ଅଧିକାଂଶ ପିଡବ୍ଲ୍ୟୁଡି ରାସ୍ତାର ଦୁରବସ୍ଥା ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । କେଉଁଠି ରାସ୍ତା ଦବିଗଲାଣି ତ କେଉଁଠି ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି । ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।



ଗୁଡ଼ିଆକାଟେଣୀ-ହିନ୍ଦୋଳ ପ୍ରାୟ ୩୦କିମି ରାସ୍ତା ନିର୍ମାଣ ପାଇଁ ୪୯କୋଟି, ଡେଲିଭୂଇଁରୁ ଗିରିଧରପ୍ରସାଦ ନିର୍ମାଣ ପାଇଁ ୩୯କୋଟି ଓ ମରାମତି ପାଇଁ ୨.୫ କୋଟି, ଗୁଳେହିରୁ ନିମବାହାଳୀ ରାସ୍ତା ନିର୍ମାଣ ପାଇଁ ୪୯କୋଟି, ହିନ୍ଦୋଳରୁ ସିଂକୋଳ, ମାଧପୁର ଦେଇ ରସୋଳ



ନୂଆପାଟଣା ୧୨କିମି ରାସ୍ତା ନିର୍ମାଣ ପାଇଁ ୩୯କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଲାଭଖୋର ନୀତି ପାଇଁ ସମ୍ପୃକ୍ତ ରାସ୍ତାଗୁଡ଼ିକରୁ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱ ଦବିଯାଇ ବିପଦସଙ୍କୁଳ ହୋଇପଡ଼ିଛି । ସେହିପରି ନିକଟରେ ସରିଥିବା ହିନ୍ଦୋଳ ଏନଏସି ଅନ୍ତର୍ଗତ ହିନ୍ଦୋଳ-ସିଂକୋଳ-ନୂଆପାଟଣା ରାସ୍ତା ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲେ ହେଁ ବିଭାଗ ଗୁରୁତ୍ୱ ନ ଦେବାରୁ ଠିକାଦାରଙ୍କ ମନମାନି ପାଇଁ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଆଲୁସିଂ ସ୍କୁଲ ନିକଟରେ ରାସ୍ତା ଦବିଯାଇ ଫାଟି ଯାଇଥିବାବେଳେ ଆରମ୍ଭରୁ ଶେଷ ଯାଏ ଉଭୟ ପାର୍ଶ୍ୱ ଦବି ଧୋଇଗଲାଣି । ସେହିପରି ମହୀଧରପୁରରୁ ଭାପୁର ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ଭୟଙ୍କର ଖାଲଖମାରେ ପରିପୂର୍ଣ୍ଣ ହୋଇଛି । ରାସ୍ତାର ଉଭୟପାର୍ଶ୍ୱ ନଷ୍ଟ ହୋଇଯାଇଛି । ଏହି ରାସ୍ତା ଦେଇ ସମ୍ବଲପୁର-କଟକ ଶହଶହ ଗାଡ଼ିମୋଟର ଚାଲୁଥିବାବେଳେ ଖରାପ ରାସ୍ତା ଯୋଗୁଁ ଦୈନିକ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି । ଏହାଛଡ଼ା ବାଲିମିରୁ ବାବନ୍ଧ ରାସ୍ତା ସମେତ ଅନେକ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି । ତେବେ ବିଭାଗୀୟ ଉଦାସୀନତା ତଥା ଦାୟିତ୍ୱହୀନ କାର୍ଯ୍ୟପାଇଁ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଗୁଡ଼ିକର ଖରାପ ହୋଇଯିବା ସହ ମରଣଯନ୍ତାରେ ପରିଣତ ହୋଇଛି । ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ରାସ୍ତାଗୁଡ଼ିକ ମରାମତି କରିବା ସହ ବିଭାଗର କାର୍ଯ୍ୟକଳାପ ଉପରେ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଢେଙ୍କାନାଳ ରୋଟାରୀ କ୍ଲବ୍ ୫୧ତମ ଅଧିଷ୍ଠାନ ଉତ୍ସବ




ଢେଙ୍କାନାଳ,୨୭ ।୭ (ସମିସ): ଢେଙ୍କାନାଳ ରୋଟାରୀ କ୍ଲବ୍‌ର ୫୧ତମ ଅଧିଷ୍ଠାନ ଉତ୍ସବ ରବିବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନରେ ଅନୁଷ୍ଠିତ ହୋଇଛି । ଏଥିରେ ରୋଟାରୀ ଜିଲ୍ଲା ୩୨୬୨ର ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଦେବାଶିଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟାରୀ ଇଣ୍ଟରନ୍ୟାସନାଲ୍ ଦୀର୍ଘ ୧୨୧ବର୍ଷ ଧରି ସମଗ୍ର ବିଶ୍ୱର ୨୧୫ ଦେଶରେ ସମାଜସେବା କ୍ଷେତ୍ରରେ ସାର୍ବଜନୀନ ଭାବମୂର୍ତ୍ତି ନିର୍ମାଣ କରିବା ସହ ଲକ୍ଷ ଲକ୍ଷ ରୋଟାରିଆନ୍‌ଙ୍କ ନେତୃତ୍ୱ ଦକ୍ଷତା ପ୍ରତିପାଦନ କରୁଛି ବୋଲି କହିଥିଲେ । ଢେଙ୍କାନାଳ ରୋଟାରୀ କ୍ଲବ୍‌ର କାର୍ଯ୍ୟାବଳୀର ପ୍ରଶଂସା କରି 'ରୋଟାରୀ ବୃହତ୍ ଜନସେବା ପ୍ରକଳ୍ପ' କାର୍ଯ୍ୟକାରୀ କରିବାକୁ ସଂକଳ୍ପ ନେବାକୁ କହିଥିଲେ । ବର୍ଷ ୨୦୨୬-୨୭ ପାଇଁ ରୋଟାରିଆନ୍ ତପନ ପାଲ୍‌ଙ୍କୁ ସଭାପତି ଓ ଡ. ଭବାନୀ ଶଙ୍କର ଦାଶଙ୍କୁ ସମ୍ପାଦକ ଭାବେ ଅଧିଷ୍ଠିତ କରାଇଥିଲେ । ପୂର୍ବ ସଭାପତି ସାଗରିକା ମିଶ୍ର ନୂତନ ସଭାପତିଙ୍କୁ ରୋଟାରି କୋଲାର ପିନ୍ଧାଇ କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ, ଦାର୍ଶନିକ ତଥା "ଆଦୃତା' ଶିଶୁ ସଦନର ପ୍ରତିଷ୍ଠାତା ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ରୋଟାରିଆନ୍‌ମାନଙ୍କୁ ନିଃସ୍ୱାର୍ଥପର ସେବା ମାଧ୍ୟମରେ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ । ରୋଟାରିଆନ୍ ରାଜକିଶୋର ବେହେରା ଓ ଜିତେନ୍ଦ୍ର ନବୀନ ଚନ୍ଦ୍ର ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସମ୍ପାଦକ ଡ. ଦାଶ ଆଗାମୀ ବର୍ଷର କାର୍ଯ୍ୟକ୍ରମ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ସଭାପତି ପାଲ୍ ବୋର୍ଡ ଅଫ୍ ଡାଇରେକ୍ଟରମାନଙ୍କୁ ଲାପଲ ପିନ୍ ପିନ୍ଧାଇଥିଲେ । ରୋଟାରିଆନ୍ ବିନୋଦ ଅଗ୍ରୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରୋଟାରିଆନ୍ ନିରଦାନନ୍ଦ ନନ୍ଦଙ୍କ ସମ୍ପାଦନାରେ ବାର୍ଷିକ ମୁଖପତ୍ର "ମହିମା' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ପଥଚାରୀ ପଶୁପ୍ରେମୀ ଓ ସେବକ ପ୍ରଦୀପ କୁମାର, ଜାତୀୟ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଇନରହୁଇଲ୍ କ୍ଲବ୍, ରୋଟ୍ରାକ୍ଟ କ୍ଲବ୍ ଓ ଆର୍‌ସିସି ଗଜମରାର ସଭାପତି ଓ ସମ୍ପାଦକଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ପ୍ରତିଷ୍ଠାତା ସଦସ୍ୟ ରୋଟାରିଆନ୍ ସାଗର ମଲ୍ଲ ଅଗ୍ରୱାଲ ଓ ରୋଟାରିଆନ୍ ନବୀନ ଚନ୍ଦ୍ର ନାରାୟଣ ଦାସ ଅତିଥିମାନଙ୍କୁ ଉପହାର ପ୍ରଦାନ କରିଥିଲେ । ରୋଟାରିଆନ୍ ସୁନୀଲ୍ ମିଶ୍ର, ମନୋଜ ମିଶ୍ର ଓ ସାଗରବାଳ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ । ରୋଟାରିଆନ୍ ଦେବବ୍ରତ ଭଞ୍ଜ, ପ୍ରଦୋଷ ଶତପଥୀ, ଜ୍ୟୋତିରଞ୍ଜନ ରଥ, ମଧୁ ଟାୱାର ସରୋଜ ମହାନ୍ତି, ରାଜେନ୍ଦ୍ର ଦାସ, ବିରଞ୍ଚି ପାଣି, ବିଭୁଦେନ୍ଦୁ ପଟ୍ଟନାୟକ, ଅଭିମନ୍ୟୁ ସାହୁ, ମହେଶ ପ୍ରସାଦ ଅଗ୍ରୱାଲ, ବିଶ୍ୱଜିତ୍ ଦାସଗୁପ୍ତା, ହର୍ଷବର୍ଦ୍ଧନ ସିଂହଦେଓ, ଲୋକନାଥ ମହାପାତ୍ର, ହେମନ୍ତ ମହାନ୍ତି, ଲକ୍ଷ୍ମୀନାରାୟଣ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରୋଟାରିଆନ୍ ନିରଦାନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ହିନ୍ଦୋଳ,୨୭ ।୭ (ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କୁନୁଁଆ ଗାଁର ଏକ ବିଲ ଭିତରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି । ମୃତକ ଜଣକ ଏକ ଲୁଙ୍ଗି ଓ ଶାର୍ଟ ପିନ୍ଧିଥିବା ବେଳେ ମୃତଦେହ ପଚିଯାଇଛି । ୩ରୁ ୪ଦିନ ପୂର୍ବେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ଏହା ହତ୍ୟା ନା ଆତ୍ମହତ୍ୟା ନା ସ୍ୱାଭାବିକ ମୃତ୍ୟୁ ତାହା ସ୍ପଷ୍ଟ ହୋଇନାହିଁ । ଅପରାହ୍ନରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି ତଦନ୍ତ ଆରମ୍ଭ କରିଛି । ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ୫୪ ବର୍ଷର ଟିପିଲେଇ ହାଟରେ ବିକାଶ ବାଟବଣା

## ବର୍ଷାରେ କାଦୁଅ ପଚପଚ ହାଟ ପରିସର

## ଶୌଚାଳୟ, ଆଲୋକ ଓ ପରିମଳ ବ୍ୟବସ୍ଥା ନାହିଁ

ଭୁବନ,୨୭ ।୭ (ସମିସ)

ଭୁବନ ବ୍ଲକ ସୁରପ୍ରତାପପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିପିଲେଇ ସାପ୍ତାହିକ ହାଟ ପ୍ରାୟ ୧୯୭୨ ମସିହାରୁ ଏହି ଅଞ୍ଚଳର ଆର୍ଥିକ ଓ ସାମାଜିକ ଜୀବନର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ । ପ୍ରତି ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହାଟ ବସେ । ୧୯୭୨ ପୂର୍ବରୁ ଗଡ଼ ନୃସିଂହପ୍ରସାଦ ପଞ୍ଚାୟତ ପଳାଶପିଠିଆ ଗ୍ରାମର ନେତ୍ରାପାଳ ଠାରେ ଡମଶାଳ ନଦୀ କୂଳରେ ହାଟ ବସୁଥିଲା । ପ୍ରାୟ ୯ଟି ପଞ୍ଚାୟତର ଲୋକ ଲୋକ ଏହି ହାଟକୁ ଆସି ନିତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିଥାନ୍ତି । ପନିପରିବା, ମାଛ, ମାଂସ, ଧାନ୍ୟ, ମୁଦି ସାମଗ୍ରୀ, ଲୁଗାପଟା ଓ ଘରୋଇ ବ୍ୟବହାରର ପ୍ରାୟ ସମସ୍ତ ଜିନିଷ ଏଠାରେ ମିଳୁଥିବାରୁ ଏହା ଗ୍ରାମାଞ୍ଚଳର ଏକ ବଡ଼ ବଜାର ଭାବେ ପରିଚିତ । କିନ୍ତୁ ବର୍ଷା ଆସିଲେ ଏହି ହାଟର ପ୍ରକୃତ ଚିତ୍ର ସାମ୍ନାକୁ ଆସେ । ସମଗ୍ର ହାଟ ପରିସର କାଦୁଅ ପଚପଚ ହୋଇଯାଏ । ଚାଲିବା ମଧ୍ୟ କଷ୍ଟକର ହୋଇପଡ଼େ । ତଥାପି ଜୀବନ ଜୀବିକା ଓ ନିତ୍ୟାବଶ୍ୟକ ସାମଗ୍ରୀର ଆବଶ୍ୟକତା ପାଇଁ ଲୋକମାନେ କାଦୁଅକୁ ଖାତିର ନକରି ହାଟକୁ ଆସୁଛନ୍ତି । ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ମଧ୍ୟ





ଅସୁବିଧା ସତ୍ତ୍ୱେ ବ୍ୟବସାୟ କରିବାକୁ ବାଧ୍ୟ ହେଉଛନ୍ତି ।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ହାଟଟି ପ୍ରତିବର୍ଷ ପରି ଚଳିତ ବର୍ଷ ମା' ବନ ଦୁର୍ଗା କମିଟି ପକ୍ଷରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିଲାମ ହେଉଛି ଏବଂ ମହାଶୂଳ ଆଦାୟ କରାଯାଉଛି । ତଥାପି ହାଟର ବିକାଶ ପାଇଁ ସେହି ରାଜସ୍ୱର ସଦୁପଯୋଗ ହେଉନଥିବା ଅଭିଯୋଗ ହେଉଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦୋକାନ ଘର ବ୍ୟବହାରରେ ଆସୁନାହିଁ । ଶୌଚାଳୟ ଥିଲେ ମଧ୍ୟ ତାହା ଅକାମୀ ହୋଇପଡ଼ିଛି । ହାଟରେ ଜମି ରହୁଥିବା ଅଳିଆ ଆବର୍ଜନା ନିୟମିତ ସଫା କରାଯାଉନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ପିଇବା ପାଣି ପାଇଁ କେବଳ ଗୋଟିଏ ନଳକୂଅ ହିଁ ଭରସା । ସେହିପରି ସନ୍ଧ୍ୟା ସମୟରେ ଆଲୋକ ବ୍ୟବସ୍ଥା ନଥିବାରୁ ବ୍ୟବସାୟୀ ଓ ଗ୍ରାହକମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବା କଥା, ଦୀର୍ଘ ୫୪ ବର୍ଷ ଧରି ଏହି ହାଟ ହଜାର ହଜାର ଲୋକଙ୍କ ଜୀବନ ସହ ଜଡ଼ିତ ଥିଲେ ମଧ୍ୟ ଏହାର ମୌଳିକ ସମସ୍ୟା ଦୂର ହୋଇପାରିନାହିଁ । ପକ୍କା ଚଲାପଥ, ଜଳ ନିଷ୍କାସନ ବ୍ୟବସ୍ଥା, କାର୍ଯ୍ୟକ୍ଷମ ଶୌଚାଳୟ, ସ୍ୱଚ୍ଛ ପରିବେଶ, ପର୍ଯ୍ୟାପ୍ତ ପିଇବା ପାଣି ଓ ଆଲୋକ ବ୍ୟବସ୍ଥା ଭଳି ମୌଳିକ ସୁବିଧା ତୁରନ୍ତ ଯୋଗାଇ ଦେବାକୁ ସେମାନେ ପ୍ରଶାସନ ଓ ପଞ୍ଚାୟତ ନିକଟରେ ଦାବି କରିଛନ୍ତି । ମତାମତ ପରିବାର ପ୍ରତିପୋଷଣ ପାଇଁ ପ୍ରତି ମଙ୍ଗଳବାର ହାଟକୁ ଆସୁ । ଆଜକୁ ପ୍ରାୟ ୫୦ ବର୍ଷ ହେଲା ଆସୁଛୁ । ସେଦିନ ଯାହା ଥିଲା ଆଜି ବି ସେହି ଅବସ୍ଥା । ଆମେ ସପ୍ତାହ ସାତ ଦିନ ମଧ୍ୟରୁ ୬ ଦିନ ବିଭିନ୍ନ ହାଟକୁ ଯାଉ । ଅନ୍ୟ ହାଟଗୁଡ଼ିକରେ ସ୍ଥାୟୀ ପିଣ୍ଡି ବ୍ୟବସ୍ଥା ଅଛି । ଥଣ୍ଡା ପାଣି ବି ମିଳୁଛି । ଶୌଚାଳୟ ବି ଅଛି । କିନ୍ତୁ ଏଠାରେ ସର୍ବନିମ୍ନ ସୁବିଧା ମିଳୁନି । କେବଳ ମହାଶୁଲ ଆଦାୟ ଦିନକୁ ଦିନ ବଢ଼ି ଚାଲିଛି । ଏନେଇ ଦୀନବନ୍ଧୁ ସାହୁ କୁହନ୍ତି ମଙ୍ଗଳବାର ଆସିଲେ ଅପେକ୍ଷା କରିଥାଉ ହାଟକୁ ଆସିବୁ ଘର କରଣା ନିତ୍ୟ ଅବଶ୍ୟକ ସାମଗ୍ରୀ କିଣିବୁ । ବର୍ଷା ଋତୁ ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଭଲ ଲାଗେ । ବର୍ଷା ଦିନେ ହାଟୁଆ, ଗ୍ରାହକ ସମସ୍ତେ ହଇରାଣ ହୁଅନ୍ତି । ସରକାରଙ୍କୁ ଗୁହାରି ଟିକେ ନଜର ପକାନ୍ତୁ । ୫୪ ବର୍ଷ ମଧ୍ୟରେ ଯେଉଁମାନେ ବି ସରପଞ୍ଚ ହୋଇଛନ୍ତି କେବଳ ନିଲାମ ଦେଇ ମହାଶୂଳ ଆଦାୟରେ ସୀମିତ । କିଛି ବି ଉର୍ନତି ନାହିଁ । ସମବାୟ ସମିତି ସଭାପତି ପୁଷ୍ପଲତା ରାଉତ କୁହନ୍ତି ଯେଉଁ ସ୍ଥାନରେ ହାଟ ବସୁଛି ତାହାର କେତେକାଂଶ ବ୍ୟକ୍ତିଗତ ସ୍ଥାନ ହୋଇ ଥିବାରୁ ସରକାରୀ ଉନ୍ନୟନ କାର୍ଯ୍ୟ ହୋଇ ପାରୁନାହିଁ । ତଥାପି ୫ ବଖରା ଦୋକାନ ଘର ହୋଇଛି । ବଣ୍ଟନ ଅପେକ୍ଷାରେ ଅଛି । ଖୁବ ଶୀଘ୍ର ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯିବ ।

# ସାତମାଇଲ ଛକରେ ଛିଣ୍ଡିଲା ୧୧ କେଭି ତାର

## ■ ଅଳ୍ପକେ ବର୍ତ୍ତିଲେ ଲୋକେ

ହିନ୍ଦୋଳ,୨୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ସାତମାଇଲ ଛକରେ ହଠାତ ଏକ ୧୧ କେଭି ବିଦ୍ୟୁତ ତାର ଛିଣ୍ଡିପଡ଼ିଥିଲା । ଏହି ସମୟରେ ଉକ୍ତ ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରୁଥିଲେ ମଧ୍ୟ ତେବେ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନାହିଁ । ସାତମାଇଲ ଛକ ଦେଇ ଯାଇଥିବା ୧୧ କେଭି ତାର ଉପରେ ଗଛ ଡାଳ ପଡ଼ିଯିବାରୁ ବିଦ୍ୟୁତ ତାର ଗୋଟିଏ ଲୁହା କେବିନ ସହ ରାସ୍ତା ଉପରେ ପଡ଼ି ପ୍ରବଳ ଧୂଆଁ ବାହାରିଥିଲା । ପାଖରେ ଥିବା



ଫାଣ୍ଡି ପୁଲିସ ତତକ୍ଷଣାତ ଭୁବନେଶ୍ୱର-ଅନୁଗୋଳ ରାସ୍ତାକୁ ବନ୍ଦ କରି ବିଦ୍ୟୁତ ବିଭାଗକୁ ଫୋନ କରିଥିଲା । ହେଲେ ସେହି ସମୟରେ ସାତମାଇଲ ଅଞ୍ଚଳର ଶହ ଶହ ପଥଚାରୀ ସମେତ ବହୁ କଲେଜ ପିଲା ଯାତାୟାତ କରୁଥିଲେ । ହେଲେ ତାର ଛିଣ୍ଡିବା ସମୟରେ ରାସ୍ତା ଉପରେ କେହି ନ ଥିଲେ । କେବିନଟି ଚାର୍ଜ ହୋଇଯାଇଥିଲେ ମଧ୍ୟ କାହାର କିଛି କ୍ଷତି ହୋଇନାହିଁ । ରାସ୍ତା ଉପରେ ଖୁବ କମ ଉଚ୍ଚତାରେ ବିଦ୍ୟୁତ ତାର ଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ନେଇ ବଜାରବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଜନଗହଳିପୂର୍ଣ୍ଣ ଛକ ଦେଇ ଯାଇଥିବା ତାରକୁ ବିଭାଗ ପକ୍ଷରୁ କେବୁଲ ତାର କରାଯାଇ ପାରିଲା ନାହିଁ । ସାତମାଇଲ ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଆଜି କିଛି ମାତ୍ରାରେ ବିପଦ ଟଳି ଯାଇଥିଲା । ପରେ ଖଜୁରିଆକଟାର ବିଦ୍ୟୁତ କର୍ମଚାରୀମାନେ ଆସି ରାସ୍ତା ଉପରୁ ତାର ଉଠେଇବା ସହ ଛିଣ୍ଡିଥିବା ତାରକୁ ପୁନର୍ବାର ଯୋଡ଼ିଥିଲେ । ବଜାରବାସୀ ଏହାକୁ କେବୁଲ କରିବାକୁ କହିଥିଲେ ମଧ୍ୟ ଉପରୁ ଆଦେଶ ଆସିଲେ କେବୁଲ ହେବ କହି ବିଦ୍ୟୁତ କର୍ମଚାରୀ ଛିଣ୍ଡା ତାରକୁ ଯୋଡ଼ି ବିଦ୍ୟୁତ ସଂଯୋଗ କରିଥିଲେ ।






**ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ସଂସଦରେ ବିଲ୍**

# କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ; ପ୍ରଭାବଶାଳୀ କାର୍ଯ୍ୟକାରିତା ଆବଶ୍ୟକ: ବିଜେଡି

ଭୁବନେଶ୍ୱର,୨୭।୭(ସମିସ): ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବ ଆଇନର ସଂଶୋଧନ ସଂସଦରେ ପାରିତ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ କଡ଼ା ଓ ପ୍ରଭାବଶାଳୀ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ବିଜେଡି ଦାବି କରିଛି। ଏହାଛଡ଼ା ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି ଦଳ।

ଦଳ ପକ୍ଷରୁ ଆଜି ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାକୁ ନେଇ ଦେଶବ୍ୟାପୀ ଅନେକ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି ଆନ୍ଦୋଳନ ସମଗ୍ର ଦେଶବାସୀଙ୍କୁ

- ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ, ଅଣାଯାଇଥିବା ଆଇନ କେବଳ କାଗଜରେ ରହିଯିବ
- ଓଡ଼ିଶାରେ ବିଜେପି ସରକାରଙ୍କ ଦ୍ୱାରା ହୋଇଥିବା ସଂଶୋଧନ ସଫଳ କାର୍ଯ୍ୟକାରୀ ହୋଇନାହିଁ

ପ୍ରଭାବିତ କରିଥିବା ବେଳେ, କିଛିଦିନ ତଳେ କେନ୍ଦ୍ର କ୍ୟାବିନେଟ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଥିବା ବେଳେ ଆଜି ସଂସଦରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଗତ କରାଯାଇଛି। ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି। ଡ. ମହାନ୍ତି କହିଛନ୍ତି ଯେ କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪'କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା। କିନ୍ତୁ ଡବଲ୍ ଇଞ୍ଜିନ୍ ସରକାର ଅମଳରେ ଗତ ଦୁଇ ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଏହି ଘଟଣାଗୁଡ଼ିକରେ ଜଣେ ହେଲେ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ । ଏହା ପ୍ରମାଣ କରୁଛି ଯେ କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ, ଆଇନକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବା ସହିତ ଦୋଷୀ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପ୍ରସଙ୍ଗରେ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି।

**ଦେଶରେ କମୁଛି ସରକାରୀ ସ୍କୁଲ୍**

# ୫ ବର୍ଷରେ ୧୭ ହଜାର ବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର,୨୭।୭(ସମିସ): ଦେଶରେ ସରକାରୀ ବିଦ୍ୟାଳୟର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୨୧-୨୨ ଶିକ୍ଷାବର୍ଷରେ ୧୦ ଲକ୍ଷ ୨୨ ହଜାର ୩୮୬ଟି ସରକାରୀ ସ୍କୁଲ ଥିଲା। ୨୦୨୫-୨୬ରେ ବିଦ୍ୟାଳୟ ସଂଖ୍ୟା ୧୦ ଲକ୍ଷ ୫ ହଜାର ୨୪୫କୁ ଖସିଛି। ଅର୍ଥାତ୍ ୫ ବର୍ଷରେ ୧୭ ହଜାର ୧୪୧ ଟି ସ୍କୁଲ୍ ବନ୍ଦ ହୋଇଛି। ଲୋକସଭାରେ ସାଂସଦ ଆନନ୍ଦ ଭଦୌରିଆଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସରକାର ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

**ଓଡ଼ିଶାରେ ୪୬୯ଟି ସ୍କୁଲରେ ତାଲା**

ଓଡ଼ିଶାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ୨୦୨୧-୨୨ରେ ରାଜ୍ୟରେ ୪୯,୦୭୨ଟି ସରକାରୀ ବିଦ୍ୟାଳୟ ଥିବାବେଳେ ୨୦୨୫-୨୬ରେ ଏହା ୪୮,୬୦୩କୁ ଖସିଛି। ଏହି ୫ ବର୍ଷ ମଧ୍ୟରେ ୪୬୯ଟି ସରକାରୀ ସ୍କୁଲ ବନ୍ଦ ହୋଇଛି। ଦେଶର ଅନେକ ବଡ଼ ରାଜ୍ୟରେ ମଧ୍ୟ ବିଦ୍ୟାଳୟ ସଂଖ୍ୟା କମିଛି। ସମାନ ସମୟରେ ଆନ୍ଧ୍ର ପ୍ରଦେଶରେ ୯୧୫, ମହାରାଷ୍ଟ୍ରରେ ୧୦୬୮, କର୍ଣ୍ଣାଟକରେ ୧୧୫୨, ମଧ୍ୟପ୍ରଦେଶରେ ୧୪୯୬, ଏବଂ ପଶ୍ଚିମବଙ୍ଗରେ ୧୭୧୧ ଟି ସରକାରୀ ବିଦ୍ୟାଳୟ ବନ୍ଦ ହୋଇଛି। ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ମେଘାଳୟ ଓ ଲଦାଖରେ ମଧ୍ୟ ବିଦ୍ୟାଳୟ ସଂଖ୍ୟାରେ ହ୍ରାସ ଘଟିଛି। ଅପରପକ୍ଷରେ ବିହାର ପରି ବିଭିନ୍ନ ରାଜ୍ୟରେ ବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢ଼ିଛି। ବିହାରରେ ୮୭୭, ରାଜସ୍ଥାନରେ ୧୦୩୫, ଗୁଜରାଟରେ ୩୫ ଓ ଉତ୍ତର ପ୍ରଦେଶରେ ୭୯ ସରକାରୀ ବିଦ୍ୟାଳୟ ଖୋଲିଛି। ବିଶେଷଜ୍ଞଙ୍କ ମତରେ, ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପଛରେ ଛାତ୍ର ସଂଖ୍ୟା କମିବା, ବିଦ୍ୟାଳୟ ଏକୀକରଣ, ଜନସଂଖ୍ୟାର ସ୍ଥାନାନ୍ତରଣ ଓ ଶିକ୍ଷା ନୀତିରେ ପରିବର୍ତ୍ତନ ଭଳି କାରଣ ରହିପାରେ। ତଥାପି ଗ୍ରାମାଞ୍ଚଳରେ ସ୍କୁଲ ବନ୍ଦ କିମ୍ବା ମିଶ୍ରଣ ହେଲେ ଛୋଟ ପିଲାଙ୍କ ପାଖରେ ସହଜରେ ଶିକ୍ଷା ପହଞ୍ଚି ପାରିବ ନାହିଁ ବୋଲି ମତବ୍ୟକ୍ତ କରୁଛନ୍ତି।

## ବିଇଡି ପଢ଼ିବା ପାଇଁ ଅଗଷ୍ଟ ୫ ଯାଏଁ ଚଏସ୍ ଲକିଙ୍ଗ

ଭୁବନେଶ୍ୱର, ୨୭।୭(ସମିସ): ଚଳିତବର୍ଷ ଦୁଇ ବର୍ଷିଆ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପାଠ୍ୟକ୍ରମରେ ନାମଲେଖା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସାମସ୍ ୱେବସାଇଟ୍‌ରେ ଚୂଡ଼ାନ୍ତ ମାର୍କ ଉପଲବ୍ଧ ହୋଇଛି। ଏହାପରେ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ଚୟନ କରିବେ। ଆଜିଠାରୁ ଅଗଷ୍ଟ ୫ ତାରିଖ ମଧ୍ୟରେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନକୁ ଚଏସ୍ ଲକିଙ୍ଗ କରିବେ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ଅଗଷ୍ଟ ୧୧ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୧ ରୁ ୧୪ ତାରିଖ ମଧ୍ୟରେ ଫ୍ରିଜ୍ ବା ସ୍ଲାଇଡ୍ ବିକଳ୍ପ ବାଛିପାରିବେ। ୨୦ ତାରିଖ ପୂର୍ବାହ୍ନ ୧୧ ଟା ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୨୫ ତାରିଖରୁ ବିଇଡି, ବିଏଚ୍ଇଡି ଓ ଏମ୍ଇଡି ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ୩୧ଟି ଶିକ୍ଷାନୁଷ୍ଠାନରେ ୨୮୦୦ଟି ସିଟ୍ ରହିଥିବାବେଳେ ୧ ଲକ୍ଷ ୫ ହଜାର ୮୩୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

**ଆସନ୍ତା ୧୧ ରୁ ଆରମ୍ଭ ହେବ ପାଠପଢ଼ା**

## ସୁଶାନ୍ତ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ


ଭୁବନେଶ୍ୱର,୨୭।୭(ସମିସ): ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ସେ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ସେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୋମବାର ସକାଳେ ସ୍ୱର୍ଗତଃ ସୁଶାନ୍ତ ସିଂଙ୍କ ମରଶରୀର ବିଧାନସଭାରେ ପରିସରରେ ପହଁଚିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ବାଚସ୍ପତି ସୁରମା ପାଢୀ, ବିଧାନସଭାର ଏକାଧିକ ବିଧାୟକ ତଥା ପୂର୍ବତନ ବିଧାୟକ ଉପସ୍ଥିତ ରହି ସ୍ୱର୍ଗତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବହୁ ମନ୍ତ୍ରୀ, ବିଧାୟକ ତଥା ସାଂସଦମାନେ ସାମାଜିକ ଗଣମାଧ୍ୟମରେ ସ୍ୱର୍ଗତଃ ସିଂଙ୍କ ସ୍ମୃତିଚାରଣ କରିଥିଲେ।


## ଉଚ୍ଚମାଧ୍ୟମିକକୁ ଉନ୍ନୀତ ହେବ ୭୧ ହାଇସ୍କୁଲ୍

ଭୁବନେଶ୍ୱର, ୨୭।୭(ସମିସ): ରାଜ୍ୟର ୭୧ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ ହେବେ। ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ଏହାକୁ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୧୪,୦୭୩.୮୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷାର ଅଧ୍ୟକ୍ଷଙ୍କ ସୁପାରିସ ଆଧାରରେ ଏହି ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ କରାଯିବ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୨ଟି, ମାଲକାନାଗିରି, ସୁନ୍ଦରଗଡ଼ ଓ ବାଲେଶ୍ୱରର ୬ଟି ଲେଖାଏଁ ହାଇସ୍କୁଲ ଏହି ତାଲିକାରେ ସ୍ଥାନ ପାଇଥିବାବେଳେ ନବରଙ୍ଗପୁର ୫ ଟି ବିଦ୍ୟାଳୟ ରହିଛି।








MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta | नालको NALCO | TPWODL | JSW JFE JSW JFE Steel Limited | Paradeep Phosphates

## ରାମ ମନ୍ଦିର ଚାନ୍ଦା ଚୋରି ତଦନ୍ତର ତଦାରଖ କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭।୭: ରାମ ମନ୍ଦିର ଚାନ୍ଦା ଚୋରି ଘଟଣାର ତଦନ୍ତ ଲାଗି ଉତ୍ତର ପ୍ରଦେଶ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସଆଇଟି)ର ପୁନର୍ଗଠନ କରିଛନ୍ତି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍ ଗଠନ କରାଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ କିରଣ ଏସ୍‌ଙ୍କ ଅଧକ୍ଷତାରେ ଗଠିତ ଏହି ଟିମରେ ଆଉ ଦୁଇ ଜଣ ଆଇପିଏସ୍ ଅଧିକାରୀଙ୍କୁ ସଦ୍ୟ ଭାବେ ସାମିଲ କରାଯାଇଛି। ତେବେ ଏହି ଟମିରେ ସ୍ୱତନ୍ତ୍ର ଭାବେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଙ୍କୁ ନିଯୁକ୍ତ କରିବା ଲାଗି ଆଜି ଶୁଣାଣି ବେଳେ କୋର୍ଟ ପରାମର୍ଶ ଦେଇଛନ୍ତି। କମିଟି ତଦନ୍ତ କରି ଦୁଇ ସପ୍ତାହ ଭିତରେ ଷ୍ଟାଟସ ରିପୋର୍ଟ ଦାଖଲ କରିବା ଲାଗି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଆହୁରି କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ଏହି ତଦନ୍ତର ତଦାରଖ କରିବେ। ଷ୍ଟାଟସ ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଭାରତୀୟ ନାବିକଙ୍କ ଜାହାଜ ଉପରେ ଆକ୍ରମଣ: ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ସମନ

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ୟୁକ୍ରେନର ଓଡେସା ବନ୍ଦର ନିକଟରେ ଚାରିଜଣ ଭାରତୀୟ ନାବିକ ଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଘଟଣା ପରେ ବିଦେଶ ମନ୍ତ୍ରଣାଳୟ ୟୁକ୍ରେନର ରାଷ୍ଟ୍ରଦୂତଙ୍କୁ ତଲବ କରିଛି। କୃଷ୍ଣସାଗର ଅଞ୍ଚଳରେ ବଢ଼ୁଥିବା ସୁରକ୍ଷା ସଙ୍କଟ ମଧ୍ୟରେ ଓଡେସା ବନ୍ଦର ନିକଟରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଥିଲା। ଜାହାଜରେ ଥିବା ଚାରିଜଣ ଭାରତୀୟଙ୍କ ମଧ୍ୟରୁ ଦୁଇଜଣ ସୁରକ୍ଷିତ ଥିବାବେଳେ ଅନ୍ୟ ଦୁଇଜଣଙ୍କ ସମ୍ପର୍କରେ ସୂଚନାକୁ ଅପେକ୍ଷା କରାଯାଉଛି। ଏହା ପୂର୍ବରୁ ଏହି ମାସରେ ଘଟିଥିବା ଆଉ ଏକ ଆକ୍ରମଣରେ ଚାରିଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା ଏବଂ ଜଣେ ଗୁରୁତର ଆହତ ହୋଇଥିଲେ। ଏହି ପ୍ରସଙ୍ଗରେ ୟୁକ୍ରେନର ବିଦେଶମନ୍ତ୍ରୀ ଭାରତର ବିଦେଶମନ୍ତ୍ରୀଙ୍କୁ ଶୋକବାର୍ତ୍ତା ପଠାଇବା ସହ ନିହତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। କୃଷ୍ଣସାଗର ଅଞ୍ଚଳର ବିଗଡ଼ୁଥିବା ସୁରକ୍ଷା ପରିସ୍ଥିତିକୁ ନେଇ ଉଭୟ ଦେଶର ବିଦେଶମନ୍ତ୍ରୀଙ୍କ ମଧ୍ୟରେ ଶୀଘ୍ର ଆଲୋଚନା ହେବାର ସମ୍ଭାବନା ରହିଛି। ବିଦେଶରେ ଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ଭାରତ ସର୍ବାଧିକ ପ୍ରାଥମିକତା ଦେଉଥିବା କଥା ପୁଣିଥରେ ସ୍ପଷ୍ଟ ହୋଇଛି।

## ଇଣ୍ଡିଗୋ ବିମାନର ଜରୁରୀ ଅବତରଣ



ରାଜକୋଟ, ୨୭।୭(ଏଜେନ୍ସି): ଦୁବାଇରୁ ମୁମ୍ବାଇ ଆସୁଥିବା ଇଣ୍ଡିଗୋର ଏକ ଯାତ୍ରୀବାହୀ ବିମାନରେ ହଠାତ୍ ଧୂଆଁ ଦେଖାଯିବା ପରେ ସୋମବାର ରାଜକୋଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ (ଇମର୍ଜେନ୍ସି ଲ୍ୟାଣ୍ଡିଂ) କରାଯାଇଛି। ଉଡ଼ାଣ ସମୟରେ ବିମାନର ପାଇଲଟ୍ ଧୂଆଁ ଦେଖିବାକୁ ପାଇଥିଲେ ଏବଂ ତୁରନ୍ତ ରାଜକୋଟ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ସମ୍ପର୍କ କରି ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ। ସୂଚନା ପାଇବା ମାତ୍ରେ ସୁରକ୍ଷା ଦୃଷ୍ଟିରୁ ବିମାନବନ୍ଦରରେ ପୁଲିସ, ନିଆଁଲିଭା ବାହିନୀ ଏବଂ ଆମ୍ବୁଲାନ୍ସକୁ ସଜାଗ ରଖାଯାଇଥିଲା। ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀଙ୍କୁ କୌଣସି କ୍ଷତି ନପହଞ୍ଚାଇ ନିରାପଦରେ ବାହାରକୁ ବାହାର କରାଯାଇଛି। ରାଜକୋଟ ପୁଲିସ କମିଶନରଙ୍କ ସୂଚନା ଅନୁସାରେ, ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ଭୟଭୀତ ହେବାର କୌଣସି କାରଣ ନାହିଁ। ଗତ କିଛି ମାସ ମଧ୍ୟରେ ଇଣ୍ଡିଗୋ ବିମାନରେ ଏହା ଦ୍ୱିତୀୟ ଜରୁରୀକାଳୀନ ଘଟଣା। ଏହାପୂର୍ବରୁ ମେ' ମାସରେ ହାଇଦ୍ରାବାଦରୁ ଚଣ୍ଡୀଗଡ଼ ଯାଉଥିବା ଏକ ବିମାନରେ ଯାତ୍ରୀଙ୍କ ପାୱାର ବ୍ୟାଙ୍କ ଫାଟିଯିବାରୁ ଧୂଆଁ ବ୍ୟାପିଯାଇଥିଲା ଏବଂ ଜରୁରୀକାଳୀନ ସ୍ଥିତିରେ ଯାତ୍ରୀଙ୍କୁ ଓହ୍ଲାଯାଇଥିଲା।

## ନିଟ୍ ପରୀକ୍ଷାରେ ବିଫଳ ଛାତ୍ରୀଙ୍କ ଆତ୍ମହତ୍ୟା

ଅହଲ୍ୟାନଗର, ୨୭।୭(ଏଜେନ୍ସି): ମହାରାଷ୍ଟ୍ରର ଅହଲ୍ୟାନଗର ଜିଲ୍ଲାର ଜଣେ ୧୯ ବର୍ଷୀୟା ନିଟ୍ ପରୀକ୍ଷାର୍ଥୀ ପୁନଃପରୀକ୍ଷାରେ ଆଶାନୁରୂପ ଫଳ ନ ପାଇ ମାନସିକ ଅବସାଦରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ସୂଚନା ଅନୁଯାୟୀ, ଛାତ୍ରୀଙ୍କ ସ୍ୱପ୍ନ ଥିଲା ଡାକ୍ତର ହେବା। ପ୍ରଥମ ପରୀକ୍ଷାରେ ଭଲ ନମ୍ବର ପାଇଥିଲେ ମଧ୍ୟ ପୁନଃପରୀକ୍ଷାରେ ସେ କେବଳ ୧୬୬ ନମ୍ବର ପାଇଥିଲେ ଏବଂ ଯୋଗ୍ୟତା ନମ୍ବରଠାରୁ ଏଗାର ନମ୍ବର କମ୍ ରହିଯାଇଥିଲେ। ଏହା ପରେ ସେ ଗଭୀର ମାନସିକ ଚାପରେ ଥିଲେ। ଘଟଣାସ୍ଥଳରୁ ଏକ ଚିଠି ମିଳିଥିବାବେଳେ ସେଥିରେ ପରିବାରକୁ ନିଜ ମୃତ୍ୟୁ ପାଇଁ ଦାୟୀ ନ କରିବାକୁ ଅନୁରୋଧ କରିଥିବା ସହ ନିଜ ସ୍ୱପ୍ନ ପୂରଣ କରିପାରିନଥିବାର ଦୁଃଖ ପ୍ରକାଶ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପୁଣିଥରେ ପ୍ରତିଯୋଗିତାମୂଳକ ପରୀକ୍ଷାକୁ କେନ୍ଦ୍ର କରି ଛାତ୍ରଛାତ୍ରୀଙ୍କ ମାନସିକ ଚାପ ଏବଂ ସେମାନଙ୍କୁ ସମୟୋପଯୋଗୀ ମାନସିକ ସହାୟତାର ଆବଶ୍ୟକତାକୁ ସାମ୍ନାକୁ ଆଣିଛି।

## ହସ୍ପିଟାଲରୁ ବାହାରିଲେ ୱାଙ୍ଗଚୁକ୍



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ ଆମରଣ ଅନଶନରେ ବସିଥିବା ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ସୁସ୍ଥ ହୋଇ ଗୁରୁଗ୍ରାମର ମେଦାନ୍ତା ଡାକ୍ତରଖାନାରୁ ଫେରିଛନ୍ତି। ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ସେ ପ୍ରଥମେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଏବଂ ଏହାପରେ ନିଜ ନିବାସ ଲଦାଖକୁ ଫେରିଯିବେ ବୋଲି ଜଣାଇଛନ୍ତି। ଗତ ଜୁନ୍ ୨୮ ତାରିଖରୁ ଯନ୍ତର ମନ୍ତରଠାରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ସହ ମିଶି ଅନଶନ ଆରମ୍ଭ କରିଥିବା ୫୯ ବର୍ଷୀୟ ୱାଙ୍ଗଚୁକ୍ ଦୀର୍ଘ ୨୬ ଦିନ ପରେ ଜୁଲାଇ ୨୩ ତାରିଖରେ ନିଜର ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ସରକାର ଆନ୍ଦୋଳନକାରୀ ଛାତ୍ରମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବଂ ପ୍ରାଣ ହରାଇଥିବା ଛାତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଅଶ୍ୱାସନା ଦେବା ପରେ ସେ ଅନଶନ ଭାଙ୍ଗିଥିଲେ। ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ। ୱାଙ୍ଗଚୁକ୍ ଏହି ଇସ୍ତଫାକୁ 'ଶାନ୍ତି, ଧୈର୍ଯ୍ୟ ଓ ନିଷ୍ଠାର ବିଜୟ' ବୋଲି ଆଖ୍ୟା ଦେଇଛନ୍ତି। ସେ ଦେଶବ୍ୟାପୀ ସମର୍ଥନ ଦେଇଥିବା ସମସ୍ତ ନାଗରିକ ଏବଂ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍‌କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

## ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ପାଲଟୁଛି ଭାରତ

### ବିଦେଶୀ ରୋଗୀ ସଂଖ୍ୟା ସାଢ଼େ ୪ ଗୁଣା ବୃଦ୍ଧି



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ସୁଲଭ, ଉନ୍ନତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ଯୋଗୁଁ ଭାରତ ବିଶ୍ୱର ଏକ ପ୍ରମୁଖ ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହେଉଛି। ଗତ ୧୬ ବର୍ଷରେ ବିଦେଶୀ ରୋଗୀଙ୍କ ସଂଖ୍ୟା ପ୍ରାୟ ସାଢେ ୪ ଗୁଣା ବୃଦ୍ଧି ପାଇଥିବାବେଳେ ଆସନ୍ତା ୫ ବର୍ଷରେ ଏହି କ୍ଷେତ୍ରର ବଜାର ମୂଲ୍ୟ ପ୍ରାୟ ୧.୫୬ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ୨୦୦୯ରେ ପ୍ରାୟ ୧,୧୨,୦୦୦ ବିଦେଶୀ ରୋଗୀ ଭାରତକୁ ଚିକିତ୍ସା ପାଇଁ ଆସିଥିବାବେଳେ ୨୦୨୫ରେ ଏହି ସଂଖ୍ୟା ୫,୦୭,୦୦୦ରେ ପହଞ୍ଚିଛି। ବାଂଲାଦେଶ, ଇରାକ, ଉଜବେକିସ୍ତାନ, ସୋମାଲିଆ, ଓମାନ ଓ କେନିଆରୁ ସର୍ବାଧିକ ରୋଗୀ ଭାରତକୁ ଆସୁଛନ୍ତି। ଶୀଘ୍ର ବିଶେଷଜ୍ଞ ଚିକିତ୍ସକଙ୍କ ପରାମର୍ଶ, ଦ୍ରୁତ ପରୀକ୍ଷା ରିପୋର୍ଟ, ସ୍ୱଚ୍ଛ ଚିକିତ୍ସା ଖର୍ଚ୍ଚ ଏବଂ ଉନ୍ନତ ଘରୋଇ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଏହି ବୃଦ୍ଧିର ପ୍ରମୁଖ କାରଣ। ଦେଶରେ ପ୍ରାୟ ୬୯,୦୦୦ରୁ ଅଧିକ ହସ୍ପିଟାଲ, ୧୨ ଲକ୍ଷରୁ ଅଧିକ ପଞ୍ଜୀକୃତ ଡାକ୍ତର ଏବଂ ୧,୨୦୦ରୁ ଅଧିକ ସ୍ୱୀକୃତିପ୍ରାପ୍ତ ହସ୍ପିଟାଲ ରହିଛି। ବିଦେଶୀ ରୋଗୀଙ୍କ ସୁବିଧା ପାଇଁ ୧୭୨ଟି ଦେଶର ନାଗରିକଙ୍କୁ ବୈଦ୍ୟୁତିକ ଚିକିତ୍ସା ଭିସା ସହ ଆୟୁର୍ବେଦ, ଯୋଗ, ୟୁନାନୀ ଓ ହୋମିଓପାଥି ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭିସା ବ୍ୟବସ୍ଥା ମଧ୍ୟ କରାଯାଇଛି। ଉନ୍ନତ ଚିକିତ୍ସା ସେବା, କମ୍ ଖର୍ଚ୍ଚ, ଆଧୁନିକ ଭିତ୍ତିଭୂମି ଏବଂ ସହଜ ଭିସା ବ୍ୟବସ୍ଥା ଯୋଗୁଁ ବିଶ୍ୱ ଚିକିତ୍ସା ପର୍ଯ୍ୟଟନ କ୍ଷେତ୍ରରେ ଭାରତର ସ୍ଥିତି ଆହୁରି ସୁଦୃଢ଼ ହେଉଛି। ଆଗାମୀ ବର୍ଷଗୁଡ଼ିକରେ ଏହି କ୍ଷେତ୍ର ଦେଶର ଅର୍ଥନୀତି ଓ ସ୍ୱାସ୍ଥ୍ୟସେବା ବିକାଶରେ ବଡ଼ ଅବଦାନ ରଖିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ଆନ୍ଦୋଳନକାରୀ ଛାତ୍ରଙ୍କୁ ଏକେ-୪୭ରୁ ଗୁଳି



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ବିହାରରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତା ବିରୋଧରେ ଚାଲିଥିବା ବିକ୍ଷୋଭ ସମୟରେ ଆନ୍ଦୋଳନରତ ଛାତ୍ରମାନଙ୍କ ଉପରକୁ ଏକେ-୪୭ ରାଇଫଲରୁ ଗୁଳି ଚଳାଇଥିବା ପୁଲିସ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ଏହି ଆକ୍ରମଣର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ପ୍ରଶାସନ ପକ୍ଷରୁ ଏ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହିତ ଏହି ସମ୍ବେଦନଶୀଳ

### ପୁଲିସ କର୍ମଚାରୀ ନିଲମ୍ବିତ, ସୁପ୍ରିମ୍‌କୋର୍ଟରେ ମାମଲା

ଘଟଣାକୁ ନେଇ ରାଜ୍ୟସଭା ସାଂସଦ ମନୋଜ କୁମାର ଝା ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଛନ୍ତି। ଜୁଲାଇ ୨୫ ତାରିଖରେ ନିଟ୍ ପରୀକ୍ଷା ଅନିୟମିତତା ପ୍ରତିବାଦରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ 'ବିହାର ବନ୍ଦ' ଡାକରା ଦିଆଯାଇଥିଲା। ଏହି ସମୟରେ ଜିଲ୍ଲା ଗୋଇନ୍ଦା ଶାଖାରେ କାର୍ଯ୍ୟରତ କନଷ୍ଟେବଲ ଅଭିଷେକ ପଟେଲ ନୀଳ ରଙ୍ଗର ହେଲମେଟ୍ ଓ ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ଛାତ୍ରଙ୍କ ଆଡ଼କୁ ଦୌଡ଼ି ଯାଇ ଏକେ-୪୭ ରାଇଫଲରୁ ଗୁଳି ଚଳାଉଥିବାର ଭିଡିଓରେ ସ୍ପଷ୍ଟ ଦେଖାଯାଇଛି। ଭିଡିଓରେ ଗୋଟିଏ ଶବ୍ଦ ଶୁଣାଯାଉଥିଲେ ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ମତରେ ପ୍ରାୟ ୪ ରୁ ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ସିୱାନ ଜିଲ୍ଲାରେ ଗୁଳିମାଡ଼ ଯୋଗୁଁ ୩ ଜଣ ପ୍ରଦର୍ଶନକାରୀ ଆହତ ହୋଇଥିବା ଖବର ମିଳିଛି। ସେମାନଙ୍କ ମଧ୍ୟରେ ୧୫ ବର୍ଷୀୟ ମହମ୍ମଦ ଆରିଫ୍ ଅଛନ୍ତି, ଯାହାଙ୍କ ବେକରେ ଗୁଳି ବାଜିଥିଲା। ପାଟଣାର ମେଦାନ୍ତ ହସ୍ପିଟାଲରେ ତାଙ୍କର ସଫଳ ଅସ୍ତ୍ରୋପଚାର କରାଯାଇ ଗୁଳି ବାହାର କରାଯାଇଛି ଓ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି। ତେବେ ସିୱାନ ପୁଲିସ ଅଧୀକ୍ଷକ ପୂରଣ କୁମାର ଝା ସମ୍ପୃକ୍ତ କନଷ୍ଟେବଲଙ୍କୁ ନିଲମ୍ବିତ କରିଥିବା ସ୍ୱୀକାର କରିଛନ୍ତି, ମାତ୍ର ଗୁଳିମାଡ଼ରେ କେହି ଆହତ ହୋଇନଥିବା ଦାବି କରିଛନ୍ତି। ସେ କହିଛନ୍ତି ଯେ ପ୍ରଦର୍ଶନ ସମୟରେ ଗୁଳି ନ ଚଳାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା, ତେଣୁ ଏହି ବିଚ୍ୟୁତିର ପୂର୍ଣ୍ଣାଙ୍ଗ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି। ବିହାରର ବିରୋଧୀ ଦଳ ନେତା ଏହି ଘଟଣାର ଭିଡିଓ ପୋଷ୍ଟ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଲୋକସଭା ବିରୋଧୀ ଦଳ ନେତା କହିଛନ୍ତି ଯେ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପେଲେଟ୍ ଗନ୍ ଓ ବିହାରରେ ଏକେ-୪୭ ବ୍ୟବହାର କରାଯିବା ନିନ୍ଦନୀୟ। ରାଜ୍ୟସଭା ସାଂସଦ ସୁପ୍ରିମ୍ କୋର୍ଟରେ ପିଆଇଏଲ୍ ଦାଖଲ କରି ନିରପେକ୍ଷ ତଦନ୍ତ ପାଇଁ ନିବେଦନ କରିଛନ୍ତି। ଶାନ୍ତିପୂର୍ଣ୍ଣ ଅନ୍ଦୋଳନ ସମୟରେ ପୁଲିସ ବଳର ଏପରି ଅତ୍ୟାଧୁନିକ ମାରାତ୍ମକ ଅସ୍ତ୍ର ବ୍ୟବହାର ପ୍ରଶାସନିକ ସୁରକ୍ଷା ନିୟମାବଳୀ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ବିଭାଗ ପକ୍ଷରୁ ଚାଲିଥିବା ବିଭାଗୀୟ ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଛାତ୍ର ଆନ୍ଦୋଳନରେ ଆରଏଏଫ୍ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବ ସିଆରପିଏଫ୍

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଛାତ୍ର ଆନ୍ଦୋଳନ ସମୟରେ ରାପିଡ୍ ଆକ୍ସନ୍ ଫୋର୍ସ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଏକ ବୃତ୍ତିଗତ ସମୀକ୍ଷା କରାଯିବ ବୋଲି କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ମହାନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ପ୍ରତାପ ସିଂହ ସୂଚନା ଦେଇଛନ୍ତି। ସିଆରପିଏଫ୍ ମହାନିର୍ଦ୍ଦେଶକଙ୍କ କହିବା ଅନୁସାରେ, ଆନ୍ଦୋଳନ ଶେଷ ହେବା ଏବଂ ବିକ୍ଷୋଭକାରୀମାନେ ଛତ୍ରଭଙ୍ଗ ଦେବା ପରେ, ପ୍ରତ୍ୟେକ ବଡ଼ ଅପରେସନ୍ ଭଳି ଏହାର ମଧ୍ୟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯିବ। ଏହି ସମୀକ୍ଷା ପରେ ବଳର ମୁଖ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯିବ। ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦମାନେ ଏହାକୁ ବିରୋଧ କରିବା ସହ ଗୃହମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ସୋନମ ୱାଙ୍ଗଚୁକ୍‌ଙ୍କ ଭଳି ପ୍ରମୁଖ ବ୍ୟକ୍ତିଙ୍କ ସମର୍ଥନରେ ଚାଲିଥିବା ଏହି ଆନ୍ଦୋଳନ ସମୟରେ 'ସଂସଦ ଚାଲୋ' ଅଭିଯାନ ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ବିବାଦ ବୃଦ୍ଧି ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ ଏବଂ ପ୍ରହ୍ଲାଦ ଯୋଶୀ ଏହି ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି।

## କକ୍ରୋଚ୍ ଆନ୍ଦୋଳନ ଉପରେ କଙ୍ଗନାଙ୍କ ବିବାଦୀୟ ମନ୍ତବ୍ୟ



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାନାୱତ ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ହେଉଥିବା ପ୍ରତିବାଦକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ବିଶେଷ କରି ସେ କକ୍ରୋଚ୍ ପାର୍ଟି ନେତୃତ୍ୱରେ ଆନ୍ଦୋଳନର କିଛି ଭାଇରାଲ୍ ଭିଡିଓ ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। କଙ୍ଗନା ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ପ୍ରତିବାଦର ଭିଡିଓଗୁଡ଼ିକୁ 'ଅସୁନ୍ଦର' ଏବଂ 'ଅଶୋଭନୀୟ' ବୋଲି କହିଛନ୍ତି। ଜୀବନରେ କେବେ ହେଲେ ଗୋଟିଏ ସ୍ଥାନରେ ଏତେ ମାତ୍ରାରେ କଦର୍ଯ୍ୟ ଦୃଶ୍ୟ ସେ ଦେଖିନାହାଁନ୍ତି ବୋଲି କହିବା ସହ ପ୍ରତିବାଦକାରୀଙ୍କ ଭାଷା ଏବଂ ବ୍ୟବହାରକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସେ ସିଜେପି ସଦସ୍ୟମାନେ ବାସ୍ତବରେ ଅସରପା ଭଳି ବ୍ୟବହାର କରୁଥିବା ସେ କହିଛନ୍ତି। ଏହି ଭିଡିଓଗୁଡ଼ିକର ଖରାପ ପ୍ରଭାବରେ ସେ 'ଡିଜିଟାଲ୍ ଡିଟକ୍ସ'ର ଆବଶ୍ୟକତା ଥିବା ପ୍ରକାଶ କରିଛନ୍ତି। ସଂସଦରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଆଗତ ହେବା ସମୟରେ ବିରୋଧୀଙ୍କ ହଟ୍ଟଗୋଳକୁ ମଧ୍ୟ କଙ୍ଗନା ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ଜାଣିଶୁଣି ଶିକ୍ଷା ସଂସ୍କାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଥିଲେ ଯେ, 'ଯେପର୍ଯ୍ୟନ୍ତ ବିରୋଧୀଙ୍କୁ କ୍ଷମତା ମିଳିନାହିଁ, ସେପର୍ଯ୍ୟନ୍ତ ସେମାନେ ସଂସଦ ଚଳାଇବାକୁ ଦେବେ ନାହିଁ ବୋଲି ସ୍ଥିର କରିଛନ୍ତି'। ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ବିରୋଧୀଙ୍କ ଉଦ୍ଦେଶ୍ୟ ହେଉଛି ଦେଶରେ କୌଣସି କାମ ନହେଉ, କାରଣ ସେମାନଙ୍କୁ ନିର୍ବାଚନରେ ଜନମତ ମିଳିନାହିଁ।

## ସଂସଦରେ ଧର୍ମେନ୍ଦ୍ରଙ୍କୁ ଏନ୍‌ଡିଏର ସମ୍ବର୍ଦ୍ଧନା

ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ଏବଂ ବ୍ୟାପକ ଛାତ୍ର ଆନ୍ଦୋଳନ ମଧ୍ୟରେ ଦୁଇ ଦିନ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନ ସୋମବାର ସଂସଦ ପରିସରରେ ପହଞ୍ଚିବା ପରେ ତାଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତାମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂସଦର ମକର ଦ୍ୱାର ନିକଟରେ ଶାସକ ଦଳର ସାଂସଦମାନେ ଏକାଠି ହୋଇ ତାଙ୍କୁ ପାଛୋଟି ନେବା ସହ ଏକ ପାରମ୍ପରିକ ଟୋପି ପିନ୍ଧାଇ ସମ୍ମାନିତ କରିଥିଲେ। ଗୋଟିଏ ପଟେ ଏନ୍‌ଡିଏ ନେତାମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରୁଥିବା ବେଳେ, ଅନ୍ୟପଟେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ନେତୃତ୍ୱରେ ବିରୋଧୀ ଦଳର ନେତାମାନେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ବିରୋଧରେ ପ୍ରତିବାଦ କରିଥିଲେ। ଧର୍ମେନ୍ଦ୍ରଙ୍କୁ ସମ୍ବର୍ଧନା ନେଇ କଂଗ୍ରେସ ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାକୁ ସେମାନେ ଭୁଲ ପରମ୍ପରା ବୋଲି କହିଛନ୍ତି।



### 'ମୁଁ ଜଣେ ଷ୍ଟ୍ରିଟ୍ ଫାଇଟର'

ସଂସଦ ଭବନରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏନ୍‌ଡିଏ ସାଂସଦମାନେ ବିପୁଳ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ସମୟେର କଂଗ୍ରେସ ସାଂସଦ ଜୟରାମ ରମେଶ ଧର୍ମେନ୍ଦ୍ରଙ୍କ ପାଖକୁ ଯାଇ 'ଏପରି ଘଟେ' ବୋଲି କହିଥିଲେ। ଏହାର ଜବାବ ଜବାବ ଦେଇ ଧର୍ମେନ୍ଦ୍ର କହିଥିଲେ , 'କିଛି ଘଟିନାହିଁ, ମୁଁ ଜଣେ ଷ୍ଟ୍ରିଟ୍ ଫାଇଟର, ଏସି ରୁମ୍‌ରେ ବସି କାମ କରୁଥିବା କର୍ମୀ ନୁହେଁ।'

## ୪୪ କୋଟି ନେବାପରେ ଛାଡ଼ିଲେ ଅପହର୍ତ୍ତା



ସୁରଟ, ୨୭।୭(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଅପହୃତ ହୋଇଥିବା ୭୫ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ହୀରା ଓ ସୁନା ବ୍ୟବସାୟୀ ଧୀରୁ ରମାଣୀ ଶେଷରେ ମୁକ୍ତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକଙ୍କୁ ୪ ନିୟୁତ ୟୁରୋ (ପ୍ରାୟ ୪୪ କୋଟି ଟଙ୍କା) ମୁକ୍ତିପଣ (ରାନସମ୍) ଦେବାକୁ ପଡ଼ିଛି। ଗୁଜରାଟର ଅମ୍‌ରେଲି ଜିଲ୍ଲାର ମୂଳ ବାସିନ୍ଦା ତଥା ସୁରଟର ହୀରା ବ୍ୟବସାୟ ସହ ଜଡ଼ିତ ରମାଣୀ ଗତ ଏପ୍ରିଲ୍ ମାସରେ ମାଲିରୁ ଅପହୃତ ହୋଇଥିଲେ। ସେଠାରେ ସେ ଏକ ସୁନା ଖାଦାନ କିଣିବା ସହ କିଛି ଦିନ ହେବ ରହୁଥିଲେ। ଅପହରଣକାରୀମାନେ ପ୍ରଥମେ ୧୦୦ କୋଟି ଟଙ୍କା ଦାବି କରିଥିଲେ ହେଁ ଆମେରିକାରେ ରହୁଥିବା ତାଙ୍କ ପରିବାର ଲୋକ ଆଲୋଚନା ମାଧ୍ୟମରେ ଏହି ଅର୍ଥରାଶିକୁ ୪୪ କୋଟି ଟଙ୍କାରେ ସୀମିତ ରଖିଥିଲେ। ଗତ ସପ୍ତାହରେ ମୁକ୍ତିପଣ ଦିଆଯିବା ପରେ ରମାଣୀଙ୍କୁ ଅପହରଣକାରୀମାନେ ଛାଡ଼ିଦେଇଛନ୍ତି। ତେବେ ସେ ବର୍ତ୍ତମାନ ସୁଦ୍ଧା ମାଲିରେ ଅଛନ୍ତି ଏବଂ ସ୍ଥାନୀୟ ପୁଲିସ ଅପହରଣ ଓ ମୁକ୍ତିର ସମ୍ପୂର୍ଣ୍ଣ ଘଟଣାବଳୀ ନେଇ ତାଙ୍କୁ ପଚରାଉଚୁରା କରୁଛି। ଏହି ଆଲୋଚନା ପ୍ରକ୍ରିୟାରେ ଭାରତ ସରକାରଙ୍କ କୌଣସି ଏଜେନ୍ସି ସାମିଲ ନଥିଲେ ଏବଂ ପରିବାର ନିଜ ସ୍ତରରେ ଏହାକୁ ସମାଧାନ କରିଛନ୍ତି। ଏପ୍ରିଲ ମାସରେ ସୁରକ୍ଷା ପରିସ୍ଥିତି ବିଗିଡ଼ିବା ପରେ ମାଲିସ୍ଥିତ ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରିଥିଲେ।

### ମାଲିରେ ଅପହୃତ ଭାରତୀୟ ହୀରା ବ୍ୟବସାୟୀ ମୁକ୍ତ

## ଶିକ୍ଷୟିତ୍ରୀଙ୍କ ନୃଶଂସତା: ପ୍ୟାଣ୍ଟରେ ପରିସ୍ରା କରିଦେବାରୁ ଶିଶୁର ଗୁପ୍ତାଙ୍ଗ ପୋଡ଼ିଦେଲେ

ବାରାଣସୀ, ୨୭।୭(ଏଜେନ୍ସି): ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ଏକ ପ୍ଲେ-ସ୍କୁଲ୍‌ରେ ଜଣେ ୫ ବର୍ଷର ଶିଶୁ ପ୍ୟାଣ୍ଟରେ ପରିସ୍ରା କରିଦେବାରୁ ଶିକ୍ଷୟିତ୍ରୀ ଜଣଙ୍କ ନିଆଁରେ ଗରମ ଛୁରି ସାହାଯ୍ୟରେ ତାଙ୍କ ଗୁପ୍ତାଙ୍ଗକୁ ପୋଡ଼ି ଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ପୁଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଗତ ୨୪ରେ 'ସିରିନ୍ ସୋନି ପ୍ଲେ ସ୍କୁଲ୍'ର ଏହି ଛାତ୍ରଜଣକ ଶୌଚାଳୟ ଯିବା ପାଇଁ ଶିକ୍ଷୟିତ୍ରୀଙ୍କୁ ଅନୁମତି ମାଗିଥିଲେ। ମାତ୍ର ଶିକ୍ଷୟିତ୍ରୀ ଅନୁମତି ନଦେବାରୁ ଶିଶୁଟି ନିୟନ୍ତ୍ରଣ ହରାଇ ପ୍ୟାଣ୍ଟରେ ପରିସ୍ରା କରିଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶିକ୍ଷୟିତ୍ରୀ ଜଣକ ଶିଶୁଟିକୁ ଅନ୍ୟ ଏକ କୋଠରୀକୁ ନେଇ ଗ୍ୟାସ୍ ଷ୍ଟୋଭ୍‌ରେ ଛୁରି ଗରମ କରି ତାଙ୍କ ଗୁପ୍ତାଙ୍ଗକୁ ପୋଡ଼ି ଦେଇଥିଲେ। ଏହାସହ ଏ ବିଷୟରେ କାହାକୁ ନ ଜଣାଇବା ପାଇଁ ଧମକ ମଧ୍ୟ ଦେଇଥିଲେ। ଶିଶୁଟି ଘରକୁ ଫେରି କାନ୍ଦି କାନ୍ଦି ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲା। ଏହାପରେ ଶିଶୁର ବାପା-ମା' ସ୍କୁଲ ପ୍ରଶାସନ ଓ ଅଧ୍ୟକ୍ଷାଙ୍କ ସହ ସମ୍ପର୍କ କରିଥିଲେ ମଧ୍ୟ ସେମାନେ ସହଯୋଗ କରିବା ପରିବର୍ତ୍ତ ଓଲଟି ଧମକ ଦେଇଥିବା ଅଭିଯୋଗ ହୋଇଛି। ଶିଶୁଟିର ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ ଅତୁଲ ସିଂହ ସୂଚନା ଦେଇଛନ୍ତି।

## ଦଶନ୍ଧିରେ ସର୍ବାଧିକ: ଭାରତରେ ୫ ହଜାରରୁ ଅଧିକ ଶିଶୁ ପୋଷ୍ୟ ସନ୍ତାନ ଗ୍ରହଣ



ନୂଆଦିଲ୍ଲୀ, ୨୭।୭(ଏଜେନ୍ସି): ଭାରତରେ ଗତ ଆର୍ଥିକ ବର୍ଷରେ (ଏପ୍ରିଲ୍ ୨୦୨୫ ରୁ ମାର୍ଚ୍ଚ ୨୦୨୬) ୫, ୦୨୨ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଏହା ସର୍ବାଧିକ ବୋଲି କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ପଦ ପ୍ରାଧିକରଣ (ସିଏଆର୍‌ଏ ବା କାରା) ପକ୍ଷରୁ ସୂଚନା ଦିଆଯାଇଛି। ମୋଟ ୫, ୦୨୨ ଶିଶୁଙ୍କ ମଧ୍ୟରୁ ୪, ୬୦୩ ଜଣଙ୍କୁ ଦେଶ ଭିତରେ ଏବଂ ୪୧୯ ଜଣଙ୍କୁ ବିଦେଶୀ ନାଗରିକଙ୍କ ଦ୍ୱାରା ଆଇନଗତ ଭାବେ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଛି। ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ୪,୫୧୫ ଥିଲା। ମୋଟ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ଶିଶୁଙ୍କ ମଧ୍ୟରେ ୨,୭୫୬ ଜଣ ଝିଅ, ୨, ୨୬୩ ଜଣ ପୁଅ ଏବଂ ୩ ଜଣ ଅନ୍ୟ ବର୍ଗର ଅଟନ୍ତି। ଝିଅମାନଙ୍କୁ ଆପଣାଇବା ହାରରେ ୮ ପ୍ରତିଶତ ବୃଦ୍ଧି ଘଟିଛି। ଏହାସହ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା (ଦିବ୍ୟାଙ୍ଗ) ୩୯୨ ଜଣ ଶିଶୁଙ୍କୁ ମଧ୍ୟ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ସେହିପରି ଆତ୍ମୀୟଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି। କାରାସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବନା ସାକ୍‌ସେନାଙ୍କ ଅନୁସାରେ, ନିୟମିତ ତଦାରଖ, ଶିଶୁ ମଙ୍ଗଳ ସମିତିର ସକ୍ରିୟତା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁଁ ଏହି ସଫଳତା ମିଳିପାରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୬ ହଜାର ପରିବାର ଶିଶୁ ଦତ୍ତକ ଗ୍ରହଣ ପାଇଁ ଆବେଦନ କରି ଅପେକ୍ଷା କରିଛନ୍ତି। ଶିଶୁମାନଙ୍କୁ ଶୀଘ୍ର ଆଇନଗତ ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ପରିବାର ଯୋଗାଇଦେବା ପାଇଁ ଅଧିକ ସଂଖ୍ୟକ ନୂତନ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ଏବଂ ଶିଶୁ ମଙ୍ଗଳ ସମିତି ଗଠନ କରାଯାଇଛି। ଏହି ସଫଳତା ସମାଜର ମାନସିକତାରେ ଆସୁଥିବା ସକାରାତ୍ମକ ପରିବର୍ତ୍ତନକୁ ଦର୍ଶାଉଛି।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ଫାଇନାଲରେ ମୁରଲୀ, ଲୋକେଶ ଓ ତେଜସ୍

ଗ୍ଲାସ୍‌ଗୋ,୨୭।୭ (ଏଜେନ୍ସି)

ଏଠାରେ ଚାଲିଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟଙ୍କ ପ୍ରଦର୍ଶନରେ ସୁଧାର ଆସିଛି। ଭାରୋତ୍ତୋଳନକାରୀମାନେ ପ୍ରଥମେ ପଦକ ଜିତିବା ପରେ ଏବେ ଆଥଲେଟଙ୍କ ପାଳି ଆସିଛି। ଆଥଲେଟିକ୍ସର ପ୍ରଥମ ଦିନରେ ୩ଜଣ ଆଥ୍‌ଲେଟ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୨୦୨୨ ରୌପ୍ୟ ବିଜେତା ମୁରଲୀ ଶ୍ରୀଶଙ୍କର, ଲୋକେଶ ସତ୍ୟନାଥାନ ଓ ତେଜସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ସନ୍ତରଣରେ ସାଜନ ପ୍ରକାଶ ୨୦୦ ମିଟର ବଟରଫ୍ଲାଇ ଇଭେଣ୍ଟର ଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ମଙ୍ଗଳବାର ୭ଟି ଇଭେଣ୍ଟରେ ଫାଇନାଲ ମୁକାବିଲା ହେବ। ଏଥିରେ ଭାରତକୁ ଅଧିକ ପଦକ ମିଳିବାର ସମ୍ଭାବନା ରହିଛି। ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍‌ସରେ ଫାଇନାଲରେ ପ୍ରବେଶ କରିଥିବା ପ୍ରତିଷ୍ଠା ସାମନ୍ତ ପଦକ ଜିତିବାରେ ବିଫଳ ହୋଇଛନ୍ତି।


ଜ୍ଞାନେଶ୍ୱରୀ ଓ ବିନ୍ଦ୍ୟାରାଣୀ

## ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ, ବିନ୍ଦ୍ୟାରାଣୀଙ୍କୁ କାଂସ୍ୟ

ଗ୍ଲାସଗୋରେ ଭାରତୀୟ ଭାରୋତ୍ତୋଳକଙ୍କ ପଦକ ବିଜୟଧାରା ଜାରି ରହିଛି। ସୋମବାର ପ୍ରତିଯୋଗିତାର ୪ର୍ଥ ଦିବସରେ ଭାରତୀୟ ଭାରୋତ୍ତୋଳିକା ଆଉ ୨ଟି ପଦକ ବିଜୟୀ ହୋଇଛନ୍ତି। ମହିଳା ୫୩ କିଗ୍ରା ବିଭାଗରେ ଜ୍ଞାନେଶ୍ୱରୀ ଯାଦବ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ୫୮ କିଗ୍ରାରେ ବିନ୍ଦ୍ୟାରାଣୀ ଦେବୀ ସୋରୋଖାଇବାମ କାଂସ୍ୟ ପଦକ ହାସଲ କରିଛନ୍ତି। ଜ୍ଞାନେଶ୍ୱରୀ ନିଜ ବିଭାଗରେ ମୋଟ୍ ୧୯୯ କିଗ୍ରା ଭାର ଉଠାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେ ସ୍ନାଚରେ ୮୮ ଓ କ୍ଲିନ ଆଣ୍ଡ ଜର୍କରେ ୧୧୧ କିଗ୍ରା ଭାର ଉଠାଇଥିଲେ। ଏହି ଇଭେଣ୍ଟରେ ନାଇଜେରୀୟ ପ୍ରତିଯୋଗୀ ଦିଧି ୨୦୬ କିଗ୍ରା ଉଠାଇ ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ସେହିଭଳି ମଣିପୁରର ବିନ୍ଦ୍ୟାରାଣୀ ମୋଟ୍ ୧୯୯ କିଗ୍ରା ଭାର ଉତ୍ତୋଳନ କରିଥିଲେ। ସେ ସ୍ନାଚରେ ୮୭ ଓ କ୍ଲିନ ଆଣ୍ଡ ଜର୍କରେ ୧୧୨ କିଗ୍ରା ଓଜନ ସଫଳତାର ସହ ଉଠାଇଥିଲେ। ଏଥିରେ ନାଇଜେରିଆର ରାଫିଆତୁ ଫୋଲାସାଡେ ଗେମ ରେକର୍ଡ ସହ ୨୨୯ କିଗ୍ରା ଉଠାଇ ସ୍ୱର୍ଣ୍ଣ ଓ କାନାଡାର ଆନ ସୋଫି (୨୧୫ କିଗ୍ରା)ଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାରତ ଜିତିଥିବା ସମସ୍ତ ୬ଟି (ସ୍ୱର୍ଣ୍ଣ-୧, ରୌପ୍ୟ- ୩ ଓ କାଂସ୍ୟ- ୨) ଯାକ ପଦକ ଭାରୋତ୍ତୋଳନରୁ ଆସିଛି।

### ■ ଲଙ୍ଗ୍‌ଜମ୍ପରେ ମୁରଲୀ ଓ ଲୋକେଶ

ପୁରୁଷ ଲଙ୍ଗ୍ ଜମ୍ପରେ ଭାରତରୁ ମୁରଲୀ ଓ ଲୋକେଶ ଅଂଶଗ୍ରହଣ କରିଥିଲେ। ମୁରଲୀ ପ୍ରଥମ ପ୍ରଚେଷ୍ଟାରେ ୮.୦୧ ମିଟର ଦୂରତାକୁ ଡେଇଁ ଫାଇନାଲ ମାର୍କ ଅତିକ୍ରମ କରିଥିଲେ। ଗତଥର ସେ ୮ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏଥର ଏହାକୁ ସ୍ୱର୍ଣ୍ଣ ପଦକରେ ପରିଣତ କରିବାକୁ ଆଶାୟୀ ଥିବା ମୁରଲୀଙ୍କୁ ମାଲେସିଆ ପ୍ରତିଯୋଗୀଙ୍କ ସହ କଡ଼ା ମୁକାବିଲା କରିବାକୁ ପଡ଼ିବ। ସେହିପରି ପ୍ରଥମଥର ଅଂଶଗ୍ରହଣ କରିଥିବା ଲୋକେଶ ସର୍ବାଧିକ ୭.୭୭ ମିଟର ଦୂରତାକୁ ଡେଇଁଥିଲେ। ଏହା କ୍ୱାଲିଫାଇଂ ମାର୍କକୁ ଅତିକ୍ରମ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଫାଇନାଲରେ ପ୍ରବେଶ କରିଥିଲେ। ସେ ଏକାଦଶ ସ୍ଥାନରେ ରହିଥିଲେ। ବୁଧବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ।

### ■ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ତେଜସ୍

ଭାରତର ଆଉଜଣେ ଆଥଲେଟ୍ ତେଜସ୍ ଶୀର୍ଷେ ପୁରୁଷ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ହିଟ୍-୧ରେ ୧୩.୭୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟେକ ହିଟ୍ସର ୩ଜଣ ଲେଖାଏଁ ଆଥଲେଟ ଫାଇନାଲକୁ ଯିବାର ନିୟମ ରହିଥିବାରୁ ତେଜାସ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କ ହିଟ୍-୧ରେ ଇଂଲଣ୍ଡର ସାମ୍ ବେନେଟ୍ ୧୩.୨୦ ଓ ଜାମାଇକାର ଜେରୋମ କ୍ୟାମ୍ପବେଲ ୧୩.୩୩ ସେକେଣ୍ଡ ସମୟରେ ରେସ୍ ପୂରଣ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

### ■ ଗୋଟିଏ ବାଉଟ୍ ଜିତିଲେ କାଂସ୍ୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂରେ ଭାରତର ଦୁଇ ପ୍ରତିଯୋଗୀ ଅଙ୍କୁଶ ପାଙ୍ଘଲ ଓ ସଚିନ ସିୱାଚ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନେ ଯଦି କ୍ୱାର୍ଟର ଫାଇନାଲରେ ବିଜୟୀ ହୁଅନ୍ତି, ତେବେ ପଦକ ଜିତିବା ପକ୍କା କରିବେ। ପୁରୁଷ ୮୦ କେଜି ପ୍ରି-କ୍ୱାର୍ଟରରେ ଅଙ୍କୁଶ ୫-୦ରେ ଆଣ୍ଟିଗୁଆର ଜଲାନ ଜାନ୍‌ଙ୍କୁ ହରାଇଥିଲେ। ସେହିପରି ପୁରୁଷ ୬୦ କେଜିରେ ସଚିନ ଇଂଲଣ୍ଡର ୱିଲିୟମ ହେୱିଟଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

### ■ ଗୁରିନ୍ଦରବୀର ହିଟ୍‌ସରୁ ବାଦ୍

ପୁରୁଷ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସେ ୧୦.୩୯ ସେକେଣ୍ଡରେ ରେସ୍ ପୂରଣ କରିଥିଲେ। ଫଳରେ ଏହି ପ୍ରତିଯୋଗିତାରେ ପ୍ରଥମ ୧୭ଜଣଙ୍କ ମଧ୍ୟରେ ସ୍ଥାନ ନ ପାଇ ବିଦାୟ ନେଇଥିଲେ। ଏହି ଦୂରତାକୁ ସେ ପୂର୍ବରୁ ୧୦.୦୯ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଠାରେ ସେ ତାଙ୍କ ପୂର୍ବ ପ୍ରଦର୍ଶନ ଦୋହରାଇବାରେ ବିଫଳ ହୋଇଥିଲେ।

### ■ ସାଜନଙ୍କ ଶ୍ରେଷ୍ଠ ଟାଇମିଂ

ପୁରୁଷ ୨୦୦ ମିଟର ବଟରଫ୍ଲାଇ ସନ୍ତରଣରେ ଭାରତର ସାଜନ ପ୍ରକାଶ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସନ୍ତରଣ ରେସ୍ ଆରମ୍ଭ ହେବା ମାତ୍ରେ ପ୍ରଥମ ୫୦ ମିଟରରେ ଚତୁର୍ଥ ସ୍ଥାନରେ ରହିଥିଲେ। ୧୦୦ ମିଟର ବେଳକୁ ସମସ୍ତଙ୍କୁ ପଛରେ ପକାଇ ସାଜନ ଆଗକୁ ଚାଲିଯାଇଥିଲେ। ଏହି ସମୟରେ ଇଂଲଣ୍ଡର ଡନ୍‌କାନ ସ୍କଟ ତାଙ୍କୁ ଅତିକ୍ରମ କରିଯାଇଥିଲେ। ଏହାସତ୍ତ୍ୱେ ସାଜନ ୧ ମିନିଟ୍ ୫୮.୫୯ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରି ପ୍ରଥମ ୮ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଫଳରେ ସେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱାତିକ ପାଟିଲ ୧ ମିନିଟ୍ ୧୫.୮୫ ସେକେଣ୍ଡ ସମୟ ନେଇ ହିଟ୍-୨'ରେ ଚତୁର୍ଥ ସ୍ଥାନ ଅଧିକାର କରିବା ସହ ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି।

## ଝାଣ୍ଟୁଙ୍କୁ ୧୦ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ଖାତା ପାଇଁ ପ୍ରଥମ ପଦକ ଜିତିଥିବା ଝାଣ୍ଟୁ କୁମାରଙ୍କୁ ସୋମବାର କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ନଗଦ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଝାଣ୍ଟୁଙ୍କୁ ପ୍ରଦାନ କରିଛନ୍ତି। ଝାଣ୍ଟୁ ସ୍କଟଲାଣ୍ଡରୁ ସ୍ୱଦେଶ ଦେଶ ଫେରିବା ପରେ କ୍ରୀଡ଼ାମନ୍ତ୍ରୀଙ୍କ ବାସଭବନରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ପାରା-ଶକ୍ତିଉତ୍ତୋଳନର ପୁରୁଷ ହେଭିୱେଟ୍ ବର୍ଗରେ ଝାଣ୍ଟୁ ୧୯୦ କିଲୋଗ୍ରାମର ଭାର ଉଠାଇ କାଂସ୍ୟ ଜିତିଥିଲେ।

## ପାଣ୍ଡ୍ୟାଙ୍କ ବଦଳରେ ୨ ଖେଳାଳି ଓ ୧୦ କୋଟି ଦେବ ସିଏସ୍‌କେ

**ଆଇପିଏଲ୍ ଖେଳାଳି ଡିଲ୍**

ଚେନ୍ନାଇ, ୨୭।୭ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସିଜନ ପୂର୍ବରୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏକ ବଡ଼ ଖେଳାଳି ଡିଲ୍ ହେବାକୁଯାଉଛି। ଯେଉଁଥିରେ ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଛାଡ଼ି ସିଏସକେରେ ଯୋଗଦେବା ଚର୍ଚ୍ଚା ଜୋର୍ ଧରିଛି। ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକଙ୍କୁ ତାଙ୍କ ଦଳକୁ ଆଣିବା ପାଇଁ ସିଏସକେ ସିଇଓ କାଶୀ ବିଶ୍ୱନାଥନ୍ ଜୋରଦାର ପ୍ରୟାସ କରୁଛନ୍ତି। ଡିଲ୍ ଅନୁଯାୟୀ ମୁମ୍ବାଇ ପାଣ୍ଡ୍ୟାଙ୍କ ବଦଳରେ ସିଏସକେ'ରୁ ଶିବମ୍ ଦୁବେ ଏବଂ ଆୟୁଷ ମହାତ୍ରେଙ୍କୁ ଦାବି କରିଥିଲା। ସିଏସକେ ଦୁବେଙ୍କୁ ଛାଡ଼ିବାକୁ ଇଚ୍ଛୁକ ରହିଛି, କିନ୍ତୁ ଓପନର ଆୟୁଷଙ୍କୁ ମୁକ୍ତ କରିବାକୁ ରାଜି ନାହିଁ। ଆୟୁଷଙ୍କ ସ୍ଥାନରେ ସିଏସକେ ଡେୱାଲ୍ଡ ବ୍ରେଭିସ୍‌ଙ୍କୁ ମୁମ୍ବାଇ ପଠାଇବାକୁ ପ୍ରସ୍ତାବ ଦେଇଛି। କେବଳ ଏତିକି ନୁହେଁ, ସିଏସକେ ଦୁବେ ଓ ବ୍ରେଭିସ୍‌ଙ୍କ ସହ ଅତିରିକ୍ତ ୧୦ କୋଟି ଦେବାକୁ ମଧ୍ୟ ପ୍ରସ୍ତୁତ ରହିଛି।

## ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ

ତ୍ରିନିଦାଦ, ୨୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୱେଷ୍ଟଇଣ୍ଡିଜର ୩୧୧ ରନ ଜବାବରେ ପାକିସ୍ତାନ ସୋମବାର ତୃତୀୟ ଦିବସରେ ୨୮୨ ରନରେ ସୀମିତ ରହି ପାଳି ପଛୁଆ ହୋଇଛି। ସାନ ମାସୁଦ ସର୍ବାଧିକ ୧୦୯ ରନ କରିଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଇମାମ-ଉଲ୍-ହକ ୬୩, ଅଧିନାୟକ ବାବର ଆଜମ ୨୩, ସଲମନ ଆଘା ୨୦ ଓ ଓପନର୍ ଆୱେସ ଖାତା ଖୋଲିପାରି ନ ଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜଷ୍ଟିନ ଗ୍ରେଭେସ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଏକଦା ୩ ୱିକେଟରେ ୨୪୩ ରନ କରିଥିବା ପାକିସ୍ତାନ ଶେଷ ୭ ୱିକେଟ୍ ୩୯ ରନରେ ହରାଇଥିଲା।

## ଲଳିତ ଓ ଆୟୁଷ୍ମାନ ଆଗୁଆ

ଭୁବନେଶ୍ୱର,୨୭।୭ (ସମିସ): ପୁରୀର ୧୫ ବର୍ଷରୁ କମ୍ ଖେଳାଳି ଆୟୁଷ୍ମାନ ମହାନ୍ତି କିଟ୍ କ୍ୟାମ୍ପସରେ ଚାଲିଥିବା ରାଜ୍ୟ ସିନିଅର ଚେସରେ ୬ଷ୍ଠ ରାଉଣ୍ଡ ସୁଦ୍ଧା ଆଗୁଆ ରହିଛନ୍ତି। ଏହି ରାଉଣ୍ଡ ଶେଷରେ ସେ ଓ ଅନ୍ୟତମ ଉଦୀୟମାନ ଖେଳାଳି କଟକର ଲଳିତରଞ୍ଜନ ସାହୁ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ତେବେ ବୁକୋଲଜ୍‌ରେ ଆୟୁଷ୍ମାନ ପ୍ରଥମ ସ୍ଥାନରେ ଅଛନ୍ତି। ଏମାନଙ୍କ ପଛକୁ ୧୦ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।



**ରାଜ୍ୟ ସିନିଅର ରେଟିଂ ଚେସ୍**

**କଳିଙ୍ଗରେ ରାଜ୍ୟ ଜୁନିଅର ଭାରୋତ୍ତୋଳନ ଉଦ୍‌ଯାପିତ**

## ଭୁବନେଶ୍ୱର, ଗଞ୍ଜାମ ଚାମ୍ପିଅନ


ଭୁବନେଶ୍ୱର,୨୭।୭ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବିଭାଗରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓ ୧୨ ବର୍ଷରୁ କମ୍ ବିଭାଗରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୧୪ ବର୍ଷରୁ କମ୍‌ରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ରନର୍ସଅପ୍ ଓ ଢେଙ୍କାନାଳ ତୃତୀୟସ୍ଥାନ ଅଧିକାର କରିଛି। ୧୨ ବର୍ଷରୁ କମ୍‌ରେ ଢେଙ୍କାନାଳ ରନର୍ସଅପ୍ ଓ ଭୁବନେଶ୍ୱର ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଓଡବ୍ଲ୍ୟୁଏଚ୍‌ପିସିର ପୂର୍ଣ୍ଣିମା ହାଁସ୍‌ଦା, ବାଳକ ବିଭାଗରେ କଟକ ମଲିଙ୍ଗ ଜିମ୍ନାସିୟମର ରାଜବୀର ଦଳାଇ, ୧୪ ବର୍ଷରୁ କମ୍ ବାଳିକାରେ ଭୁବନେଶ୍ୱର ଓଡବ୍ଲ୍ୟୁଏଚ୍‌ପିସିର ମୋମି କବାସି ଓ ଘାସିରାମ ନାଏକ ଶ୍ରେଷ୍ଠ ଭାରୋତ୍ତୋଳନକାରୀ ଭାବେ ବିବେଚିତ ହୋଇଛନ୍ତି। ଖେଳ ଶେଷରେ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଘ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ସୁଟିଂ ବିଶ୍ୱକପ୍: ଇଶାଙ୍କୁ ସ୍ୱର୍ଣ୍ଣ

ହାଙ୍ଗଝୋଉ, ୨୭।୭ (ଏଜେନ୍ସି): ଚାଇନାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପରେ ଭାରତକୁ ସୋମବାର ଡବଲ୍ ପଦକ ସଫଳତା ମିଳିଛି। ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୨୧ ବର୍ଷୀୟା ଇଶା ୪୦ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଚାଇନାର ଝାଙ୍ଗ ୟୁୟୁ ୩୭ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟର କାଂସ୍ୟ ପଦକ ଭାରତର ମନୁ ଭାକରଙ୍କୁ ମିଳିଥିଲା। ଡବଲ୍ ଅଲିମ୍ପିକ ପଦକ ବିଜୟିନୀ ମନୁ ୨୮ ସ୍କୋର କରିଥିଲେ। ସୁଟିଂ ବିଶ୍ୱକପରେ ଇଶାଙ୍କ ଏହା କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ମେ ମାସରେ ମ୍ୟୁନିକରେ ଅନୁଷ୍ଠିତ ବିଶ୍ୱକପରେ ସେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଚାମ୍ପିଅନ ହୋଇଥିଲେ।




ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS